وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ
ବଦର୍
Weekly
BADAR
Qadian
କାଦିଆନ
Odia

## ଅଲ୍ଲାଃତାଲାଙ୍କ ବାଣୀ

### ଅଲ୍ଲାଃ ଓ ବାର୍ତ୍ତାବହଙ୍କ ଆହ୍ୱାନରେ ଲବ୍‌ବୈକ୍ (ଉପସ୍ଥିତ ଅଛି) ନ କହିବା ବ୍ୟତୀତ ଜୀବନଟା ଜୀବନ ହୋଇପାରିବ ନାହିଁ ।

يٰۤاَيُّهَا الَّذِيۡنَ اٰمَنُوا اسۡتَجِيۡبُوۡا لِلّٰهِ وَلِلرَّسُوۡلِ اِذَا دَعَاكُمۡ لِمَا يُحۡيِيۡكُمۡ ۚ وَاعۡلَمُوۡۤا اَنَّ اللّٰهَ يَحُوۡلُ بَيۡنَ الۡمَرۡءِ وَقَلۡبِهٖ وَاَنَّهٗۤ اِلَيۡهِ تُحۡشَرُوۡنَ ﴿۲۵﴾

**ଅନୁବାଦ**: ହେ ବିଶ୍ୱାସକାରୀମାନେ ! ତୁମେମାନେ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ କଥା ଶୁଣ । କାରଣ ସେ ତୁମମାନଙ୍କୁ ଆଧ୍ୟାତ୍ମିକ ଜୀବନ ପ୍ରଦାନ କରିବା ନିମନ୍ତେ ଡାକନ୍ତି ଏବଂ ମନେରଖ ଯେ, ଅଲ୍ଲାଃତାଲା ମନୁଷ୍ୟର ହୃଦୟ ଅପେକ୍ଷା ତାହାର ଅଧିକ ନିକଟବର୍ତ୍ତୀ ଓ ତୁମମାନଙ୍କୁ  ଜୀବିତ କରି ତାହାଙ୍କ ନିକଟକୁ ଫେରାଇ ନିଆଯିବ । **(ଅଲ୍ ଅନଫାଲ୍ : 25)**

**ସମ୍ପାଦକ:** କମୁଲ୍ ହକ୍ ଖାନ୍ | **ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍ | **ଖଣ୍ଡ: 11 | ସଂଖ୍ୟା: 40** | 17 ରବିଉସ୍ ସାନି, 1448 ହି.କ, 01 ଜୁମାଦିଉଲ୍ ଅୱଲ୍ 1405 ହି.ଶ, 01 Oct 2026



## ଆଁହଜରତ୍ ସ.ଅଙ୍କ ବାଣୀ

### ଅଲ୍ଲାଃତାଲା ନମାଜ୍ ମାଧ୍ୟମରେ ପ୍ରତ୍ୟେକ ପାପକୁ ଧୋଇ ଦେଇଥାଆନ୍ତି ।

عَنۡ أَبِي سَعِيدِ بۡنِ الۡمُعَلَّى رَضِيَ اللّٰهُ عَنۡهُ قَالَ: كُنۡتُ أُصَلِّي، فَمَرَّ بِي رَسُولُ اللّٰهِ صَلَّى اللّٰهُ عَلَيۡهِ وَسَلَّمَ فَدَعَانِي، فَلَمۡ آتِهِ حَتَّى صَلَّيۡتُ، ثُمَّ أَتَيۡتُهُ فَقَالَ: "مَا مَنَعَكَ أَنۡ تَأۡتِيَ، أَلَمۡ يَقُلِ اللّٰهُ: يٰۤاَيُّهَا الَّذِيۡنَ آمَنُوا اسۡتَجِيۡبُوۡا لِلّٰهِ وَلِلرَّسُوۡلِ إِذَا دَعَاكُمۡ (سورة الأنفال آية :25)". ثُمَّ قَالَ: "لَأُعَلِّمَنَّكَ أَعۡظَمَ سُورَةٍ فِي الۡقُرۡآنِ قَبۡلَ أَنۡ أَخۡرُجَ". فَذَهَبَ رَسُولُ اللّٰهِ صَلَّى اللّٰهُ عَلَيۡهِ وَسَلَّمَ لِيَخۡرُجَ، فَذَكَرۡتُ لَهُ، وَقَالَ مُعَاذٌ: حَدَّثَنَا شُعۡبَةُ، عَنۡ خُبَيۡبِ بۡنِ عَبۡدِ الرَّحۡمٰنِ، سَمِعَ حَفۡصًا، سَمِعَ أَبَا سَعِيدٍ رَجُلًا مِنۡ أَصۡحَابِ النَّبِيِّ صَلَّى اللّٰهُ عَلَيۡهِ وَسَلَّمَ بِهٰذَا، وَقَالَ: هِيَ "اَلۡحَمۡدُ لِلّٰهِ رَبِّ الۡعَالَمِيۡنَ (الفاتحة:2) السَّبۡعُ الۡمَثَانِي".

**ଅନୁବାଦ:** ହ. ଅବୁ ସଇଦ୍ ବିନ୍ ମୁଆଲ୍ଲା ର.ଅ ବର୍ଣ୍ଣନା କରିଛନ୍ତି ଯେ, ମୁଁ ନମାଜ୍ ପଢୁଥିଲି ଏବଂ ରସୁଲୁଲ୍ଲାଃ ସ.ଅ ମୋତେ  ଡାକିଲେ । ମୁଁ ଆପଣଙ୍କ ସ.ଅଙ୍କ ସେବାରେ ଉପସ୍ଥିତ ହୋଇପାରିଲି ନାହିଁ । ବରଂ ନମାଜ୍ ସମାପ୍ତ ହେବା ପରେ ଉପସ୍ଥିତ ହେଲି । ଆପଣ ସ.ଅ ପଚାରିଲେ, ହେ ଅବୁ ସଇଦ୍ ! ଆସିବାରେ ଏତେ ବିଳମ୍ବ କାହିଁକି ହେଲା? କ'ଣ ଅଲ୍ଲାଃତାଲା ତୁମକୁ ଆଦେଶ ଦେଇ ନାହାନ୍ତି: يٰۤاَيُّهَا الَّذِيۡنَ اٰمَنُوا اسۡتَجِيۡبُوۡا لِلّٰهِ وَلِلرَّسُوۡلِ إِذَا دَعَاكُمۡ ଅର୍ଥାତ୍ "ହେ ଈଶ୍ୱରଙ୍କ ବିଶ୍ୱାସକାରୀମାୀନେ ! ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଆହ୍ୱାନରେ ଲବ୍‌ବୈକ୍ (ଅର୍ଥାତ୍ ଉପସ୍ଥିତ ଅଛି (ଅର୍ଥାତ୍ ଡାକରର ଉତ୍ତର ଦିଅ)) କୁହ ଯେତେବେଳେ ସେ (ଅର୍ଥାତ୍ ରସୁଲ୍) ତୁମକୁ ଡାକନ୍ତି ।" ଆପଣ ସ.ଅ ପୁନଶ୍ଚ କହିଲେ, ଯେ ମସ୍‌ଜିଦ୍‌ରୁ ବାହାରିବା ପୂର୍ବରୁ ମୁଁ ତୁମକୁ ପବିତ୍ର କୁରଆନ୍‌ର ସର୍ବଶ୍ରେଷ୍ଠ ସୁରାଃ ଶିଖାଇବି । କିଛି ସମୟ ପରେ ଆପଣ ସ.ଅ ଯେତବେଳେ ବାହାରକୁ ଯିବାକୁ ଲାଗିଲେ ସେତେବେଳେ ମୁଁ ଆପଣଙ୍କୁ ମନେ ପକାଇଲି । ମୁଆଜ୍ ବିନ୍ ମୁଆଜ୍ ଅନୱରୀ ଉକ୍ତ ହଦିସକୁ ଏହିପରି ବର୍ଣ୍ଣନା କଲେ ଯେ ଆମ ପାଖରେ ଶୋବା ବର୍ଣ୍ଣନା କଲେ, ତାଙ୍କ ପାଖରୁ ଖବୀବ୍, ସେ ହଫ୍‌ସ୍ ଠାରୁ ଶୁଣିଲେ ଏବଂ ସେ ହ. ଅବୁ ସଇଦ୍ ବିନ୍ ମୁଆଲ୍ଲା ର.ଅଙ୍କ ଠାରୁ ଯେ କି ନବୀ କରୀମ ସ.ଅଙ୍କ ସାଥୀ (ସାହାବି) ଥିଲେ ଶୁଣିଲେ ଏବଂ ବର୍ଣ୍ଣନା କଲେ ଯେ ସେହି ସର୍ବ ଶ୍ରେଷ୍ଠ ସୁରାଃ (ସୁରାଃ ଫାତିହା)(الحمد للہ رب العالمین) ଅଟେ । ଉକ୍ତ ସୁରାଃରେ ସାତଟି ଆୟତ୍ ଅଛି ଯାହା ପ୍ରତ୍ୟେକ ନମାଜରେ ବାରମ୍ବାର ପାଠ କରାଯାଏ । **ବ୍ୟାଖ୍ୟା:** يٰۤاَيُّهَا الَّذِيۡنَ اٰمَنُوا اسۡتَجِيۡبُوۡا لِلّٰهِ وَلِلرَّسُوۡلِ إِذَا دَعَاكُمۡ: ଉକ୍ତ (ଏହି) ଆୟତରେ لِمَا يُحۡيِيۡكُمۡ ର ଅର୍ଥ ହେଉଛି, ସେହି କଥା ଆଡ଼କୁ ଯାହା ତୁମର ସଂଶୋଧନ କରେ । 'اِحۡيَا'ର ଅର୍ଥ 'ସଂଶୋଧନ' ଅଟେ । ଅଲ୍ଲାଃ ଏବଂ ରସୁଲଙ୍କ କଥା ମାନ । କାରଣ ସେମାନେ ସେହି କଥାଗୁଡ଼ିକ ଆଡ଼କୁ ମାର୍ଗଦର୍ଶନ କରନ୍ତି ଯଦ୍ୱାରା ତୁମମାନଙ୍କର ସଂଶୋଧନ ହେବ । ଉକ୍ତ ବିଷୟ ବସ୍ତୁଟି ସୁରାଃ ଆଲେ ଇମ୍ରାନ୍‌ର ଅଧ୍ୟାୟ 12ରେ ମଧ୍ୟ ବର୍ଣ୍ଣିତ ହୋଇଛି । **(ସହି ବୁଖାରୀ କିତାବୁତ୍ ତଫ୍‌ସିରୁଲ୍ କୁରଆନ୍, ହଦିସ୍-4647)**



## ହ. ମସିହ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ ମଉଦ୍ ଅ.ସ)

### ଆଁହଜରତ୍ ସ.ଅଙ୍କ ମହାନ୍ ଐଶୀ ସାମର୍ଥ୍ୟଗତ (ରାଜନୈତିକ ଏବଂ ଶାସନଗତ) ଚମତ୍କାର ।

ପୁଣ୍ୟଶ୍ଳୋକ ହ. ମସିହ ମଉଦ୍ ଅ.ସ କୁହନ୍ତି: "ଏବଂ ଆଁହଜରତ୍ ସ.ଅଙ୍କର ଏଭଳି ଆଉ ଏକ ଚମତ୍କାର ଯାହା 'ଶକ୍କୁଲ୍ କମର୍' (ଚନ୍ଦ୍ର ଦୁଇଫାଳ ହୋଇଯିବା) ଅଟେ, ତାହା ମଧ୍ୟ ସେହି ଐଶୀ ଶକ୍ତି ଦ୍ୱାରା ପ୍ରକାଶ ପାଇଥିଲା । ଏଥିସହିତ କୌଣସି ଦୁଆ (ପ୍ରାର୍ଥନା) ସାମିଲ ନଥିଲା । କାରଣ ତାହା କେବଳ ଆଙ୍ଗୁଠିର ଇଙ୍ଗିତରେ ଯାହା ଈଶ୍ୱରୀୟ ଶକ୍ତିରେ ପରିପୂର୍ଣ୍ଣ ଥିଲା ଘଟିଯାଇଥିଲା । ଏହିପରି ଆହୁରି ଅନେକ ପ୍ରକାରର ଚମତ୍କାର ରହିଛି ଯାହାକୁ କେବଳ ବ୍ୟକ୍ତିଗତ କ୍ଷମତା ତଥା ଶକ୍ତି ସ୍ୱରୂପ ଆଁହଜରତ୍ ସ.ଅ ଦେଖାଇଥିଲେ । ଏହା ସହିତ କୌଣସି ଦୁଆ ସାମିଲ୍ ନଥିଲା । ଅନେକ ଥର ଅଳ୍ପ ପାଣିକୁ ଯାହା କେବଳ ଗୋଟିଏ ପାତ୍ରରେ ଥିଲା ସେହି ପାଣି ଭିତରେ ନିଜର ଆଙ୍ଗୁଠି ପ୍ରବେଶ କରାଇ ଆପଣ ସ.ଅ ଏପରି ବୃଦ୍ଧି କରିଦେଲେ ଯେ, ସମସ୍ତ ସୈନ୍ୟବାହିନୀ, ଓଟ ଓ ଘୋଡ଼ାମାନେ ସେହି ପାଣି ପିଇଲେ । କିନ୍ତୁ ତଥାପି ସେହି ପାଣି ପୂର୍ବବତ୍ ନିଜର ପରିମାଣରେ ମହଜୁଦ୍ ଥିଲା। ଆପଣ ସ.ଅ ଅନେକ ଥର ଦୁଇ ଚାରୋଟି ରୁଟି ଉପରେ ହାତ ରଖି ସହସ୍ର ସହସ୍ର (ହଜାର ହଜାର) ତୃଷାର୍ତ୍ତ (ଭୋକିଲା) ଲୋକଙ୍କୁ ଦ୍ୱାରା ପେଟପୂରା ଖାଇବାକୁ ଦେଲେ। ସେହିପରି କେତେକ ସମୟରେ ଅଳ୍ପ କ୍ଷୀରକୁ ନିଜର ଓଠରୁ କଲ୍ୟାଣମୟ ସ୍ପର୍ଶ କରି ଏକ ଦଳର ପେଟ ସେହି କ୍ଷୀରରେ କ୍ଷୁଧା ନିବାରଣ କରିଦେଲେ । ବେଳେବେଳେ ଆପଣ ସ.ଅ ଲୁଣିଆ ପାଣିର କୂଅରେ ନିଜ ପାଟିର ଲାଳ ପକାଇ ତାକୁ ଅତି ମଧୁର କରିଦେଲେ । ବେଳେବେଳେ ଆପଣ ସ.ଅ ଗମ୍ଭୀର ରୂପେ ଆହତ ହୋଇଥିବା ବ୍ୟକ୍ତିମାନଙ୍କ କ୍ଷତ ଉପରେ ନିଜର ପବିତ୍ର ହାତ ରଖି ସେମାନଙ୍କୁ ଭଲ କରି ଦେଇଥିଲେ । ଅନେକ ସମୟରେ ଆପଣ ସ.ଅ ଚକ୍ଷୁର ଡୋଳାଗୁଡ଼ିକ ଯାହାକି ଯୁଦ୍ଧର କୌଣସି ଆଘାତରୁ ବାହାରକୁ ବାହାରି ଆସିଥିଲା ସେହି ଚକ୍ଷୁ ଡୋଳାଗୁଡ଼ିକୁ ଆପଣ ସ.ଅ ନିଜର ପବିତ୍ର ହସ୍ତର କଲ୍ୟାଣ ଦ୍ୱାରା ପୁନର୍ବାର ଯଥା ସ୍ଥାନରେ ବସାଇ ଠିକ୍ କରି ଦେଇଥିଲେ । ସେହିପରି ଆହୁରି ଅନେକ କାର୍ଯ୍ୟ ରହିଛି ଯାହା ଆପଣ ସ.ଅ ନିଜର ବ୍ୟକ୍ତିଗତ ସାମର୍ଥ୍ୟତା ଦ୍ୱାରା ସମ୍ପାଦନ କଲେ ଯାହା ସହିତ ଏକ ଲୁକ୍କାୟିତ ଐଶୀ ଶକ୍ତି ମିଳିତ ରହିଥିଲା ।"

**(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-5, ପୃଷ୍ଠା-65-66)**

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ (ତବରରୁକାତେ ହ. ମୁସଲେହ୍ ମଉଦ୍ ର.ଅ)

### ଅହ୍ୟା ଏ ମୌତା (ମୃତ ବ୍ୟକ୍ତିମାନଙ୍କୁ ଜୀବିତ କରିବା)ର ଅର୍ଥ ଏହିକି ଯେ, ଏଭଳି ରୋଗୀମାନେ ଯେଉଁମାନେ ମୃତକମାନଙ୍କ ପରି ଅଟନ୍ତି, ସେମାନଙ୍କୁ ଜୀବିତ କରିବା ।

ସୟେଦିନା ହ. ଖଲିଫତୁଲ୍ ମସିହ ସାନି ତଥା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ହିଜର୍‌ର ଆୟତ୍ كَذٰلِكَ يُحۡيِ اللّٰهُ الۡمَوۡتٰى ର ବ୍ୟାଖ୍ୟା କରି କୁହନ୍ତି: "كَذٰلِكَ يُحۡيِ اللّٰهُ الۡمَوۡتٰى ରେ 'اِحۡيَاءِ مَوۡتٰى' (ମୃତକମାନଙ୍କୁ ଜୀବିତ କରିବା)ର ଦୁଇଟି ଅର୍ଥ ରହିଛି ପ୍ରଥମଟି ଏହା ଯେ, ଅଲ୍ଲାଃତାଲା ଏହିପରି ମୃତକମାନଙ୍କୁ ଜୀବିତ କରନ୍ତି, ଅର୍ଥାତ୍ ପ୍ରକୃତ ମୃର୍ତକମାନଙ୍କୁ ଜୀବୀତ କରି ଏହି ଦୁନିଆକୁ ଫେରାଇ ଆଣନ୍ତି । ଏହି ଅର୍ଥ ଏଠାରେ ନିଆଯାଇପାରିବ ନାହିଁ କାରଣ ପବିତ୍ର କୁରଆନ୍ କୀରମ୍‌ର ଅନ୍ୟ ଆୟତ୍‌ଗୁଡ଼ିକ ଏହି ଅର୍ଥର ବିରୁଦ୍ଧାଚରଣ କରନ୍ତି ଏବଂ ସେହି ଆୟତ୍‌ମାନଙ୍କରୁ ପ୍ରମାଣିତ ହୁଏ ଯେ, ପ୍ରକୃତ ମୃତକମାନେ ଏହି ସଂସାରକୁ କେବେ ଫେରି ପାରିବେ ନାହିଁ । ଏହି ଆୟତ୍‌ର ଗୋଟିଏ ଅର୍ଥ ଏହା ମଧ୍ୟ ହୋଇପାରିବ ଯେ, ଯେଉଁ ଲୋକମାନେ ମୃତ ବ୍ୟକ୍ତିମାନଙ୍କ ପରି ଅଟନ୍ତି ସେମାନଙ୍କୁ ଜୀବିତ କରିଦେବା । ଏହି ଅର୍ଥ ସାଧାରଣ ପ୍ରଚଳିତ ଭାଷା (ମୁହାୱରା ଅର୍ଥାତ୍ ପ୍ରବାଦ ବା ରୂଢ଼ି) ଅନୁସାରେ ପ୍ରଯୁଜ୍ୟ ଅଟେ । କେତେକ ସମୟରେ ଗୋଟିଏ ଜିନିଷ ଅନ୍ୟ ଜିନିଷ ସହିତ ଏପରି ସଦୃଶ ହୋଇଯାଏ ଯେ, ତା'ର ନାମ ତାକୁ ଅବଶିଷ୍ଟାଂଶ... ପୃ-8 ରେ

## ଅହମଦିୟା ଖବର

### ଅଲ୍‌ହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍[ଅ.ବ] ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ ।  ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍[ଅ.ବ]ଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

## ସମ୍ପାଦକୀୟ

# ଅଲ୍ଲାଃତାଲା ସଫଳତା ଏବଂ କଲ୍ୟାଣ ନିମନ୍ତେ ଧର୍ମପରାୟଣତାକୁ ସର୍ତ୍ତ ରଖିଛନ୍ତି ।

لَاۤ اِلٰہَ اِلَّا اللّٰہُ مُحَمَّدٌ رَّسُوۡلُ اللّٰہِ

ହ. ଅମୀରୁଲ୍ ମୁମିନିନ୍ ତଥା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ପ୍ରେରଣାଦାୟୀ ଉଦ୍‌ବୋଧନ ମାଧ୍ୟମରେ ଜମାଅତ୍ ଅହମଦିୟା ୟୁ.କେର 60ତମ ବାର୍ଷିକ ଜଲ୍‌ସା (ସାଲାନା)ର ଶୁଭାରମ୍ଭ କରିଥିଲେ । ବାର୍ଷିକ ଜଲସା ସାଲାନା ୟୁକେ 2026 ମସିହା ଅବସରରେ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଉଦଘାଟନୀ ଉଦ୍‌ବୋଧନର ସାରାଂଶ ନିମ୍ନରେ ପ୍ରଦାନ କରାଗଲା: ତଶହୁଦ, ତାଉଜ ଏବଂ ସୁରତୁଲ୍ ଫାତିହା ପାଠ ପରେ ହୁଜୁର୍ ଅନ୍‌ୱର୍ ଅ.ବ କହିଲେ: ହ. ମସିହ୍ ମଉଦ୍ ଅ.ସ ଜଲସାର ଉଦ୍ଦେଶ୍ୟ ବର୍ଣ୍ଣନା କରି କୁହନ୍ତି ଯେ, ଆମେ ଏହି ଜଲ୍‌ସା ଏଥିପାଇଁ ଆୟୋଜନ କରୁଛୁ ଯେପରିକି ଆମମାନଙ୍କ ଭିତରେ ଅଲ୍ଲାଃତାଲାଙ୍କ ଭୟ ସୃଷ୍ଟି ହେଉ ଏବଂ ଆମେ ସଂଯମ, ଧର୍ମପରାୟଣ, ଈଶ୍ୱରଭୀରୁତା, କୋମଳତା, ଏବଂ ପାରସ୍ପରିକ ପ୍ରେମ ଓ ଭ୍ରାତୃତ୍ୱରେ ପରସ୍ପର ପାଇଁ ଉଦାହରଣ ପାଲଟିଯିବା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେଣୁ ଉକ୍ତ ଉଦ୍ଦେଶ୍ୟ ସକାଶେ ଏହି ଜଲ୍‌ସାଗୁଡ଼ିକର ଆୟୋଜନ ହୋଇଥାଏ ଏବଂ ଉକ୍ତ ଉଦ୍ଦେଶ୍ୟ ପାଇଁ ଆଜି ଆପଣମାନେ ଏଠାରେ ଏକତ୍ରିତ ହୋଇଛନ୍ତି । ଏହି କଥା ସର୍ବଦା ମନେ ରଖିବା ଉଚିତ୍ ଯେ, ଯଦି ଆମେମାନେ ଏହି ଉଦ୍ଦେଶ୍ୟ ହାସଲ୍ କରିବା ପାଇଁ ପୂର୍ଣ୍ଣ ଚେଷ୍ଟା ନକରୁ ତେବେ ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ (ଦୀକ୍ଷା ଗ୍ରହଣ କରିବା)ରେ ଆସିବା ମଧ୍ୟ ନିରର୍ଥକ ଅଟେ ଓ ଏହି ଜଲ୍‌ସାମାନଙ୍କରେ ଆସିବା ମଧ୍ୟ ନିରର୍ଥକ ଓ ନିଷ୍ପ୍ରୟୋଜନ ଅଟେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକଥା ଆମକୁ ମନେ ରଖିବାକୁ ହେବ ଯେ, ଇସ୍‌ଲାମ୍ ଧର୍ମର ଶିକ୍ଷାର ମୂଳ ଭିତ୍ତି ହେଉଛି ଧର୍ମପରାୟଣ (ଅର୍ଥାତ୍ ଧର୍ମନିଷ୍ଠତା ବା ଧର୍ମପରାୟଣତା)। ଯଦି ବ୍ୟକ୍ତି ମଧ୍ୟରେ ଧର୍ମପରାୟଣତା ରହିଛି ତେବେ ମଣିଷ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରଦତ୍ତ (ଦିଆଯାଇଥିବା) ଶିକ୍ଷା ଉପରେ ପରିଚାଳିତ ହୋଇପାରିବ । ନଚେତ୍ ଧର୍ମ ଉପରେ ଚାଲିବାର ଆମର ସ୍ଲୋଗାନ୍ କେବଳ ଏକ ସ୍ଲୋଗାନ ହୋଇ ରହିଯିବ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏହି ମୂଳ ଉଦ୍ଦେଶ୍ୟକୁ ନିଜର ଏକ କବିତାରେ ଏହିପରି ପ୍ରକାଶ କରିଛନ୍ତି:

ہر اک نیکی کی جڑ یہ اتقا ہے
اگر یہ جڑ رہی سب کچھ رہا ہے

"ହର ଏକ ନେକୀ କୀ ଜଡ଼ ୟେ ଇତ୍ତିକା ହୈ
ଅଗର ୟେ ଜଡ଼ ରହି ସବ କୁଛ ରହା ହୈ ।"

ଅର୍ଥାତ୍ ପ୍ରତ୍ୟେକ ପୁଣ୍ୟର ମୂଳ ହେଉଛି ଧର୍ମପରାୟଣତା। ଯଦି ଏହି ମୂଳଟି ରହିଲା ତେବେ ଜାଣ ସବୁକିଛି ରହିଲା । ହୁଜୁର୍ ଅନୱର୍ ଅ.ବ କହିଲେ, ଏହି ଦ୍ୱିତୀୟ ଧାଡ଼ିଟି ଅଲ୍ଲାଃତାଲା ଆପଣ ଅ.ସଙ୍କୁ ଇଲ୍‌ହାମ (ଐଶୀବାଣୀ) କରିଥିଲେ । ତେଣୁ ଧର୍ମପରାୟଣତା ହିଁ ପ୍ରକୃତ ମୂଳ ଅଟେ । ସୁତରାଂ ଯେପର୍ଯ୍ୟନ୍ତ ଏହା ଆମମାନଙ୍କ ମଧ୍ୟରେ ରହିବ ସେପର୍ଯ୍ୟନ୍ତ ଆମେମାନେ ନିଜ ଉଦ୍ଦେଶ୍ୟରେ ସଫଳ ଓ କୃତକାର୍ଯ୍ୟ ହେଉଥିବୁ । ପବିତ୍ର କୁରଆନ୍ କରୀମ୍ ଏବଂ ଶରୀୟତ୍ (ଧର୍ମବିଧାନ) ଉପରେ ପୂର୍ଣ୍ଣ ବିଶ୍ୱାସ ଆଣିବା ପାଇଁ ଧର୍ମପରାୟଣତା ଅତ୍ୟନ୍ତ ଆବଶ୍ୟକ ଅଟେ । ଉପାସନା ସମ୍ପାଦନ କରିବା ପାଇଁ ଧର୍ମପରାୟଣତା ଆବଶ୍ୟକ ଅଟେ ଓ ପାରିବାରିକ ପ୍ରସଙ୍ଗରେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ମଧ୍ୟ ଧର୍ମପରାୟଣତା ଆବଶ୍ୟକ ଅଟେ ।

ଇସ୍‌ଲାମ ଧର୍ମରେ ସବୁଠାରୁ ସମ୍ମାନିତ ତଥା ସମ୍ମାନାସ୍ପଦ ସେହି ବ୍ୟକ୍ତି ଅଟେ ଯିଏ ଧର୍ମପରାୟଣ ଅଟେ । ଅଲ୍ଲାଃତାଲା କୁହନ୍ତି, ଯେ ସେ ଧର୍ମପରାୟଣମାନଙ୍କର ମିତ୍ର ଏବଂ ସହାୟକ ଅଟନ୍ତି । ସେ ଧର୍ମପରାୟଣମାନଙ୍କୁ ଭଲ ପାଆନ୍ତି ଏବଂ ସର୍ବୋତ୍ତମ ପରିଣାମ ଧର୍ମପରାୟଣମାନଙ୍କ ପାଇଁ ହିଁ ହେବ । ନବୀ କରୀମ୍ ସ.ଅଙ୍କ ପୂର୍ଣ୍ଣ ଆଜ୍ଞାପାଳନ (ଆଜ୍ଞାବହତା ପରିପ୍ରକାଶ) ପାଇଁ ମଧ୍ୟ ଧର୍ମପରାୟଣତାକୁ ଆବଶ୍ୟକ ବୋଲି କୁହାଯାଇଛି । ଆମେମାନେ ଯେତେ ପ୍ରତିଜ୍ଞା ତଥା ଅଙ୍ଗୀକାର କରୁ ପଛେ ଯେତେ ସ୍ଲୋଗାନ୍ ଦେଉ ପଛେ, ଆମେ ଜମାଅତ୍ ସହ ଜଡ଼ିତ (ସଂଶ୍ଳିଷ୍ଟ) ଅଟୁ । ଆମେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ରେ ଆସିଛୁ । ଆମେ ହ. ମୁହମ୍ମଦ୍ ସ.ଅଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖୁଛୁ ଏବଂ ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖୁଛେ । କିନ୍ତୁ ଯଦି ଆମ ଭିତରେ ଧର୍ମପରାୟଣ ନାହିଁ ତେବେ ଏହି ସ୍ଲୋଗାନ୍‌ଗୁଡ଼ିକ କେବଳ ଫମ୍ପା ସ୍ଲୋଗାନ୍ ହୋଇ ରହିଯିବ ।

ଅଲ୍ଲାଃତାଲା ସଫଳତା ପାଇଁ ଧର୍ମପରାୟଣତାକୁ ସର୍ତ୍ତ ରୂପେ ଧାର୍ଯ୍ୟ କରିଛନ୍ତି । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଅନେକ ସ୍ଥାନରେ ଧର୍ମପରାୟଣର ଗୁରୁତ୍ୱକୁ ସ୍ପଷ୍ଟ କରିଛନ୍ତି । ଅଲ୍ଲାଃତାଲା ଉପଦେଶ ଦେଇଛନ୍ତି ଯେ, ତୁମେମାନେ ଧର୍ମପରାୟଣତାରେ ଆଗେଇବାକୁ ଚେଷ୍ଟା କର ତେବେ ବିଶ୍ୱାସ ଏବଂ ଅଲ୍ଲାଃଙ୍କ ସାନିଧ୍ୟ ପ୍ରାପ୍ତିରେ ମଧ୍ୟ ଆଗେଇବ । ଯଦି ଆମକୁ ସଫଳତା ହାସଲ କରିବାର ଅଛି ତେବେ ନିଜର ସୁଧାର ଅର୍ଥାତ୍ ଆତ୍ମ ସଂଶୋଧନ କରିବା ଉଚିତ୍, ଯଦି ଆମମାନଙ୍କୁ ପ୍ରଭୁଙ୍କ ସାନିଧ୍ୟ ପ୍ରାପ୍ତ କରିବା ଅଛି ତେବେ ସେଥିପାଇଁ ଆମମାନଙ୍କୁ ଧର୍ମପରାୟଣ ହେବାକୁ ପଡ଼ିବ ।

ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ପ୍ରାରମ୍ଭରେ ହିଁ କହି ଦେଇଛନ୍ତି ଯେ, ଏହା ଏପରି ଏକ ଗ୍ରନ୍ଥ ଯାହା ଅଲ୍ଲାଃଙ୍କ ପକ୍ଷରୁ ଅବତୀର୍ଣ୍ଣ ହେବାରେ କୌଣସି ସନ୍ଦେହ ନାହିଁ । ଅର୍ଥାତ୍ ଏହା ଧର୍ମପରାୟଣ ବ୍ୟକ୍ତିମାନଙ୍କ ପାଇଁ ମାର୍ଗଦର୍ଶକ ଅଟେ । ଅର୍ଥାତ୍ ଅଲ୍ଲାଃତାଲା ସ୍ପଷ୍ଟ କରିଦେଲେ ଯେ, ତୁମେମାନେ ଅଲ୍ଲାଃଙ୍କ ଗ୍ରନ୍ଥ, ତାହାଙ୍କ ସନ୍ଦେଶ, ଏବଂ ତାହାଙ୍କ ଧର୍ମବିଧାନରୁ ସେତେବେଳେ ହିଁ ଲାଭ ଉଠାଇପାରିବ ଯେତେବେଳେ ତୁମ ମଧ୍ୟରେ ଧର୍ମପରାୟଣତା ଥିବ । ତେଣୁ ଉକ୍ତ କଥାକୁ ସର୍ବଦା ଆପଣମାନେ ନିଜ ସମ୍ମୁଖରେ ରଖିବା ଉଚିତ । କାରଣ ଧର୍ମପରାୟଣ ବିନା ଇସ୍‌ଲାମ୍ ଧର୍ମରେ ମଣିଷର କୌଣସି ସ୍ଥାନ ହିଁ ନାହିଁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ତ' ନିଜ ଅବତୀର୍ଣ୍ଣର ମୂଳ ଉଦ୍ଦେଶ୍ୟ ଏହା ବୋଲି ଦର୍ଶାଇଛି ଯେ, ଏହା ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ଆମମାନଙ୍କୁ ଧର୍ମପରାୟଣତାର ମାର୍ଗ ଶିଖାଇଥାଏ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଆଉ ଏକ ସ୍ଥାନରେ କୁହନ୍ତି ଯେ, ମୋମିନ୍ (ଅର୍ଥାତ୍ ବିଶ୍ୱାସକାରୀ) ମାନଙ୍କ ପାଇଁ ତ' ଅଲ୍ଲାଃତାଲା ଏହି ପବିତ୍ର କୁରଆନ୍ କରୀମ୍‌ରେ ଆରୋଗ୍ୟ ଏବଂ ରହମତ୍ (ଦୟା) ରଖିଛନ୍ତି । କିନ୍ତୁ ଅତ୍ୟାଚାରୀମାନଙ୍କ ପାଇଁ ଏହା କେବଳ କ୍ଷତି ହିଁ ବୃଦ୍ଧି କରିଥାଏ । ଯେଉଁ ଲୋକମାନଙ୍କ ମଧ୍ୟରେ ଧର୍ମପରାୟଣତା ନାହିଁ ପବିତ୍ର କୁରଆନ୍ କରୀମ୍ ସେମାନଙ୍କୁ କୌଣସି ମାର୍ଗ ଦେଖାଇପାରିବ ନାହିଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆମ ଶରିୟତ୍ (ଧର୍ମବିଧାନ) ଏବଂ ପବିତ୍ର କୁରଆନ୍ କରୀମ୍‌ରେ ଏହି ଆଦେଶ ରହିଛି ଯେ, ନିଜର ଦୃଷ୍ଟିକୁ ସଂଯମିତ ରଖ (ଗଜ୍‌ଜେ ବସର୍) ଏବଂ ନଜର ଆଖିକୁ ତଳେ ରଖ । ଅର୍ଥାତ୍ ତଳେ ଚାହଁ । ଯଦି ଲୋକମାନେ ଏହା ଉପରେ କାର୍ଯ୍ୟାନୁସରଣ କରିବାକୁ ଲାଗିବେ ଏବଂ ଧର୍ମପରାୟଣର ଏହି ଅବସ୍ଥା ସୃଷ୍ଟି ହୋଇଯିବ ତେବେ ସେପରିପ୍ରେକ୍ଷୀରେ ମଣିଷ ଅନେକ ପାପରୁ ବର୍ତ୍ତିପାରିବ । ଆଜିକାଲିର ସମାଜରେ ଏହିସବୁ ପାପ ହିଁ ଦୁନିଆକୁ ବିନାଶ ଆଡ଼କୁ ନେଇଯାଉଛି ।"

ହୁଜୁର୍ ଅ.ବ କହିଲେ, "ନାରୀମାନଙ୍କ ସୌନ୍ଦର୍ଯ୍ୟର କାହାଣୀ ଶୁଣ ନାହିଁ ଏବଂ ସେହି କାର୍ଯ୍ୟଗୁଡ଼ିକରୁ ଦୂରେଇ ରୁହ ଯଦ୍ୱାରାକି ତୁମେମାନେ ଝୁଣ୍ଟିପାର । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, "ନବୀ କରୀମ ସ.ଅଙ୍କ ଉପରେ ବିଶ୍ୱାସ ଆଣିବା ଏବଂ ଆପଣ ସ.ଅଙ୍କର ନିର୍ଦ୍ଦେଶ ତଥା ନମାଜ୍ ଇତ୍ୟାଦି ପାଳନ କରିବା ବିନା ମୁକ୍ତି ମିଳିପାରିବ ନାହିଁ । କେତେକ ଲୋକ ଏହି ପ୍ରଶ୍ନ କରନ୍ତି ଯେ, ଅନ୍ୟ ଧର୍ମର ଲୋକମାନେ ମଧ୍ୟ ଦାବି କରନ୍ତି ଯେ, ସେମାନେ ସତ୍ୟବାଦୀ ଅଟନ୍ତି । କିନ୍ତୁ ବାସ୍ତବତା ଏହା ହିଁ ଯେ, ଇସ୍‌ଲାମ୍ ଧର୍ମ ଏବଂ ମହବାତାର ହ. ମୁହମ୍ମଦ୍ ସ.ଅଙ୍କ ବ୍ୟତୀତ ଅନ୍ୟ କୌଣସି ଧର୍ମର ଏହି ଦାବି ନାହିଁ ଯେ ସେମାନେ ସମଗ୍ର ଦୁନିଆ ପାଇଁ ଆସିଛନ୍ତି । ମଣିଷର କାମ ହେଲା ସେ ମାଗିବାରୁ କେବେ ବି ନଅଟକୁ ଏବଂ ଅଲ୍ଲାଃତାଲାଙ୍କ ପ୍ରେମ ପାଇଁ ତାହାଙ୍କ ଠାରୁ ହିଁ ମାଗି ଚାଲିବା ଉଚିତ୍ ।" ଆପଣ ଅ.ସ ପୁନଶ୍ଚ କୁହନ୍ତି ଯେ, "ସେଇଥିପାଇଁ ଅଲ୍ଲାଃତାଲା କୁହନ୍ତି ଯେ, ଧର୍ମପରାୟଣ ହେଉଛନ୍ତି ସେହିମାନେ ଯେଉଁମାନେ ନମାଜ୍ କାଏମ କରନ୍ତି (ନିୟମିତ ନମାଜ୍ ପାଠ କରନ୍ତି) । ଅର୍ଥାତ୍ ଠିଆ (ଛିଡ଼ା) ହୋଇ ସେହି ଜିନିଷକୁ କରାଯାଏ ଯାହା ଖସିପଡ଼ିବା ପାଇଁ ପ୍ରସ୍ତୁତ ଥାଏ । ଅର୍ଥାତ୍ ଯାହାର ପଡ଼ିଯିବାର ଭୟ ରହିଥାଏ । ମାନବୀୟ ଚେଷ୍ଟା ଅଲ୍ଲାଃତାଲାଙ୍କ କୃପା ତଥା ଅନୁଗ୍ରହ ବିନା ବ୍ୟର୍ଥ ଅଟେ । ସେଇଥିପାଇଁ ସେହି ଦୟାଳୁ ଓ କୃପାଳୁ ଈଶ୍ୱର କୁହନ୍ତି ଯେ, ଯେତେଦୂର ସମ୍ଭବ ସେମାନେ ଧର୍ମପରାୟଣ ମାର୍ଗରେ ନମାଜ୍ କାଏମ କରିବାକୁ ଚେଷ୍ଟା କରନ୍ତୁ । ତା'ପରେ ଯଦି ସେମାନେ ମୋର ବାଣୀ ଉପରେ ବିଶ୍ୱାସ ଆଣନ୍ତି ତେବେ ମୁଁ ସେମାନଙ୍କୁ ସେମାନଙ୍କ ଚେଷ୍ଟା ଉପରେ (ଯୋଗୁଁ) ଛାଡ଼ିଦେବି ନାହିଁ ବରଂ ମୁଁ ନିଜେ ସେମାନଙ୍କ ହାତ ଧରିବି । ସେତେବେଳେ ସେମାନଙ୍କ ନମାଜ୍ ଅନ୍ୟ ଏକ ରୂପ ନେବ । ସେଥିରେ ଏପରି ଏକ ଅବସ୍ଥା ସୃଷ୍ଟି ହୋଇଯିବ ଯାହା ସେମାନଙ୍କ କଳ୍ପନା ଓ ଧାରଣାରେ ମଧ୍ୟ ନଥିବ । "

ହୁଜୁର୍ ଅ.ସ କହିଲେ, "ସେହିପରି ଆର୍ଥିକ ଉପାସନା ମଧ୍ୟ ରହିଛି । ଯେତେଦୂର ସମ୍ଭବ ତାହା କେବଳ ଏତିକି ହିଁ ଯେ, ନିଜର ପ୍ରିୟ ସମ୍ପତ୍ତିରୁ କିଛି ଅଲ୍ଲାଃତାଲାଙ୍କ ପାଇଁ ଦାନ ଦେଇଦେବ । ସେଇଥିପାଇଁ ଅଲ୍ଲାଃତାଲା କୁହନ୍ତି ଯେ, ଏମାନେ ସେହି ଲୋକ ଅଟନ୍ତି ଯେଉଁମାନେ ଆମ ଦେଇଥିବା ଧନରୁ ହିଁ ଖର୍ଚ୍ଚ କରନ୍ତି (وَمِمَّا رَزَقْنٰهُمْ يُنْفِقُوْنَ)।" ଆପଣ କହିଲେ, "ମଣିଷକୁ ଯାହା କିଛି ପ୍ରତ୍ୟେକ ପ୍ରକାରର ପୁରସ୍କାର (ଆଶୀର୍ବାଦ) ଯଥା: ତା'ର ଜୀବନ, ସ୍ୱାସ୍ଥ୍ୟ, ଜ୍ଞାନ, ଶକ୍ତି, ଏବଂ ଧନ ଇତ୍ୟାଦି ଦିଆଯାଇଛି ସେ ସମ୍ବନ୍ଧରେ ମଣିଷ ନିଜ ପ୍ରଚେଷ୍ଟା ବଳରେ କେବଳ "ମିମ୍ମା ରଜକ୍‌ନାହୁମ ୟୁନ୍‌ଫିକୁନ୍" (ଆମେ ଦେଇଥିବା ଧନରୁ ହିଁ ଖର୍ଚ୍ଚ କରନ୍ତି) ପର୍ଯ୍ୟନ୍ତ ନିଜର ନିଷ୍ଠା ପରିପ୍ରକାଶ କରିପାରିବ ଏହାଠାରୁ ଅଧିକ ମାନବୀୟ ଶକ୍ତିର ସାମର୍ଥ୍ୟ ନାହିଁ । ହୁଜୁର୍ ଅ.ସ କହିଲେ, ମନୁଷ୍ୟ ମନେରେ ଏହି ଯେଉଁ ଭାବନାଟି ରହିଛି ଯେ "ଏହା (ଏଇଟା) ମୋର ଜିନିଷ" ତାହା ମଧ୍ୟ ଏକ ପ୍ରକାରର ରୋଗ ଅଟେ । ଯଦି ତୁମେମାନେ ପ୍ରତ୍ୟେକଟି ଜିନିଷକୁ ଅଲ୍ଲାଃତାଲାଙ୍କର ବୋଲି ମନେକରିବ ତେବେ ଏହା ହିଁ ପ୍ରକୃତ ଧର୍ମପରାୟଣତା ଅଟେ ।"

ହୁଜୁ ର ଅ.ସ କୁହନ୍ତି ଯେ, "ନମାଜକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପାଠ କରିବା ଉଚିତ୍ । କାରଣ ନମାଜ୍ ସମସ୍ତ ଉନ୍ନତିର ମୂଳ ଏବଂ ସୋପାନ (ପାହାଚ) ଅଟେ । ସେଇଥି ପାଇଁ କୁହାଯାଇଛି ଯେ, ନମାଜ୍ ବିଶ୍ୱାସକାରୀର ମେରାଜ (ଉଚ୍ଚତମ ସ୍ଥିତି) ଅଟେ । ଏହି ଧର୍ମ (ଇସ୍‌ଲାମ୍)ରେ ହଜାର ହଜାର, ଲକ୍ଷ ଲକ୍ଷ ଅଲ୍ଲାଃଙ୍କ ପ୍ରିୟଜନ (ଔଲିଆ), ସତ୍ୟବାଦୀ, ସାଧୁ ସନ୍ଥ, ମନୀଷୀମାନେ ଅତିକ୍ରାନ୍ତ ହୋଇଯାଇଛନ୍ତି । ସେମାନେ ଏହି ପଦବୀ ଓ ସ୍ଥାନ କିପରି ହାସଲ କଲେ ? ସେମାନେ ଏହି ନମାଜ୍ ମାଧ୍ୟମରେ ହିଁ ଉପରୋକ୍ତ ମର୍ଯ୍ୟାଦା ଲାଭ କଲେ ।" ହ. ମୁହମ୍ମଦ୍ ସ.ଅ କୁହନ୍ତି ଯେ, ମୋ ଆଖିର ଶୀତଳତା ନମାଜରେ ରହିଛି। ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, "ପବିତ୍ର କୁରଆନ୍ କରୀମ୍‌କୁ ବୁଝିବା ଏବଂ ତଦନୁସାରେ ମାର୍ଗଦର୍ଶନ ପ୍ରାପ୍ତ କରିବା ପାଇଁ ଧର୍ମପରାୟଣତା ଏକାନ୍ତ ଆବଶ୍ୟକ ଅଟେ ।" ପୁନଶ୍ଚ ଆପଣ ଅବଶିଷ୍ଟାଂଶ...ପୃ-04ରେ



(ଖୁତ୍‌ବା ଜୁମା)

## କୃତଜ୍ଞତା ସଂପର୍କରେ ହ. ମସିହ ମଉଦ୍ ଅ.ସଙ୍କ ପବିତ୍ର ଶିକ୍ଷା ଓ ବ୍ୟବହାରିକ ଆଦର୍ଶ ।

**ଖୁତ୍‌ବା ଜୁମା 21 AUG 2026 ମସିହା ଅନୁଯାୟୀ ୨୧ ଜହୁର୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

الرَّجِيْمِ. بِسْمِ اللهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ
وَاِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଆପଣ ଅ.ସଙ୍କ ସାଥୀ (ଅସହାବ୍)ମାନଙ୍କୁ କୃତଜ୍ଞତାଆଡ଼କୁ ଏତେ ଗଭୀରତାର ସହିତ ଧ୍ୟାନ ଆକର୍ଷିତ କରାଉଥିଲେ ଯେ, ଏହି ବିଷୟରେ ହ. ପୀର୍ ସିରାଜୁଲ ହକ୍ ସାହେବ ନୁମାନୀ ର.ଅ ବର୍ଣ୍ଣନା କରିଛନ୍ତି ଯେ, ହ. ମସିହ୍ ମଉଦ୍ ଅ.ସ ଏକ ଅବସରରେ ତାଙ୍କୁ ପଚାରିଲେ, "ଆଜି ତୁମର ଏବଂ ମୀରାଁ ବକ୍ସ ସୌଦାୟୀଙ୍କ ମଧ୍ୟରେ କେଉଁ କଥାକୁ ନେଇ ବଚସା (ଝଗଡ଼ା) ହେଉଥିଲା ?" ସେଠାରେ ଜଣେ ପାଗଳ ତଥା ମାନସିକ ଅସନ୍ତୁଳିତ ବ୍ୟକ୍ତି ଥିଲା, ତା ସହିତ ପୀର୍ ସାହେବ ର.ଅଙ୍କ କୌଣସି କଥାକୁ କେନ୍ଦ୍ର କରି ବାଦ ବିବାଦ ହୋଇଥିବ । ତେଣୁ ସେ କୁହନ୍ତି, "ମୁଁ ଡରିଗଲି ଯେ, ଭଗବାନ ଜାଣନ୍ତି ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କ'ଣ କହିବେ ? ଆପଣ ଅ.ସ ଆମର ସବୁ କଥା ଶୁଣିଥିବେ । ମୁଁ ଡରି ଡରି ସବୁ ବୃତ୍ତାନ୍ତ (କଥା) କହିଲି । ଆପଣ ଅ.ସ କହିଲେ, "ଏହି ସୌଦାୟୀ ମଜନୁନ୍ 'ମର୍ଫୁଉଲ କଲମ୍' (ଯାହାର ଭୁଲ୍-ଭଟକା ଲେଖାଯାଏ ନାହିଁ) ଅଟନ୍ତି ।" ଅର୍ଥାତ୍ ଏପରି ଜଣେ ବ୍ୟକ୍ତି ଯାହାର କୌଣସି ଚିନ୍ତାଶକ୍ତି ନଥାଏ ଏବଂ ଯାହା ଉପରେ ଧର୍ମବିଧାନ୍ ଅନୁସାରେ ଭଲ କିମ୍ବା ଖରାପ କର୍ମ ଲେଖାଯାଏ ନାହିଁ । ତା'ର ପାପ ଉପରେ କୌଣସି ଧରପକଡ଼ ନଥାଏ।" ତେଣୁ ଆପଣ ଅ.ସ କହିଲେ ଯେ, "ଏମାନେ ଏପରି ଲୋକ ଅଟନ୍ତି ଯେ, ଏପରି ଅବସ୍ଥାରେ ସେମାନେ ଯାହା କୁହନ୍ତୁ କିମ୍ବା କରନ୍ତୁ ସେଥିପାଇଁ ସେମାନଙ୍କର କୌଣସି ଧରପକଡ଼ ହୁଏ ନାହିଁ।" ଚିନ୍ତାଶକ୍ତି ହିଁ ନାହିଁ, ତେବେ ଧରପକଡ଼ କ'ଣ ହେବ ! ଧରପକଡ଼ ତ' ତାହାର ହୁଏ ଯାହାର କିଛି ବୁଦ୍ଧି ଥାଏ । ଆପଣ ଅ.ସ କହିଲେ, "ଏପରି ଲୋକଙ୍କୁ ଦୁନିଆ ମଯଜୁବ, ୱଲିଉଲ୍ଲାହ, କୁତବ୍, ସାହେବେ ଖିଦ୍‌ମତ୍ ବୋଲି କହିଥାଏ । କିନ୍ତୁ ଏହା ଭୁଲ୍ ଅଟେ । ବାସ୍ତବରେ ଏହି ଲୋକମାନେ ମଯଜୁବ କିମ୍ବା ୱଲିଉଲ୍ଲାଃ ନୁହଁନ୍ତି। ଏହି ଲୋକମାନେ ବଞ୍ଚିତ (ମହରୁମ୍) ଅଟନ୍ତି । ଅର୍ଥାତ୍ ସମସ୍ତ ଐଶ୍ୱରୀୟ ପୁରସ୍କାର (ସୁବିଧା, ଉପକାର, ଅନୁଗ୍ରହ)ରୁ ବଞ୍ଚିତ ରୁହନ୍ତି । ସେହିପରି ବୁଦ୍ଧି, ଜ୍ଞାନ, ପୋଷାକ, ଖାଇବା ପିଇବାର ସ୍ୱାଦ, ସ୍ତ୍ରୀ-ପିଲାମାନଙ୍କର ଏବଂ ସେମାନଙ୍କ ପାଳନ ପୋଷଣର ପୁରସ୍କାରରୁ ଓ ପୁଣ୍ୟରୁ ବଞ୍ଚିତ ରୁହନ୍ତି । ଅଲ୍ଲାଃତାଲାଙ୍କ ଚିହ୍ନଟ ଓ ମାଆରିଫତ୍ (ଅଧ୍ୟାତ୍ମ ଜ୍ଞାନ)ରୁ ବଞ୍ଚିତ ରୁହନ୍ତି। ଅଲ୍ଲାଃତାଲାଙ୍କ ସତ୍ତା ଓ ତାହାଙ୍କ ଗୁଣାବଳୀର ଜ୍ଞାନରୁ ବଞ୍ଚିତ ରୁହନ୍ତି । ରସୁଲ୍, ନବୀଙ୍କ ଚିହ୍ନଟ ଏବଂ ସେମାନଙ୍କ ଅନୁସରଣରୁ ବଞ୍ଚିତ ରୁହନ୍ତି । ପବିତ୍ର କୁରଆନ୍ କରୀମ୍‌ର ପାଠ (ତିଲାୱତ୍) ଏବଂ ତାହାର ଅର୍ଥ, ରହସ୍ୟ, ଜ୍ଞାନ ଓ ବିନ୍ଦୁଗୁଡ଼ିକରୁ ବଞ୍ଚିତ ଅଟନ୍ତି । ଧର୍ମବିଧାନ୍ ଓ ତରିକତ୍(ଶୈଳୀ)ରୁ ବଞ୍ଚିତ ଅଟନ୍ତି । ପୁନଶ୍ଚ ନମାଜ୍ ଯାହା ବିଶ୍ୱାସକାରୀମାନଙ୍କର ମେରାଜ୍ (ଅଭିବୃଦ୍ଧି) ଅଟେ । ରୋଜା ଯାହାର ପୁରସ୍କାର ସ୍ୱୟଂ ଅଲ୍ଲାଃତାଲା ଅଟନ୍ତି ଏବଂ ହଜ୍‌ର ପନ୍ଥା, ଜକାତ୍ ଏବଂ ପୁନଶ୍ଚ ସେଗୁଡ଼ିକରୁ ପୁଣ୍ୟ ଓ ମର୍ଯ୍ୟାଦା ହାସଲ କରିବାରୁ ବଞ୍ଚିତ ଅଟନ୍ତି । ତୁମକୁ ଏପରି ଲୋକଙ୍କୁ ଦେଖି" ସେମାନଙ୍କ ସହିତ ଯୁକ୍ତିତର୍କ କରିବା କିମ୍ବା ଲଢ଼ିବା ବଦଳରେ "ଅଲ୍ଲାଃତାଲାଙ୍କ କୃତଜ୍ଞତା ଜଣାଇବା ଉଚିତ୍ । କାରଣ ସେ ତୁମକୁ ସମସ୍ତ ପୁରସ୍କାର ଓ ଅନୁଗ୍ରହରେ ଲାଭାନ୍ୱିତ କରିଛନ୍ତି ଏବଂ ବଞ୍ଚିତ କରି ନାହାନ୍ତି । ଅଲ୍ଲାଃତାଲା ବୁଦ୍ଧି ଏବଂ ବିବେକ ଦେଲେ, ଜ୍ଞାନ ଦେଲେ, ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍, ଏହାର ଜ୍ଞାନ, ରହସ୍ୟ ଓ ବିନ୍ଦୁଗୁଡ଼ିକରେ ଧନ୍ୟ କଲେ । ପ୍ରତ୍ୟେକ ଜିନିଷର ହଲାଲ୍ ଓ ହରାମ୍‌ର (ବୈଧ ଓ ଅବୈଧ ମଧ୍ୟରେ ପାର୍ଥକ୍ୟ) ଫରକ୍ ଚିହ୍ନିବାର ସାମର୍ଥ୍ୟ ପ୍ରଦାନ କଲେ । ରସୁଲ୍ (ଅବତାର)ମାନଙ୍କୁ ଚିହ୍ନିବାର ସାମର୍ଥ୍ୟ ପ୍ରଦାନ କଲେ । ଆପଣା ସତ୍ତା ଓ ଗୁଣଗୁଡ଼ିକର ଜ୍ଞାନ ପ୍ରଦାନ କଲେ ।" **(ତଜ୍‌କିରତୁଲ ମହଦୀ, ପୀର୍ ସିରାଜୁଲ ହକ୍ ସାହେବ ନୁମାନୀ, ପ୍ରଥମ ଭାଗ, ପୃ-182-183)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଯେଉଁଠାରେ ଆପଣ ଅ.ସ 'ମର୍ଫୁଉଲ କଲମ୍' ଲୋକଙ୍କ ସହିତ ଯୁକ୍ତିତର୍କ ନକରି ବରଂ ସଦ୍‌ବ୍ୟବହାର କରିବା ନିମନ୍ତେ ଉପଦେଶ ଦେଲେ ସେଠାରେ ଅଲ୍ଲାଃତାଲାଙ୍କ ଦ୍ୱାରା ଦିଆଯାଇଥିବା ପୁରସ୍କାରଗୁଡ଼ିକ ଉପରେ କୃତଜ୍ଞତା ଜଣାଇବାର ଶିକ୍ଷା ମଧ୍ୟ ପ୍ରଦାନ କଲେ । ଆପଣ ଅ.ସ ଆମକୁ ଏପରି ଲୋକଙ୍କୁ ଦେଖି ଅଲ୍ଲାଃତାଲାଙ୍କ ଶୁକ୍ର (କୃତଜ୍ଞତା) ଜ୍ଞାପନ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଆମମାନଙ୍କୁ ସମସ୍ତ ପୁରସ୍କାର ତଥା ଅନୁଗ୍ରହ ପ୍ରଦାନ କରିଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ମଲିକ୍ ହସନ୍ ମୁହମ୍ମଦ୍ ସାହେବ ର.ଅ କୁହନ୍ତି ଯେ, "ହଜୁର ଅ.ସ ଫଜର୍ ନମାଜ୍ ପାଇଁ ଆସିଲେ । ନମାଜ୍ ପରେ ହଜୁର ଅ.ସ ସେବକମାନଙ୍କୁ ସମ୍ବୋଧିତ କରି କହିଲେ, 'ରାତିରେ ସାରଙ୍ଗୀ ଓ ତମ୍ବୁରା କେଉଁଠାରେ ବାଜୁଥିଲା ?' ପାଖ ପଡ଼ୋଶୀରେ କେଉଁଠି ଗୀତ ବାଜୁଥିଲା । 'କେହି ଜଣେ କହିଲେ, ହୁଜୁର ! ମିର୍ଜା ନିଜାମୁଦ୍ଦୀନ ସାହେବ ଜଣେ କଞ୍ଚନୀ (ନାଚବାଲୀ)କୁ ଡାକିଛନ୍ତି । ସେ ହିଁ ଏହି ପ୍ରକାରର ଆଚରଣ କରୁଥିଲେ ଏବଂ 'କୋଡ଼ିଏ (୨୦) ଟଙ୍କା ରାତିର ପ୍ରତିଶ୍ରୁତି ଦେଇଛନ୍ତି ।' କୋଡ଼ିଏ ଟଙ୍କା ତାକୁ ଦେବାର ଥିଲା ଏବଂ 'ସାରା ରାତି ମିର୍ଜା ନିଜାମୁଦ୍ଦୀନଙ୍କ ଘରେ ନାଚ ହେଉଥିଲା ।' ହଜୁର ପୁରନୁର୍ ଅ.ସ ଗୋଟିଏ ଦୀର୍ଘ ନିଶ୍ୱାସ ନେଇ କହିଲେ, 'ଅଲ୍ଲାଃ ! ଏହି ନାରୀଟି କେତେ ନମକ୍ ହଲାଲ (ବିଶ୍ୱସ୍ତ) ଅଟେ!' ଅର୍ଥାତ୍ ସେହି ନାଚବାଲୀ । କହିଲେ ଯେ 'ସେ କୋଡ଼ିଏ ଟଙ୍କା ବଦଳରେ ସାରା ରାତି ନାଚି ଗାଇ ଜାଗ୍ରତ ରହିଲା । ଆମେ ଆମର ପ୍ରକୃତ ସ୍ରଷ୍ଟା ଓ ମାଲିକଙ୍କ ପାଇଁ ଗୋଟିଏ ଦୁଇଟି ଘଣ୍ଟା ମଧ୍ୟ ଜାଗ୍ରତ ହୋଇପାରୁ ନାହୁଁ ଯିଏ ଆମକୁ ଅଗଣିତ ପୁରସ୍କାର ତଥା ଉପକାର ଦ୍ୱାରା ଲାଭାନ୍ୱିତ କରିଛନ୍ତି ।" ଏହି ବାକ୍ୟଗୁଡ଼ିକୁ ଆପଣ ଅ.ସ ଦୁଇ ତିନି ଥର ଦୋହୋରାଇଲେ ।" **(ରିୱାୟାତେ ଅସହାବେ ଅହମଦ, ଗ୍ରନ୍ଥଖଣ୍ଡ-3, ପୃ- 278)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହି ବଜାରୀ ସ୍ତ୍ରୀଲୋକମାନଙ୍କ କାର୍ଯ୍ୟକୁ ଦେଖି ମଧ୍ୟ ଆପଣ ଅ.ସଙ୍କର ଦୃଷ୍ଟି ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ଆଡ଼କୁ ଗଲା ଏବଂ ଅତ୍ୟନ୍ତ ଦୁଃଖର ସହିତ ଉକ୍ତ କଥାର ପ୍ରକାଶ କଲେ ଯେ, "ଏହି ଲୋକମାନେ କିଛି ଟଙ୍କା ପାଇଁ ନିଜର ନିଦ ନଷ୍ଟ କରୁଛନ୍ତି ଏବଂ ଆମେ ଅଲ୍ଲାଃତାଲାଙ୍କ ଅଗଣିତ ପୁରସ୍କାରର କୃତଜ୍ଞତା ମଧ୍ୟ ଜ୍ଞାପନ କରୁ ନାହୁଁ, ନଫଲ୍ ଓ ନମାଜ୍ ଆଡ଼କୁ ଧ୍ୟାନ ଦେଉ ନାହୁଁ ଏବଂ ଜାଗ୍ରତ ହୋଇପାରୁ ନାହୁଁ ? ବରଂ ଅନେକ ଲୋକ ଏପରି ଅଛନ୍ତି ଯେଉଁମାନେ ଫରଜ୍ ନମାଜ୍ ପାଠ କରିବାରେ ମଧ୍ୟ ଅବହେଳା ପ୍ରଦର୍ଶନ କରନ୍ତି । ଫଜର୍ ନମାଜ୍‌ରେ ଉଠିବା ଆମ ପାଇଁ କଷ୍ଟକର ହୋଇପଡ଼େ । ତେଣୁ ପ୍ରତ୍ୟେକ ଅହମଦିଙ୍କୁ ଏହି ବିଷୟରେ ନିଜର ଆତ୍ମସମୀକ୍ଷା କରିବା ଉଚିତ୍ ଯେ, ଆମେମାନେ କେତେଦୂର ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ କୃତଜ୍ଞତାର କର୍ତ୍ତବ୍ୟ ସମ୍ପାଦନ କରିଛୁ ? ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହଜୁର ଅ.ସଙ୍କ ଭୋଜନ ସମୟରେ କୃତଜ୍ଞତାର ଏକ ବର୍ଣ୍ଣନା ରହିଛି । ହ. ଶେଖ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ସରସାବୀ ର.ଅ ବର୍ଣ୍ଣନା କରନ୍ତି ଯେ,"ହଜୁର ଅ.ସଙ୍କର ଅଭ୍ୟାସ ଥିଲା ଯେ, ହୁଜୁର୍ ଅ.ସ ଭୋଜନ କରିବା ସମୟରେ 'ସୁବ୍‌ହାନଲ୍ଲାଃ', 'ଅଲ୍‌ହମ୍‌ଦୁଲିଲ୍ଲାଃ' କହୁଥିଲେ ଏବଂ ଏପରି ଖାଉଥିଲେ ଯେପରିକି ଆପଣ ଅ.ସ କିଛି ଜିନିଷ ଖୋଜୁଛନ୍ତି ।" ଅର୍ଥାତ୍ ଖାଇବା ସମୟରେ ମଧ୍ୟ ପ୍ରତ୍ୟେକ ଖାଦ୍ୟ ଗୁଳାରେ ଅଲ୍ଲାଃତାଲାଙ୍କ ପୁରସ୍କାର ଏବଂ ତାହାଙ୍କ ଉପକାରକୁ ମନେ ପକାଇ ଆପଣ ଅ.ସ କୃତଜ୍ଞତା ଜ୍ଞାପନ କରୁଥିଲେ ।

**(ରିୱାୟାତେ ଅସହାବେ ଅହମଦ, ଗ୍ରନ୍ଥଖଣ୍ଡ-2, ପୃ- 413)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଏ ସଂପର୍କରେ କୁହନ୍ତି ଯେ, "ଆମେ ହ. ମସିହ୍ ମଉଦ୍ ଅ.ସଙ୍କୁ ମଧ୍ୟ ଦେଖିଛୁ । ଆପଣ ଅ.ସଙ୍କର ଏହି ଉପାୟ ଥିଲା ଯେ, ଆପଣ ଅ.ସ ଯେତେବେଳେ ରୁଟି ଖାଉଥିଲେ, ରୁଟିର ଗୋଟିଏ ଛୋଟ ଖଣ୍ଡ ଭାଙ୍ଗି ନିଜ ପାଟିରେ ପକାଉଥିଲେ ଏବଂ ଯେପର୍ଯ୍ୟନ୍ତ ଦାନ୍ତ ତାହାକୁ ଚୋବାଇ ପାରୁଥିଲା ସେପର୍ଯ୍ୟନ୍ତ ଆପଣ ଅ.ସ ଭଲଭାବେ ଉକ୍ତ ରୁଟି ଖଣ୍ଡକୁ ଚୋବୋଉଥିଲେ । ଆପଣ ଅ.ସଙ୍କର ବଡ଼ ଖାଦ୍ୟ ଗୁଳା ଚୋବେଇବାର ଅଭ୍ୟାସ ନଥିଲା । ବରଂ ଆପଣ ଅ.ସ ସର୍ବଦା ଛୋଟ ଖାଦ୍ୟ ଗୁଳା ପାଟିରେ ନେଉଥିଲେ । ଯେଉଁଠି ଆପଣ ଅ.ସ ପ୍ରଥମ ଖାଦ୍ୟ ଗୁଳାକୁ ବହୁ ସମୟ ପର୍ଯ୍ୟନ୍ତ ଚୋବାଉଥିଲେ, ସେଠାରେ ରୁଟିର ଅନ୍ୟ ଗୋଟିଏ ଖଣ୍ଡ ନେଇ ନିଜ ହାତରେ (ମକଚି ଦେଉଥିଲେ) ମଳୁଥିଲେ ଏବଂ ସାଙ୍ଗେ ସାଙ୍ଗେ 'ସୁବ୍‌ହାନାଲ୍ଲାଃ, ସୁବ୍‌ହାନାଲ୍ଲାଃ' କହୁଥିଲେ । କିଛି ସମୟ ପରେ ସେଥିରୁ କିଛି ଖଣ୍ଡରେ ତରକାରୀ ଲଗାଇ ପାଟିରେ ପକାଉଥିଲେ ।" **(ତଫସୀର୍ କବୀର୍, ଗ୍ରନ୍ଥଖଣ୍ଡ-9, ପୃ-261-262, ସଂସ୍କରଣ ବର୍ଷ-2023 ସମହିା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ସୟେଦ୍ ଜୈନୁଲ ଆବେଦୀନ୍ ୱଲିଉଲ୍ଲାଃହ୍ ଶାହ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ମୁଁ କମ୍ ବୟସର ହୋଇଥିବାରୁ ଏବଂ ସେହିପରି ଏହି କାରଣରୁ ମଧ୍ୟ ଯେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ମୋର ପିତା ହ. ଡାକ୍ତର ସୟେଦ୍ ଅବ୍‌ଦୁସ୍ ସତ୍ତାର୍ ଶାହ୍ ସାହେବଙ୍କୁ ନିଜ ଘରେ ଅତିଥି ଭାବରେ ରଖିଥିଲେ ଏବଂ ଆମେ ଘରେ ଗୋଟିଏ ପରିବାରର ସଦସ୍ୟଙ୍କ ପରି ରହୁଥିଲୁ । ଆମେମାନେ ଘରେ ନିଃଶଙ୍କୋଚ ଭାବରେ ଭିତରେ ଏବଂ ବାହାରେ ହେଉଥିଲୁ ଓ ହଜୁର ଅ.ସଙ୍କ ଘରେ ହିଁ ଶୋଉଥିଲୁ ।" ସେ କୁହନ୍ତି, "ମୋର ଭଲ ଭାବେ ମନେଅଛି ଯେ, ଯେତେବେଳେ ଅଞ୍ଚଳରେ କିମ୍ବା ସହରରେ ପ୍ଲେଗ୍ (ମହାମାରୀ) ଦେଖାଯାଉଥିଲା ସେତେବେଳେ ହଜୁର ଅ.ସ କେବଳ ନିଜ ଘରର ସଫେଇ ପାଇଁ ଆଦେଶ ଦେଉନଥିଲେ ବରଂ ବୋର୍ଡିଂ ହାଉସ୍‌ର ସଫେଇ ସମ୍ବନ୍ଧରେ ମଧ୍ୟ ବ୍ୟବସ୍ଥା କରୁଥିଲେ । ହୁଜୁର୍ ଅ.ସ ସମସ୍ତ ବନ୍ଧୁମାନଙ୍କୁ ଆଦେଶ ଦେଉଥିଲେ ଯେ, ନିଜ ନିଜ ଘରେ ଗନ୍ଧକ, ନିଆଁ, ଫିନାଇଲ୍ ଏବଂ ଗୁଗ୍ଗୁଲ (Guggul) ପ୍ରଭୃତି" (ଏହି ଗୁଗ୍ଗୁଲ ଗୋଟିଏ ଗଛର ଅଠା ଅଟେ ଯାହା ଜୀବାଣୁ ମାରିବା ପାଇଁ ଏବଂ ଧୂଆଁ ଦେବା ପାଇଁ ବ୍ୟବହୃତ ହୁଏ) ସାମଗ୍ରୀ ଦ୍ୱାରା ଜୀବାଣୁ ନଷ୍ଟ କରିବାର ବ୍ୟବସ୍ଥା କରାଯାଉ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହଜୁର ଅ.ସ କହୁଥିଲେ ଯେ, "ଉପାୟ ଓ ସାଧନର ବ୍ୟବହାର କରିବା ମଧ୍ୟ ଅଲ୍ଲାଃତାଲାଙ୍କ ପୁରସ୍କାରର କୃତଜ୍ଞତା ସମ୍ପାଦନ କରିବା ଅଟେ ।" ଏହା ମଧ୍ୟ ଅଲ୍ଲାଃତାଲାଙ୍କ ପୁରସ୍କାର (ଅବଦାନ) ଅଟେ ଏବଂ ଏହାର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । କାରଣ ସେ ଏପରି ଜିନିଷ ସୃଷ୍ଟି କରିଛନ୍ତି ଯାହା ଏହି ମହାମାରୀ ଓ ରୋଗଗୁଡ଼ିକର ନିବାରଣ ଅଟେ । ପରିବେଶରେ ଯେଉଁ ପ୍ରଦୂଷଣ (Pollution) ହୋଇଯାଏ, ମଇଳା ଆବର୍ଜନା ଦେଖିବାକୁ ମିଳିଥାଏ କିମ୍ବା ବିଷ ବ୍ୟାପିଯାଏ ସେତେବେଳେ ତାହାକୁ ସଫା କରିବା ପାଇଁ ଆମକୁ ସାଧାନର ବ୍ୟବହାର ମଧ୍ୟ କରିବା ଉଚିତ୍ । ଆପଣ ଅ.ସ କହିଲେ, "ଆମମାନଙ୍କୁ ଅଲ୍ଲାଃତାଲାଙ୍କ ପୁରସ୍କାର (ଅବଦାନ)

ର କୃତଜ୍ଞତା ମଧ୍ୟ ଜ୍ଞାପନ କରିବା କରିବା ଉଚିତ୍ "ଏବଂ ଏହା ଅର୍ଥାତ୍ କୃତଜ୍ଞତା ଜ୍ଞାପନ ତାହାଙ୍କ ଆଦେଶର ପାଳନ ସହିତ ସମାନ ଅଟେ । ଉପାୟ ବା ସାଧନ ତ୍ୟାଗ କରିବା ଐଶ୍ୱରୀୟ ଧର୍ମବିଧାନର ବିରୁଦ୍ଧୀୟ ଅଟେ ।" ଅର୍ଥାତ୍ ସାଧନଗୁଡ଼ିକୁ ବ୍ୟବହାର ନକରିବା ମଧ୍ୟ ଧର୍ମବିଧାନ ବିରୋଧୀ ଅଟେ । "ତୱକ୍କୁଲ (ଈଶ୍ୱରଙ୍କ ଉପରେ ଭରସା କରିବା)ର ସ୍ଥାନ ଏହା ପରେ ଆସେ । ଅର୍ଥାତ୍ ସାଧନକୁ ଆପଣାଇ କେବଳ ସେଗୁଡ଼ିକ ଉପରେ ଭରସା ନକରିବା ବରଂ ପ୍ରକୃତ ଅଧ୍ୟାତ୍ମ ଜ୍ଞାନ ହେଉଛି ସାଧନ ପଛରେ ଅଲ୍ଲାଃତାଲାଙ୍କ ହସ୍ତ (ହାତ)କୁ ଦେଖିବା ।" **(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-5, ପୃ- 35) (ଉର୍ଦ୍ଦୁ ଲୁଗାତ୍, ଗ୍ରନ୍ଥଖଣ୍ଡ-16, ପୃ-304 , ଉର୍ଦ୍ଦୁ ବୋର୍ଡ଼ କରାଚୀ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁଁ ଯାହା କରୁଛି ଏହା ମଧ୍ୟ ଅଲ୍ଲାଃତାଲାଙ୍କ ସୃଷ୍ଟ ଜିନିଷ ଅଟେ ଏବଂ ଏଥିରେ ଅଲ୍ଲାଃତାଲା ଆମମାନଙ୍କ ସକାଶେ ମଙ୍ଗଳର ସାଧନ ସୃଷ୍ଟି କରନ୍ତୁ। ତେଣୁ ଏହା ଯୋଗୁଁ ତୁମେମାନେ କୃତଜ୍ଞତା ଜ୍ଞାପନ କର । ଯଦି ମନୁଷ୍ୟ ଏହିପରି ଭାବେ ଚିନ୍ତା କରେ ତେବେ ବ୍ୟକ୍ତି ତଥା ଭକ୍ତ ସର୍ବଦା ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁହମ୍ମଦ୍ ଇବ୍ରାହିମ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ,"ଥରେ ଯେତେବେଳେ ହ. ମସିହ୍ ମଉଦ୍ ଅ.ସ 1904 ମସିହାରେ କରମ୍ ଦୀନ୍‌ଙ୍କ ମକଦ୍ଦମା ପାଇଁ ଗୁରୁଦାସ୍‌ପୁର ଠାରେ ଅବସ୍ଥାନ କରିଥିଲେ । ମୁଁ ମଧ୍ୟ ଗୋଟିଏ ମାସ ପାଇଁ ଗୁରୁଦାସ୍‌ପୁର ଠାରେ ହଜୁର ଅ.ସଙ୍କ ସେବାରେ ସମର୍ପିତ ଥିଲି। ଦିନେ ମୁଲତାନ୍‌ର ଜଣେ ବନ୍ଧୁ ସଜ ଖଜୁର ନେଇ ଆସିଲେ । କୌଣସି ଜଣେ ବନ୍ଧୁ କହିଲେ ଯେ, ଏହା ଗରମ (ଉଷ୍ଣ) ଅଟେ । ଯେଉଁ ବନ୍ଧୁ ଖଜୁରୀ କୋଳି ଆଣିଥିଲେ ସେ କହିବାକୁ ଲାଗିଲେ ଯେ, ମହୋଦୟ ! ଯେତେ ଇଚ୍ଛା ସେତେ ଖଜୁରୀ ଖାଇନିଅ ଓ ତା' ଉପରେ ସାମାନ୍ୟ ପିଆଜ ଖାଇନିଅ । ଆଉ କିଛି ଅସୁବିଧା ହେବ ନାହିଁ ।" ଏହା ମଧ୍ୟ ପୁରୁଣା କାଳରେ ବୃଦ୍ଧ ଲୋକଙ୍କର ନିଜସ୍ୱ ଘରୋଇ ଉପଚାର ଥିଲା । ଅର୍ଥାତ୍ ଗରମ ଜିନିଷ ଖାଇଲେ ପିଆଜ ଖାଇଦେଲେ ତାହାର ପ୍ରଭାବ ନଷ୍ଟ ହୋଇଯାଏ । "ହ. ମସିହ୍ ମଉଦ୍ ଅ.ସ କହିବାକୁ ଲାଗିଲେ ଯେ, "ଅଲ୍ଲାଃତାଲା କେତେ ସୁନ୍ଦର ବ୍ୟବସ୍ଥା କରିଛନ୍ତି ଯେ, ପ୍ରତ୍ୟେକ ଜିନିଷର 'ମୁସ୍‌ଲେହ' (ଗୁଣ ସଂଶୋଧକ) ମଧ୍ୟ ଉପସ୍ଥିତ ଅଛି ।" ଅର୍ଥାତ୍ ତାହାର ପାର୍ଶ୍ୱ ପ୍ରତିକ୍ରିୟାରୁ ରକ୍ଷା କରିବା ପାଇଁ ଅନ୍ୟ ଜିନିଷ ମଧ୍ୟ ବିଦ୍ୟମାନ ରହିଛି।" ହୁଜୁର୍ ଅ.ସ କହିଲେ ଯେ, "ଆମ୍ବ ଯେତେ ଇଚ୍ଛା ଖାଅ," (ଡାଇବେଟିସ୍ ରୋଗୀଙ୍କୁ କୁହାଯାଏ ଆମ୍ବ ଖାଇବା ଉଚିତ୍ ନୁହେଁ । ଆମ୍ବ ବହୁତ ମିଠା ଅଟେ) "ଆମ୍ବ ଖାଇବା ପରେ ସାମାନ୍ୟ ଜାମୁ କୋଳି ଖାଇନିଅ ।" ଜାମୁକୋଳି ଡାଇବେଟିସ୍ ରୋଗୀଙ୍କ ପାଇଁ ଔଷଧ ଅଟେ "କିଛି ଅସୁବିଧା ହେବ ନାହିଁ । କଦଳୀର ମଧ୍ୟ କ୍ଷତି ଓ ଲାଭ ଅଛି । "ଯେତେ ଇଚ୍ଛା ସେତେ ଖାଅ, ଉପରେ ସାମାନ୍ୟ କଞ୍ଚା ଚାଉଳ ଚୋବାଇ ନିଅ, ସବୁ ହଜମ୍ ହୋଇଯିବ । ପ୍ରତ୍ୟୁତ୍ତରରେ ହୁଜୁର୍ ଅ.ସ ଭାଷଣ ଦେଲେ । ହୁଜୁର୍ ଅ.ସ କହିଲେ, "ଅଲ୍ଲାଃତାଲା ମଣିଷ ପାଇଁ କିପରି ଉଚ୍ଚ କୋଟୀର ଆଧ୍ୟାତ୍ମିକ ଓ ଶାରୀରିକ ବ୍ୟବସ୍ଥା ଯୋଗାଇ ଦେଇଛନ୍ତି ଯେ, ମଣିଷ ସେଗୁଡ଼ିକର କୃତଜ୍ଞତା ମଧ୍ୟ ସମ୍ପୂର୍ଣ୍ଣ ସମ୍ପାଦନ କରିପାରିବ ନାହିଁ ।"

**(ରିୱାୟାତେ ଅସହାବେ ଅହମଦ, ଗ୍ରନ୍ଥଖଣ୍ଡ-2, ପୃ- 172)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ନିଜର ରଚନା 'ତଜ୍‌କିରତୁସ୍ ଶହାଦତୈନ୍' ଲେଖିବା ସମୟରେ ରୋଗରୁ ଆରୋଗ୍ୟ ଲାଭ କରିବା ଉପରେ କୃତଜ୍ଞତା ପ୍ରକାଶ କରି ଉଲ୍ଲେଖ କରନ୍ତି: "ଯେତେବେଳେ ମୁଁ ଏହି ପୁସ୍ତକ ଲେଖିବା ଆରମ୍ଭ କଲି ସେତେବେଳେ ମୋର ଏହି ଇଚ୍ଛା ଥିଲା କି 16 ଅକ୍ଟୋବର 1903 ମସିହା ପୂର୍ବରୁ ଗୁରୁଦାସ୍‌ପୁର ଠାରେ ଗୋଟିଏ ମକଦ୍ଦମା ପାଇଁ ଯିବା ପୂର୍ବରୁ, ଯାହା ଜଣେ ବିରୋଧୀ ମୋ ବିରୁଦ୍ଧରେ ଫୌଜଦାରୀ କୋର୍ଟରେ କରିଥିଲା ମୁଁ ଏହି ପୁସ୍ତକଟି ରଚନା କରିନେବି ଏବଂ ଏହାକୁ ସାଙ୍ଗରେ ନେଇଯିବି । ତେବେ ଦୈବାତ୍ (ଏପରି ଘଟିଲା ଯେ,) ମୋର ପ୍ରବଳ କିଡ୍‌ନୀ (ବୃକକ୍) ବିନ୍ଧା ହେଲା । ମୁଁ ଭାବିଲି ଏହି କାର୍ଯ୍ୟଟି ଅସମ୍ପୂର୍ଣ୍ଣ ରହିଗଲା । ଆଉ ମାତ୍ର ଦୁଇ ଚାରି ଦିନ ଅଛି । ଯଦି ମୁଁ ଏହିପରି କିଡ୍‌ନୀ ବିନ୍ଧାରେ ପୀଡ଼ିତ ରୁହେ, ଯାହାକି ଏକ ମାରାତ୍ମକ ରୋଗ ଅଟେ ତେବେ ଏହି ରଚନା ସଂପୂର୍ଣ୍ଣ ହୋଇପାରିବ ନାହିଁ। ସେତେବେଳେ ଅଲ୍ଲାଃତାଲା ମୋର ଧ୍ୟାନ ଦୁଆ (ପ୍ରାର୍ଥନା) ଆଡ଼କୁ କରିଦେଲେ । ମୁଁ ରାତି ସମୟରେ, ଯେତେବେଳେ ରାତି 12ଟା ପରେ ପ୍ରାୟ ତିନି ଘଣ୍ଟା ବିତିଯାଇଥିଲା, ନିଜ ଘରର ଲୋକଙ୍କୁ କହିଲି ଯେ, 'ବର୍ତ୍ତମାନ ମୁଁ ଦୁଆ କରୁଛି ତୁମେମାନେ ଆମୀନ୍ କୁହ ।" ଆପଣ ଅ.ସ ଘରର ସମସ୍ତ ପରିବାରବର୍ଗଙ୍କୁ ଏକାଠି କରିନେଲେ । "ତେଣୁ ମୁଁ ସେହି କଷ୍ଟଦାୟକ ଅବସ୍ଥାରେ ସାହେବ ଜାଦା ମୌଲବୀ ଅବ୍‌ଦୁଲ୍ ଲତୀଫ୍ ସାହେବଙ୍କୁ ସ୍ମରଣ କରି ଦୁଆ କଲି ଯେ, 'ହେ ଅଲ୍ଲାଃ ! ଏହି ସ୍ୱର୍ଗତ ବ୍ୟକ୍ତିଙ୍କ ପାଇଁ ମୁଁ ଏହି ପୁସ୍ତକଟି ଲେଖିବାକୁ ଚାହୁଁଥିଲି ।" ଆପଣ ଅ.ସ କୁହନ୍ତି, "ଯେତେବେଳେ ମୁଁ ଏହି ଦୁଆ କଲି, ସେତେବେଳେ "ସାଙ୍ଗେ ସାଙ୍ଗେ ମୋତେ ଟିକିଏ ଘୁମେଇ (ତନ୍ଦ୍ରାବସ୍ଥା) ପଡ଼ିବା ପରି ଲାଗିଲା ଏବଂ ଇଲ୍‌ହାମ୍ (ଐଶ୍ୱୀବାଣୀ) ହେଲା: 'سَلَامٌ قَوْلًا مِّن رَّبٍّ رَّحِيمٍ' (ଅର୍ଥାତ୍ ଶାନ୍ତି ଓ କୁଶଳତା, ଏହା ଦୟାଳୁ ପ୍ରଭୁଙ୍କ ବାଣୀ ଅଟେ) । ତେଣୁ ଶପଥ ସେହି ସତ୍ତାଙ୍କର ଯାହାଙ୍କ ହାତରେ ମୋର ପ୍ରାଣ ରହିଛି । ସକାଳ ଛଅଟା ବାଜି ନଥିଲା କି ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇଗଲି ଏବଂ ସେହି ଦିନ ଅଧାରୁ ଅଧିକ ପୁସ୍ତକ ଲେଖିଦେଲି । ଫଲ୍‌ହମ୍‌ଦୁ ଲିଲ୍ଲାଃହି ଆଲା ଜାଲିକ୍ (ଏଥିପାଇଁ ସକଳ ପ୍ରଶଂସା ଅଲ୍ଲାଃଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ) ।"

**(ତଜ୍‌କିରତୁସ୍ ଶାହାଦତୈନ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-74-75)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କ ଚରିତ୍ରର ଗୋଟିଏ ଉଜ୍ଜ୍ୱଳ ପକ୍ଷ ଏହା ମଧ୍ୟ ରହିଛି ଯେ, ଆପଣ ଅ.ସଙ୍କ ସ୍ୱଭାବରେ କୃପା ଓ କୃତଜ୍ଞତା ଏତେ ପରିମାଣରେ ଥିଲା ଯେ ବାହ୍ୟତଃ ଛୋଟ ଛୋଟ ସେବା ଓ କଥା ପାଇଁ ମଧ୍ୟ ଆପଣ ଅ.ସ କୃତଜ୍ଞତା ଜ୍ଞାପନ କରୁଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ଏହି ସପ୍ତାହରେ" (ଯେତେବେଳେ ସେ ବର୍ଣ୍ଣନା କରୁଛନ୍ତି) "ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ରୋଚକ କଥା ଯାହା ଘଟିଲା ଏବଂ ଯାହା ଆମ ଈଶ୍ୱର ବିଶ୍ୱାସକୁ ବହୁତ ଶକ୍ତି ପ୍ରଦାନ କଲା ତାହା ହେଉଛି ହଜୁର ଅ.ସଙ୍କ ନାମରେ ଗୋଟିଏ ଚିଠି ଆସିବା। ସେହି ପତ୍ରରେ ଦୃଢ଼ ପ୍ରମାଣ ଓ ବିବରଣୀ ସହ ଏହା ଲେଖାଥିଲା ଯେ, ଜଲାଲାବାଦ୍ (କାବୁଲ୍ ଅଞ୍ଚଳ)ରେ ୟୁଜ୍ ଆସଫ୍ ନବୀଙ୍କ ଚବୁତରା (ପୀଠ) ବିଦ୍ୟମାନ ଅଛି ଏବଂ ସେଠାରେ ପ୍ରସିଦ୍ଧ ଅଛି ଯେ, ଦୁଇ ହଜାର ବର୍ଷ ପୂର୍ବେ ଏହି ନବୀ ସିରିଆରୁ ଏଠାକୁ ଆସିଥିଲେ । କାବୁଲ୍ ସରକାରଙ୍କ ତରଫରୁ କିଛି ଜାଗିର୍ (ସମ୍ପତ୍ତି) ମଧ୍ୟ ଏହି ଚବୁତରା ନାମରେ ଅଛି । ଏଠାରେ ଅଧିକ ବିବରଣୀର ପ୍ରସଙ୍ଗ (ଅର୍ଥାତ୍ ଆବଶ୍ୟକତା ନାହିଁ) ନୁହେଁ ।" ମୌଲବୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, "ଏହି ଚିଠି ଦ୍ୱାରା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏତେ ପ୍ରସନ୍ନ ହେଲେ ଯେ" ଆପଣ ଅ.ସ କହିଲେ,"ଅଲ୍ଲାଃତାଲା ସାକ୍ଷୀ ଏବଂ ସର୍ବଜ୍ଞ ଅଟନ୍ତି ଯେ, ଯଦି କେହି ମୋତେ କୋଟି କୋଟି ଟଙ୍କା ଆଣି ଦେଇଥାନ୍ତା ତେବେ ମୁଁ କେବେହେଲେ ଏତେ ଖୁସି ହୋଇନଥାନ୍ତି ଯେତେ ଏହି ଚିଠି ମୋତେ ଖୁସି କରିଦେଇଛି ।" ମୌଲବୀ ଅବଦୁଲ୍ କରୀମ୍ ସାହେବ ର.ଅ କହନ୍ତି,"ଭାଇମାନେ ! ଧାର୍ମିକ କଥାରେ ଏହି ଖୁସି କ'ଣ ଈଶ୍ୱରୀୟ ହେବାର ପ୍ରମାଣ ନୁହେଁ ? କିଏ ସେହି ବ୍ୟକ୍ତି ଯିଏ ଆଜି ଅଲ୍ଲାଃଙ୍କ ବାଣୀର ପ୍ରଚାର ପ୍ରସଙ୍ଗରେ ଏପରି ଖୁସି ହେବ ? ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ମୁଁ ସେହି ସମୟରେ ହ. ମସିହ୍ ମଉଦ୍ ଅ.ସଙ୍କୁ ଖୁସି ଦେଖି ଏବଂ ଅନୁମାନ କରି ନିଜ ମନରେ ଅତ୍ୟନ୍ତ ଲଜ୍ଜିତ ହେଉଥିଲି । କାରଣ ମୁଁ ମଧ୍ୟ ଯଦିଓ ଖୁସି ଏବଂ ଅନ୍ୟ ବନ୍ଧୁମାନେ ମଧ୍ୟ ଖୁସି ହେଉଛନ୍ତି ଯେ, ଅସତ୍ୟର ପରାଜୟ ପାଇଁ ଅନ୍ୟ ଏକ ବାଟ ବାହାରିଗଲା ଏବଂ ବର୍ତ୍ତମାନ ମସିହ୍ ଅ.ସଙ୍କ ଗତିପଥର ସମ୍ପୂର୍ଣ୍ଣ ଚିତ୍ର ମିଳିଗଲା। କିନ୍ତୁ ହ. ମସିହ୍ ମଉଦ୍ ଅ.ସଙ୍କ ଖୁସି ସହ କୌଣସି ତୁଳନା ହିଁ ନଥିଲା । **(ଅଲ୍ ହକମ୍, ଗ୍ରନ୍ଥଖଣ୍ଡ-3, ସଂଖ୍ୟା-24, ତାରିଖ-10 ଜୁଲାଇ, 1899 ମସିହା, ପୃ-3, ସ୍ତମ୍ଭ-1ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଯେତେବେଳେ 'ବରାହୀନେ ଅହମଦିୟା' ପୁସ୍ତକ ରଚନା କଲେ ସେତେବେଳେ ଏହାର ଆର୍ଥିକ ସହାୟତା କରିଥିବା ଲୋକଙ୍କ ନାମ ସେହି ପୁସ୍ତକରେ ଉଲ୍ଲେଖି କଲେ ଏବଂ ସେମାନଙ୍କୁ କୃତଜ୍ଞତା ଜଣାଇ ଦୁଆ କରିବାକୁ ପ୍ରେରଣା ଦେଲେ । ଏହି ଦୁଆ ତାଲିକାରେ ସେହି ଲୋକମାନଙ୍କ ନାମ ମଧ୍ୟ ରହିଛି ଯେଉଁମାନେ ପାଞ୍ଚ ଟଙ୍କା, ଦୁଇ ଟଙ୍କା, ଏପରିକି ଦୁଇ ଅଣା ମଧ୍ୟ ଦେଇଥିଲେ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହଜୁର୍ ଅ.ସ ଉଲ୍ଲେଖ କରନ୍ତି: "ସେହି ସର୍ବଶକ୍ତିମାନ ତଥା ଜଗତର ଈଶ୍ୱରଙ୍କର କିପରି କୃତଜ୍ଞତା ଜ୍ଞାପନ କରାଯିବ ଯିଏ ପ୍ରଥମେ ମୋ ପରି ଜଣେ ନଗଣ୍ୟ, ତୁଚ୍ଛ ବ୍ୟକ୍ତିକୁ କେବଳ ନିଜର କୃପା, ଦୟା ଏବଂ ଅଦୃଶ୍ୟ ସାହାଯ୍ୟ ଦ୍ୱାରା ଏହି ପୁସ୍ତକର ରଚନା କରିବାର ସାମର୍ଥ୍ୟ ପ୍ରଦାନ କଲେ ଏବଂ ପୁଣି ଏହି ରଚନାକୁ ପ୍ରକାଶ କରିବା, ବ୍ୟାପକ କରିବା ଓ ଛାପିବା ପାଇଁ ଇସ୍‌ଲାମ୍ ଧର୍ମର ନେତା, ବୁଜୁର୍ଗ, ମାନ୍ୟଗଣ୍ୟ, ଧନୀ ଏବଂ ଅନ୍ୟ ମୁସଲମାନ ଭାଇମାନଙ୍କୁ ଉତ୍ସାହିତ ଓ ଆକୃଷ୍ଟ କଲେ । ତେଣୁ ଏହି ସ୍ଥାନରେ ସେହି ସମସ୍ତ ସହାୟତାକାରୀ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଜଣାଇବା ମଧ୍ୟ ମୋର ପରମ କର୍ତ୍ତବ୍ୟ ଅଟେ ଯାହାଙ୍କର ମହାନୁଭବତାମୂଳକ ଉପକାର ଯୋଗୁଁ ମୋର ଧାର୍ମିକ ଉଦ୍ଦେଶ୍ୟ ନଷ୍ଟ ହେବାରୁ ରକ୍ଷା ପାଇଲା ଓ ମୋର ପରିଶ୍ରମ ବ୍ୟର୍ଥ ଯିବାରୁ ବଞ୍ଚିଗଲା । ମୁଁ ସେହି ମହାନୁଭବମାନଙ୍କ ସାହାଯ୍ୟ ପାଇଁ ଏତେ କୃତଜ୍ଞ ଯେ, ମୋ ପାଖରେ ଏପରି ଶବ୍ଦ ନାହିଁ ଯଦ୍ଦ୍ୱାରାକି ମୁଁ ସେମାନଙ୍କୁ ଧନ୍ୟବାଦ (କୃତଜ୍ଞତା ଜ୍ଞାପନ କରିବି) ଜଣାଇପାରିବି । ବିଶେଷ କରି ଯେତେବେଳେ ମୁଁ ଦେଖେ ଯେ, କିଛି ବ୍ୟକ୍ତି ଏହି ମହତ୍ କାର୍ଯ୍ୟର ସମର୍ଥନରେ ଆଗେଇ ଆସିଛନ୍ତି ଏବଂ କିଛି ଅଧିକ ସହାୟତା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି । ତେବେ ମୋର କୃତଜ୍ଞତା ଆହୁରି ବୃଦ୍ଧି ପାଏ ।" ପୁଣି ଆପଣ ଅ.ସ ସେହି ସହାୟତାକାରୀମାନଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି ଯେଉଁମାନେ ସାହାଯ୍ୟ କରିଥିଲେ । ଆପଣ ଅ.ସ କହିଲେ, "ମୁଁ... ସେହି ସମସ୍ତ ସାହସୀ ଓ ଦୃଢ଼ସଂକଳ୍ପ ବ୍ୟକ୍ତିମାନଙ୍କ ଶୁଭ ନାମ, ଯେଉଁମାନେ ଏହି ପୁସ୍ତକର କ୍ରୟ ଓ ମୁଦ୍ରଣ ସହାୟତାରେ କିଛି କିଛି ପ୍ରଦାନ କରିଛନ୍ତି ସେମାନଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥ ସହ ଲେଖିଛି । ଏହିପରି ଭାବରେ ଆପଣ ଅ.ସ ସମସ୍ତଙ୍କ ନାମ ଉଲ୍ଲେଖି କରିଛନ୍ତି ଏବଂ କୁହନ୍ତି, "ଏବଂ ଏହିପରି ଭବିଷ୍ୟତରେ ମଧ୍ୟ ପୁସ୍ତକର ମୁଦ୍ରଣ ଶେଷ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ ଯେ,"ଅର୍ଥାତ୍ ମୁଁ ନାମ ଲେଖୁଥିବି । "ଯେପର୍ଯ୍ୟନ୍ତ ଏହି ପୁସ୍ତକର ଲାଭ ପ୍ରଦାନ ପ୍ରକ୍ରିୟା ପୃଥିବୀ ପୃଷ୍ଠରେ ବଜାୟ ରହିବ, ଯେପର୍ଯ୍ୟନ୍ତ ଲୋକମାନେ ଏହି ପୁସ୍ତକରୁ ଉପକୃତ ହେଉଥିବେ ସେପର୍ଯ୍ୟନ୍ତ ଏହି ନାମଗୁଡ଼ିକ ଲେଖାଯିବ । ଲୋକମାନେ ସେମାନଙ୍କ ପାଇଁ ଦୁଆ କରୁଥିବେ । କାରଣ ଆପଣ ଅ.ସ କହିଲେ, ଯେ ଏହି ପୁସ୍ତକର ଉପକାରିତା ଓ କଲ୍ୟାଣ ବଜାୟ ରହିବ, "ପ୍ରତ୍ୟେକ ଉପକୃତ ବ୍ୟକ୍ତି ଯାହାର ମନ ଏହି ପୁସ୍ତକ ଦ୍ୱାରା ପ୍ରସନ୍ନ ହେବ, ସେ ମୋତେ ଏବଂ ମୋର ସହାୟତାକାରୀମାନଙ୍କୁ ଶୁଭ ଦୁଆରେ ଅବଶ୍ୟ ମନେ ପକାଉଥିବେ ।"

**(ବରାହୀନେ ଅହମଦିୟା, ଗ୍ରନ୍ଥଖଣ୍ଡ-1, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-1, ପୃ-5)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ଯିଏ ବି ଏଥିରୁ (ଉକ୍ତ ପୁସ୍ତକରୁ ଉପକୃତ ହେଉଥିବ) ଲାଭ ପାଇବ, ସେ ମୋ ପାଇଁ ଏବଂ ସହାୟତାକାରୀମାନଙ୍କ ପାଇଁ ଦୁଆ କରୁ ।" ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଗୋଟିଏ ପୁସ୍ତକ ରଚନା କଲେ ଯାହାର ନାମ 'ମିନନୁର୍ ରହମାନ୍' ରଖିଲେ ଏବଂ ସେଥିରେ ଆପଣ ପ୍ରମାଣ କଲେ ଯେ, ଆରବୀ

ଭାଷା ହେଉଛି 'ଉମ୍ମୁଲ୍ ଅଲ୍‌ସିନା' (ସମସ୍ତ ଭାଷାର ଜନନୀ)। ଏହି ସମ୍ପର୍କରେ ଯେଉଁ କେତେକ ବନ୍ଧୁମାନେ କିଛି ତଥ୍ୟ ବା ପ୍ରାମାଣ୍ୟ ବାହାର କରିବାରେ ଆପଣ ଅ.ସଙ୍କୁ ସାହାଯ୍ୟ କରିଥିଲେ ସେମାନଙ୍କୁ ଧନ୍ୟବାଦ ଜଣାଇ ଆପଣ ଅ.ସ ବର୍ଣ୍ଣନା କରନ୍ତି: "ମୁଁ ଏଠାରେ ନିଜର ସେହି ବନ୍ଧୁମାନଙ୍କୁ କୃତଜ୍ଞତା ଜଣାଇ ରହିପାରିବି ନାହିଁ ଯେଉଁମାନେ ମୋର ଏହି କାର୍ଯ୍ୟରେ ଭାଷାଗୁଡ଼ିକର ସମାନତା ପ୍ରମାଣ କରିବା ପାଇଁ ସାହାଯ୍ୟ କରିଛନ୍ତି । ମୁଁ ଅତ୍ୟନ୍ତ ଖୁସିର ସହିତ ଏହି କଥା ପ୍ରକାଶ କରୁଛି ଯେ, ମୋର ନିଷ୍ଠାପର ବନ୍ଧୁମାନେ ଭାଷାଗୁଡ଼ିକର ସାମଞ୍ଜସ୍ୟତା ପ୍ରମାଣ କରିବା ପାଇଁ ଯେଉଁ ଅକ୍ଳାନ୍ତ କଠିନ ପରିଶ୍ରମ କରିଛନ୍ତି, ତାହା ନିଶ୍ଚିତ ଭାବେ ଏହି ସଂସାରରେ ସେପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିଥିବ ଯେପର୍ଯ୍ୟନ୍ତ ଏହି ଦୁନିଆ ବଞ୍ଚି (ତିଷ୍ଠି) ରହିବ । ଏହି ଈଶ୍ୱରପ୍ରେମୀ ବ୍ୟକ୍ତିମାନେ ଅତ୍ୟନ୍ତ ସାହସର ସହିତ ନିଜର ମୂଲ୍ୟବାନ୍ ସମୟ ମୋତେ ଦେଇଛନ୍ତି ଏବଂ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ଏହି ମହାନ କାର୍ଯ୍ୟକୁ ସମ୍ପାଦନ କରିଛନ୍ତି । ମୁଁ ଜାଣେ ଯେ, ସେମାନଙ୍କୁ ଈଶ୍ୱରଙ୍କ ଦରବାରରେ ବହୁତ ବଡ଼ ପୁରସ୍କାର (ସୱାବ୍) ମିଳିବ । କାରଣ ସେମାନେ ଏପରି ଏକ ଧର୍ମଯୁଦ୍ଧରେ ସାମିଲ ହୋଇଛନ୍ତି ଯେଉଁଥିରେ ଶୀଘ୍ର ଇସ୍‌ଲାମ୍ ଧର୍ମ ପକ୍ଷରୁ ବିଜୟର ନାଗରା ବାଜିବ । ତେଣୁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଐଶ୍ୱୀ ପଦକ ପାଇବାର ଯୋଗ୍ୟ (ଅଧିକାରୀ) ଅଟନ୍ତି । ମୁଁ ଏହି ଅବସ୍ଥା ବର୍ଣ୍ଣନା କରିପାରିବି ନାହିଁ ଯେ, ସେମାନେ କିପରି ପ୍ରତ୍ୟେକ ଜଲସାରେ ସାମଞ୍ଜସ୍ୟତା ବାହାର କରିବା ପାଇଁ ମନେ ମନେ ସହସ୍ର କୋଶ ଦୂର ଚାଲି ଯାଉଥିଲେ ? ପୁନଶ୍ଚ (ପୁଣି) କିପରି ସେମାନେ ସଫଳତାର ସହିତ ଫେରିଆସି କୌଣସି ସମାନ ଶବ୍ଦର ଉପହାର ଭେଟି ଦେଉଥିଲେ ? ଏପର୍ଯ୍ୟନ୍ତକି ଏହିପରି ସଂସାରର ଭାଷାଗୁଡ଼ିକ ଆମ ପାଖରେ ଏକାଠି ହୋଇଗଲା । ମୁଁ କେବେହେଲେ ଏହାକୁ ଭୁଲିପାରିବି ନାହିଁ ଯେ, ଏହି ମହାନ୍ କାର୍ଯ୍ୟରେ ଆମର ନିଷ୍ଠାପର ବନ୍ଧୁମାନେ ଯେଉଁ ସାହାଯ୍ୟ କରିଛନ୍ତି ତାହାକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଶବ୍ଦ ନାହିଁ । ସେହିପରି ମୁଁ ତାହାର କଳନା ମଧ୍ୟ କରିପାରିବି ନାହିଁ । ମୁଁ ଦୁଆ କରୁଛି ଯେ, ଅଲ୍ଲାଃତାଲା ସେମାନଙ୍କର ଏହି ପରିଶ୍ରମକୁ ସ୍ୱୀକାର କରନ୍ତୁ ଏବଂ ସେମାନଙ୍କୁ ନିଜ ପାଇଁ ଗ୍ରହଣ କରି ନିଅନ୍ତୁ । ସେହିପରି କଳୁଷିତ ଜୀବନରୁ ସର୍ବଦା ଦୂରଇ ଓ ସୁରକ୍ଷିତ ରଖନ୍ତୁ। ଈଶ୍ୱର ନିଜର ପ୍ରେମ ଓ ଉତ୍ସାହ ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ସାଙ୍ଗରେ ରୁହନ୍ତୁ । **ଆମିନ୍ ସୁମ୍ମା ଆମିନ୍... ।"**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣି ଆପଣ ଅ.ସ ସେହି ଲୋକମାନଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି ଯେଉଁମାନେ ଆପଣ ଅ.ସଙ୍କୁ ସାହାଯ୍ୟ କରିଥିଲେ । ତନ୍ମଧ୍ୟରେ ଆପଣ ଅ.ସ ହ. ହକୀମ୍ ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅଙ୍କ ନାମ ସର୍ବ ପ୍ରଥମେ ଉଲ୍ଲେଖ କଲେ । ପୁନଶ୍ଚ ହ. ମୌଲବୀ ଅବ୍‌ଦୁଲ କରୀମ୍ ସାହେବ ର.ଅ ଏବଂ ଏହିପରି ଭାବରେ ଅନ୍ୟ ଅନେକ ସାଥୀମାନେ (ସହାବାମାନେ) ରହିଛନ୍ତି । ଆପଣ ଅ,ସ କୁହନ୍ତି ଯେ, "ଅଲ୍ଲାଃତାଲା ଭଲ ଭାବେ ଜାଣନ୍ତି ଯେ, ଏହି କାର୍ଯ୍ୟରେ କାହାର ପ୍ରଚେଷ୍ଟା ଅଧିକ ଏବଂ ସେ କୌଣସି ନିଷ୍ଠାପର ବ୍ୟକ୍ତିର ପରିଶ୍ରମକୁ ବ୍ୟର୍ଥ କରିବେ ନାହିଁ, କି ବୃଥା ହେବାକୁ ଦେବେ ନାହିଁ । କିନ୍ତୁ ଯେଉଁ ପର୍ଯ୍ୟନ୍ତ ମୋର ଜ୍ଞାନ ଓ ଦୃଷ୍ଟିଶକ୍ତି ଦେଖୁଛି ଏଦିଗରେ ସବୁଠାରୁ ଅଧିକ ପ୍ରଚେଷ୍ଟା ମୋର ଭାଇ ହକୀମ୍ ମୌଲବୀ ନୁରୁଦ୍ଦୀନ ସାହେବ ଏବଂ ମୋର ଭାଇ ମୌଲବୀ ଅବ୍‌ଦୁଲ୍ କରୀମ ସାହେବଙ୍କର ଅଟେ । ଏମାନେ ସମସ୍ତ ସମ୍ପର୍କ ତଥା କାର୍ଯ୍ୟକୁ ଛାଡ଼ି ଅନେକ ମାସ ହେବ ଉକ୍ତ କାର୍ଯ୍ୟ ପାଇଁ ମୋ ପାଖରେ ଉପସ୍ଥିତ ଅଛନ୍ତି । ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅ କେବଳ ଏତିକି ସାହାଯ୍ୟ ଦେଇ ନାହାଁନ୍ତି ବରଂ ଉକ୍ତ କାର୍ଯ୍ୟ ପାଇଁ ଆପଣ ର.ଅ ଉତ୍ତମ ଉତ୍ତମ ଇଂରାଜୀ ପୁସ୍ତକ ନିଜ ଟଙ୍କାରେ କିଣି ମଗାଇ ଦେଇଥିଲେ ଏବଂ ଏହି ଉଦ୍ଦେଶ୍ୟ ସକାଶେ ଆପଣ ର.ଅ ମୂଲ୍ୟବାନ ପୁସ୍ତକ ମଧ୍ୟ ସଂଗ୍ରହ କରି ଏକତ୍ରିତ କଲେ । ଯଜାହୁମୁଲ୍ଲାଃହୁ ଖୈରନ୍, ୱଲ୍ଲାଃହୁ ଲା ୟୁଜିଉ ଅଜ୍ରଲ୍ ମୁହସିନୀନ୍ । ଅର୍ଥାତ୍ ଅଲ୍ଲାଃତାଲା ସେମାନଙ୍କୁ ଉତ୍ତମ ପୁରସ୍କାର ପ୍ରଦାନ କରନ୍ତୁ ଏବଂ ଅଲ୍ଲାଃତାଲା ଉପକାରୀମାନଙ୍କର ପୁରସ୍କାର ନଷ୍ଟ କରନ୍ତି ନାହିଁ କି ବୃଥା ହେବାକୁ ଦିଅନ୍ତି ନାହିଁ । **(ମିନନୁର୍ ରହମାନ୍, ରୁହାନୀ ଖଜାଏନ୍, ଭାଗ-9, ପୃ-143-144)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମିଆଁ ମଞ୍ଜୁର ମୁହମ୍ମଦ୍ ସାହେବ ର.ଅଙ୍କ ସଂପର୍କରେ ଉଲ୍ଲେଖ କରି କୁହନ୍ତି: "ଈଶ୍ୱରଙ୍କ ଅନୁଗ୍ରହ ତଥା ପୁରସ୍କାରର କୃତଜ୍ଞତା ସ୍ୱରୂପ ଉକ୍ତ କଥାର ଉଲ୍ଲେଖ କରିବା ଅନିର୍ବାର୍ଯ୍ୟ ଓ ମୋର ପରମ କର୍ତ୍ତବ୍ୟ ଅଟେ । କାରଣ ମୋର ଗୁରୁତ୍ୱପୂର୍ଣ୍ଣ ଲେଖା ଓ ରଚନା କାର୍ଯ୍ୟରେ ଅଲ୍ଲାଃତାଲାଙ୍କ କୃପାରୁ ମୋତେ ଜଣେ ଉତ୍ତମ ଓ ମୂଲ୍ୟବାନ୍ ନିଷ୍ଠାପର ବ୍ୟକ୍ତି ମିଳିଛନ୍ତି। ଅର୍ଥାତ୍ ମୋର ପ୍ରିୟ ମିଆଁ ମଞ୍ଜୁର୍ ମୁହମ୍ମଦ୍ କପି ରାଇଟର୍ (ଲିପିକାର), ଯିଏ ଅତ୍ୟନ୍ତ ସୁନ୍ଦର ଅକ୍ଷର ଲେଖନ୍ତି । ଯିଏ ସଂସାର ପାଇଁ ନୁହେଁ ବରଂ କେବଳ ଧର୍ମ ପ୍ରତି ଥିବା ଆନ୍ତରୀକତା ସକାଶେ ଲେଖାଲେଖି କାର୍ଯ୍ୟ କରନ୍ତି ଏବଂ ନିଜ ମାତୃଭୂମିରୁ ପ୍ରବାସ କରି ଆସି ଏହି କାଦିୟାନ୍‌ରେ ବାସ କରୁଛନ୍ତି । ଏହା ଅଲ୍ଲାଃତାଲାଙ୍କ ବଡ଼ ଦୟା ଯେ, ମୋର ଇଚ୍ଛା ଅନୁସାରେ ମୋତେ ଏପରି ଜଣେ ନିଷ୍ଠାପର ଓ ଉତ୍ସାହୀ ବ୍ୟକ୍ତି ମୋତେ ମିଳିଛନ୍ତି ଯେ, ମୁଁ ପ୍ରତ୍ୟେକ ସମୟରେ ସେ ଦିନ ହେଉ କି ରାତି ହେଉ କପି ଲେଖିବା କାର୍ଯ୍ୟ ତାଙ୍କ ଠାରୁ ଆଦାୟ କରିଥାଏ । ସେ ପୂର୍ଣ୍ଣ ନିଷ୍ଠାର ସହିତ ଅଲ୍ଲାଃତାଲାଙ୍କ ସନ୍ତୋଷ ତଥା ତାହାଙ୍କ ପ୍ରସନ୍ନତା ସକାଶେ ପାଇଁ ଉକ୍ତ ସେବା ସମ୍ପାଦନ କରନ୍ତି । କାରଣ ଏହି ଆଧ୍ୟାତ୍ମିକ ଯୁଦ୍ଧ ସମୟରେ ମୋ ତରଫରୁ ଶତ୍ରୁମାନଙ୍କୁ ପରାଜିତ କରୁଥିବା ପୁସ୍ତିକଗୁଡ଼ିକ ମାଧ୍ୟମରେ ବିରୋଧୀମାନଙ୍କ ଉପରେ କ୍ରମାଗତ ଆକ୍ରମଣ ହେଉଛି । ବାସ୍ତବରେ ଏପରି ସହାୟକ ସାଧନ ଉପଲବ୍ଧ ହେବା (କରାଇବା) ମଧ୍ୟ ଅଲ୍ଲାଃତାଲାଙ୍କର ଏକ (ଜ୍ୱଳନ୍ତ) ନିଦର୍ଶନ ଅଟେ । ଯେଉଁ ଆଡ଼େ ଦେଖ ସମସ୍ତ ସୁବିଧା ମୋ ପାଇଁ ଯୋଗାଇ ଦିଆଯାଇଛି ଏବଂ ଲେଖିବାରେ ମୋତେ ଏପରି ଶକ୍ତି ଦିଆଯାଇଛି ଯେପରିକି ସେହି ଲେଖା ମୁଁ ଲେଖୁ ନାହିଁ ବରଂ ଦେବଦୂତମାନେ ଲେଖି ଚାଲିଛନ୍ତି । ଅର୍ଥାତ୍ ଯଦିଓ ବାହ୍ୟତଃ ମୋର ହିଁ ହାତ ରହିଛି ଯାହା ଲେଖୁଛି କିନ୍ତୁ ତାହା ମୋ ହାତ ନୁହେଁ ବରଂ ଅଲ୍ଲାଃତାଲାଙ୍କ ହିଁ ହାତ୍ ଅଟେ।" **(ମଜମୁଆ ଇସ୍ତେହାରାତ୍, ଗ୍ରନ୍ଥଖଣ୍ଡ-2, ପୃ- 546, ସଂସ୍କରଣ ବର୍ଷ- 2019 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ହୁଜୁର୍ ଅ.ସ କେବଳ ନିଜ ସାଥୀମାନଙ୍କର, ସାମାନ୍ୟ କାମ କରୁଥିବା ଲୋକଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରୁ ନଥିଲେ ବରଂ ଆପଣ ଅ.ସ କୌଣସି ସୁଯୋଗକୁ ମଧ୍ୟ ହାତ ଛଡ଼ା କରୁ ନଥିଲେ । ନିଜର ସମସ୍ତ ପରିଶ୍ରମ ଯାହା ଆପଣ ଅ.ସ ନିଜର ସାଥୀମାନଙ୍କ ପାଇଁ କରିଥିଲେ ତାହାର କଦାପି ପ୍ରଚାର ଓ ପରିପ୍ରକାଶ କରୁନଥିଲେ । ବରଂ ଆପଣ ଅ.ସ ପ୍ରଶଂସା କରୁଥିଲେ ଯେ, ସେମାନେ ମୋତେ ସାହାଯ୍ୟ କଲେ ଏବଂ ଏହି କାମ ମୋ ପାଇଁ ସହଜ ହୋଇଗଲା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ ୟାକୁବ ଅଲୀ ସାହେବ ଇର୍ଫାନୀ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ଖୁଦ୍ଦାମ୍ (ସେବକ) ମାନଙ୍କର ଛୋଟ ଛୋଟ କାର୍ଯ୍ୟକୁ ଆପଣ ଅ.ସ ସର୍ବଦା ଆଦର (ଭଲ ପାଉଥିଲେ) କରୁଥିଲେ ଏବଂ ସେମାନଙ୍କ ମନକୁ ଆଶ୍ୱାସନା ଦେଉଥିଲେ ଓ ସେମାନଙ୍କୁ ଉତ୍ସାହିତ କରୁଥିଲେ ତଥା ସେମାନଙ୍କ ପରିଶ୍ରମ ଠାରୁ ଅଧିକ ସେମାନଙ୍କୁ ପାରିଶ୍ରମିକ ମଧ୍ୟ ଦେଉଥିଲେ । ଯେଉଁ ଦିନମାନଙ୍କରେ କୌଣସି ପୁସ୍ତକ କିମ୍ବା ପୁସ୍ତିକା ଶୀଘ୍ର ଓ ଜରୁରୀ ଛାପିବା ଓ ପ୍ରକାଶ କରିବା ଉଦ୍ଦେଶ୍ୟ ହେଉଥିଲା ଏବଂ ରାତିରେ କାମ ହେଉଥିଲା ତେବେ ସେକ୍ଷେତ୍ରରେ ଯେଉଁ ଲୋକମାନେ ହଜୁର ଅ.ସଙ୍କ ସହ ପ୍ରେସ୍ ଅମଲା କିମ୍ବା ଲିପିକାର ଭାବେ କାମ କରୁଥିଲେ ସେମାନଙ୍କ ପାଇଁ କ୍ଷୀର ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ସ୍ୱତନ୍ତ୍ର ଧ୍ୟାନର ସହକାରେ ହୁଜୁର୍ ଅ.ସ ଯୋଗାଇ ଦେଉଥିଲେ ଓ ସାଧାରଣ ପାରିଶ୍ରମିକ ଠାରୁ ଅଧିକ ମଜୁରୀ (ପାରିଶ୍ରମିକ) ଦେଉଥିଲେ । ଏହା ସତ୍ତ୍ୱେ ହୁଜୁର୍ ଅ.ସ ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ କେବଳ ଖୁସି ହେଉ ନଥିଲେ ବରଂ କୃତଜ୍ଞତା ମଧ୍ୟ ଜଣାଉଥିଲେ ।"

**(ସିରତ୍ ହ. ମସିହ୍ ମଉଦ୍ ଅ.ସ, ତୃତୀୟ ଭାଗ, ପୃ- 348)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସଲେହ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, "ଅବତାରମାନଙ୍କର ହୃଦୟ ଅତ୍ୟନ୍ତ କୃତଜ୍ଞ ହୋଇଥାଏ । ସେମାନେ ଅତ୍ୟନ୍ତ ସାଧାରଣ କଥାରେ ମଧ୍ୟ ବହୁତ ବଡ଼ ଉପକାର ବୋଲି ଅନୁଭବ କରନ୍ତି ।" ଆପଣ ର.ଅ କୁହନ୍ତି: "ମୁଁ ଦେଖିଛି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକଗୁଡ଼ିକ ଯେତେବେଳେ ଦିନରାତି ଛପାଯାଉଥିଲା ସେତେବେଳେ ଏହା ସତ୍ତ୍ୱେ ବି ଆପଣ ଅ.ସ ଅନେକ ରାତି ଆଦୌ ଶୋଉ ନଥିଲେ । କିନ୍ତୁ ଯେତେବେଳେ କୌଣସି ବ୍ୟକ୍ତି ରାତି ସମୟରେ ପ୍ରୁଫ୍ (ଅଭିଲେଖକୁ ପୁନଃ ନିରୀକ୍ଷଣ ବା ଚେକ୍ କରିବା) ଆସୁଥିଲା ସେତେବେଳେ ତାହାର ଡାକ ଶୁଣି ନିଜେ ଉଠି ଅଭିଲେଖ ନେବା ପାଇଁ ଯାଉଥିଲେ ଏବଂ ସାଙ୍ଗେ ସାଙ୍ଗେ ଏହା ମଧ୍ୟ କହୁଥିଲେ ଯେ, 'ଯଜାକଲ୍ଲାହୁ ଆହସନଲ୍ ଯଜା' (ଅଲ୍ଲାଃତାଲା ତୁମକୁ ଶ୍ରେଷ୍ଠ ପୁରସ୍କାର ଦିଅନ୍ତୁ) । ତାକୁ କେତେ କଷ୍ଟ ହୋଇଛି ! ଏହି ଲୋକମାନେ କେତେ କଷ୍ଟ ସହ୍ୟ କରୁଛନ୍ତି ! ଈଶ୍ୱର ସେମାନଙ୍କୁ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଯଦିଓ ଆପଣ ଅ.ସ ନିଜେ ସାରା ରାତି ଜାଗ୍ରତ ରହୁଥିଲେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ,"ମୁଁ ଅନେକ ଥର ଆପଣ ଅ.ସଙ୍କୁ କାମ କରୁଥିବାର ଦେଖି ଶୋଇଛି ।" ହ. ମୁସଲେହ ମଉଦ୍ ର.ଅ କୁହନ୍ତି, "ମୁଁ ଅନେକ ଥର ଆପଣ ଅସଙ୍କୁ କାମ କରୁଥିବାର ଦେଖି ଶୋଇଛି ଏବଂ ଯେତେବେଳେ ବି ନିଦ ଭାଙ୍ଗିଛି ସେତେବେଳେ ମୁଁ ଆପଣ ଅ.ସଙ୍କୁ କାମ କରୁଥିବାର ଦେଖିଛି । ଏପର୍ଯ୍ୟନ୍ତକି ସକାଳ ହୋଇଯାଉଥିଲା ଆପଣ ଅ.ସ ସେହିପରି କାମ କରୁଥିଲେ । ଅନ୍ୟ ଲୋକମାନେ ଯଦିଓ ଈଶ୍ୱରଙ୍କ ପ୍ରସନ୍ନତା ପାଇଁ କାମ କରୁଥିଲେ । କିନ୍ତୁ ଆପଣ ଅ.ସ ସେମାନଙ୍କ କଷ୍ଟକୁ ମର୍ମେ ମର୍ମେ ଅନୁଭବ କରୁଥିଲେ । କାହିଁକି ? ଏଇଥିପାଇଁ ଯେ, ଅବତାରମାନଙ୍କ ହୃଦୟରେ ଉପକାରର ଗଭୀର ଅନୁଭୂତି ଥାଏ ।"

**(ଅଲ୍ ଫଜଲ, 19 ଅଗଷ୍ଟ1916 ମସିହା, ଗ୍ରନ୍ଥଖଣ୍ଡ-4, ସଂଖ୍ୟା-13, ପୃ-7)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର ଅହମଦ ସାହେବ ର.ଅ ପୁନଶ୍ଚ ଏକ ଘଟଣା ବର୍ଣ୍ଣନା କରନ୍ତି ଯେ, "ଫୈଜୁଲ୍ଲାଃ ଚକ୍ ନିବାସୀ ହାଫିଜ୍ ନବୀ ବକ୍ସ୍ ସାହେବ ମୋ ଆଗରେ ବର୍ଣ୍ଣନା କଲେ ଯେ, ଥରେ ହ. ମସିହ୍ ମଉଦ୍ ଅ.ସ ନିଜ ବଗିଚାକୁ ବୁଲିବା ପାଇଁ ଗଲେ । ସେହି ସମୟରେ ହଜୁର ଅ.ସଙ୍କ ପବିତ୍ର ହାତରେ ଗୋଟିଏ ବେତ ବାଡ଼ି (ଅସା) ଥିଲା । ଗୋଟିଏ ଗଛରୁ ଫଳ ତୋଳିବା ପାଇଁ ଆପଣ ଅ.ସ ସେହି ବାଡ଼ିଟିକୁ ଫିଙ୍ଗିଲେ। କିନ୍ତୁ ସେହି ବାଡ଼ିଟି ଗଛରେ ହିଁ ଲାଖିଗଲା (ଅଟକିଗଲା) ।" ଅର୍ଥାତ୍ ହୁଜୁର୍ ଅ.ସ ବାଡ଼ି ଦୂରରୁ ଫିଙ୍ଗିଥିଲେ ସେଠାରେ ଅଟକି ଗଲା ।"ବାଡ଼ିଟି ଏହିପରି ଭାବେ ଲାଖିଗଲା ଯେ ତାହା ତଳକୁ ଖସୁନଥିଲା ।" ଅର୍ଥାତ୍ ତଳେ ପଡୁନଥିଲା । "ସାଥୀମାନେ ବାଡ଼ିଟିକୁ ଓହ୍ଲାଇବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ତହିଁରେ ସଫଳ ହେଲେ ନାହିଁ।" ତେଣୁ ନବୀ ବକ୍ସ୍ ସାହେବ ର.ଅ କୁହନ୍ତି ଯେ, "ମୁଁ କହିଲି ହଜୁର ! ମୁଁ ଗଛରେ ଚଢ଼ି ବାଡ଼ିଟା ବାହାର କରି ଦେଉଛି ଏବଂ ମୁଁ ତୁରନ୍ତ ଚଢ଼ି ପବିତ୍ର ବାଡ଼ିଟିକୁ ବାହାର କରି ଆଣିଲି। ଏହା ଦେଖି ହଜୁର ଅ.ସ ଏତେ ପ୍ରସନ୍ନ ଓ ଆଶ୍ଚର୍ଯ୍ୟ ହେଲେ ଯେ, ଆପଣ ଅ.ସ ବାରମ୍ବାର ସ୍ନେହଭରା ଶବ୍ଦରେ କହିଲେ, ଯେ, 'ମିଆଁ ନବୀ ବକ୍ସ୍ ! ଆପଣ ତ' କମାଲ୍ (ଚମତ୍କାର) କରିଦେଲେ ଯେ, ଗଛରେ ଚଢ଼ି ତୁରନ୍ତ ବାଡ଼ିଟିକୁ ବାହାର କରି ଆଣିଲେ । ଆପଣ କିପରି ଗଛରେ ଚଢ଼ିଲେ ଏବଂ ଆପଣ କିପରି ଏ ଗଛ ଚଢ଼ା ଶିଖିଲେ ? ଏହି ବାଡ଼ିଟି ତ' ଆମ ପିତାଙ୍କ ସମୟର ଥିଲା ଯାହାକୁ ଆପଣ ଆଜି ନୂଆ କରି ଦେଇଛନ୍ତି ।'

ହଜୁର ଅ.ସ ବାଟରେ ମଧ୍ୟ ବାରମ୍ବାର କହିଲେ ଯେ, ମିଆଁ ନବୀ ବକ୍ସ୍ ଗଛରେ ଚଢ଼ି ବାଡ଼ି ବାହାର କରିବାରେ କମାଲ୍ (ଅଦ୍ଭୁତ/ଚମତ୍କାର) କରିଛନ୍ତି । ସେହିପରି ହଜୁର ଅ.ସଙ୍କର ଏହି ଅଭ୍ୟାସ ଥିଲା ଯେ, କେହି ସାନ ହେଉ କି ବଡ଼ ହେଉ ଆପଣ ଅ.ସ କାହାକୁ 'ତୁ' 'ତା' ଶବ୍ଦରେ କେବେ ସମ୍ବୋଧନ କରୁ ନଥିଲେ । ଯଦିଓ ମୁଁ ଜଣେ ଛୋଟ ପିଲା ଥିଲି ତଥାପି ମୋତେ ହୁଜୁର୍ ଅ.ସ କେବେ ହେଲେ 'ତୁ' ଶବ୍ଦରେ ସମ୍ବୋଧନ କରି ନାହାଁନ୍ତି ।"

**(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ଭାଗ-3, ବର୍ଣ୍ଣନା ସଂଖ୍ୟା-543, ପୃ-536)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ମୋ ସମ୍ମୁଖରେ ବର୍ଣ୍ଣନା କରିଛନ୍ତି ଯେ, "ହ. ସାହେବ (ମସିହ୍ ମଉଦ୍) ଅ.ସଙ୍କ ପାଇଁ ଯେତେବେଳେ କୌଣସି ବ୍ୟକ୍ତି ଉପହାର ଆଣୁଥିଲା ସେତେବେଳେ ଆପଣ ଅ.ସ ଅତ୍ୟନ୍ତ କୃତଜ୍ଞ ହେଉଥିଲେ ଏବଂ ଘରେ ମଧ୍ୟ ସେହି ବ୍ୟକ୍ତିର ନିଷ୍ଠା ସଂପର୍କରେ ଚର୍ଚ୍ଚା କରୁଥିଲେ । ଆପଣ ଅ.ସ ଏହି ଭାବାବେଗ ପରିପ୍ରକାଶ କରୁଥିଲେ ଯେ, ଅମକ ବ୍ୟକ୍ତି ଏହି ଜିନିଷଟି ପଠାଇଛି ।"

**(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ଭାଗ-3, ବର୍ଣ୍ଣନା ସଂଖ୍ୟା-713, ପୃ-647)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ ଛୋଟ ଛୋଟ ଉପହାର ଯୋଗୁଁ ମଧ୍ୟ କୃତଜ୍ଞତା ଭାବ ପ୍ରକାଶ କରୁଥିଲେ । ଏ ବିଷୟରେ ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ସ୍ୱର୍ଗତ ଡାକ୍ତର ଖଲିଫା ରଶୀଦୁଦ୍ଦୀନ୍ ସାହେବ ର.ଅଙ୍କ ଧର୍ମପତ୍ନୀ ନିଜ ଲେଖାରେ ବର୍ଣ୍ଣନା କରିଛନ୍ତି ଯେ, ଥରକର କଥା ହେବ ଡାକ୍ତର ସାହେବ ର.ଅ ତିନି ମାସର ଛୁଟି ନେଇ ଆଗ୍ରାରୁ କାଦିୟାନ୍ ଆସିଲେ । ଆଗ୍ରାରେ 'ଖୁରମା' (ବାଲୁଶାହୀ ନାମକ ଏକ ମିଠା) ରହିଛି । ତାହା ଅତ୍ୟୁତ୍ତମ ମିଠା ଅଟେ ଏବଂ ବଡ଼ ବଡ଼ ମିଠା ତିଆରି ହେଉଥିଲା । ହଜୁର ଅ.ସଙ୍କୁ ତାହା ବହୁତ ପସନ୍ଦ ମଧ୍ୟ ଥିଲା । ଡାକ୍ତର ସାହେବ ର.ଅ ଯେତେବେଳେ ଆସୁଥିଲେ, ହ. ସାହେବ ଅ.ସଙ୍କ ପାଇଁ ଖୁରମା ନିଶ୍ଚୟ ଆଣୁଥିଲେ । ଦିନେ ଯେତେବେଳେ ସେ ଆସିଲେ, ହଜୁର ଅ.ସ ସେହିଦିନ ସକାଳେ ଭୋଜନ କରି ନଥିଲେ । ସେ ଅର୍ଥାତ୍ ମହୋଦୟା ଖଲିଫା ସାହେବଙ୍କ ପତ୍ନି କୁହନ୍ତି, ଅସର ସମୟରେ ମୁଁ ଘରକୁ ଆସିଲି ଏବଂ ଆପଣ ଅ.ସ ବହୁତ ଖୁସି ହେଲେ । ମୋତେ ଯାତ୍ରାର ଖବର ତଥା ହାଲଚାଲ ପଚାରିଲେ । ଅମ୍ମା ଜାନ୍ ର.ଅ କହିଲେ ଯେ, ଖାଇବା ପ୍ରସ୍ତୁତ ଅଛି । ଆପଣ ଅ.ସ କହିଲେ, ଖାଇବା ପାଇଁ ଇଚ୍ଛା ହେଉ ନାହିଁ । ପୁଣି ହ. ଅମ୍ମା ଜାନ୍ ର.ଅ କହିଲେ, 'ମୁରାଦ ଖାତୁନ୍' (ସେହି ମହିଳା ଅର୍ଥାତ୍ ଡାକ୍ତର ଖଲିଫା ରଶିଦୁଦ୍ଦୀନ୍ ସାହେବ) ଆପଣ ଅ.ସଙ୍କ ପାଇଁ ଆଗ୍ରାରୁ ଖୁରମା ଆଣିଛନ୍ତି । ପ୍ରଥମେ ତ' ଆପଣ ଅ.ସ ବହୁତ ଖୁସି ହେଲେ, ପୁଣି କହିଲେ, "ମୋତେ ଭାରି ପସନ୍ଦ, ଆଣନ୍ତୁ ଖାଇବି ।" ଯେତେବେଳେ ସାମ୍ନାକୁ ମିଠା ଅଣାଗଲା ସେତେବେଳେ ଆପଣ ଅ.ସ ବହୁତ ପ୍ରଶଂସା କଲେ । ଆପଣ ଅ.ସ କହିଲେ, "ଏତେ ଗୁଡ଼ିଏ ମିଠା !" ପୁଣି ହଜୁର ଅ.ସ ସେହି ମାଠା ଖାଇଲେ ଏବଂ କହିଲେ, "ମୋ ପାଇଁ ରଖିଦିଅ । କିଛି ଖାଇଲି ଓ ଆଉ କିଛି ପରେ ଖାଇବି ।" ହୁଜୁର୍ ଅନୱର୍ ଅ.ବ କହିଲେ ଆପଣ ଅ.ସଙ୍କ ଖାଇବା ସଂପର୍କରେ ତ' ପୂର୍ବରୁ ବର୍ଣ୍ଣନା କରାଯାଇଛି ଯେ, କିପରି ଆପଣ ଅ.ସ ଅଳ୍ପ ଅଳ୍ପ ଖାଉଥିଲେ ଏବଂ ଦୁଆ କରି କରି ଆହାର ଖାଉଥିଲେ । ସେ ଯାହା ହେଉ ସେ ଅର୍ଥାତ୍ ମହୋଦୟା କୁହନ୍ତି ଯେ, ଆପଣ ଅ.ସଙ୍କର ଏହିପରି ଏକ ଛୋଟ କଥାରେ ଏତେ ପ୍ରଶଂସା କରିବାରୁ ମୋ ମନ ଏତେ ଖୁସି ହେଲା ଯେ, ମୁଁ ତାହା ବର୍ଣ୍ଣନା କରିପାରିବି ନାହିଁ । ମୁଁ ଡାକ୍ତର ସାହେବ ର.ଅଙ୍କୁ ଯେତେବେଳେ ଏକଥା କହିଲି ସେତେବେଳେ ସେ ମଧ୍ୟ ବହୁତ ଖୁସି ହେଲେ ଏବଂ ଅନେକ ସମୟ ପର୍ଯ୍ୟନ୍ତ ଆକାଶ ଆଡ଼କୁ ମୁହଁ କରି 'ସୁବହାନାଲ୍ଲାହ, ସୁବହାନାଲ୍ଲାହ' ପାଠ କଲେ । ଡାକ୍ତର ସାହେବ ର.ଅ ମଧ୍ୟ ବହୁତ ନିଷ୍ଠାପର ବ୍ୟକ୍ତି ଥିଲେ । **(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-2, ଭାଗ-5, ବର୍ଣ୍ଣନା ସଂଖ୍ୟା-1927, ପୃ-193-194ରୁ ଉଦ୍ଧୃତ) (ଉର୍ଦ୍ଦୁ ଲୁଗାତ୍, ଗ୍ରନ୍ଥଖଣ୍ଡ-8, ପୃ-540)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସଲେହ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, "ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ଯେତେବେଳେ ଗୁରୁଦାସପୁର ଠାରେ" (ଭାଁ ନିବାସୀ ମୌଲବୀ କରମ୍ ଦୀନ୍‌ଙ୍କ ତରଫରୁ) "ମକଦ୍ଦମା ଦାଏର୍ (ଚାଲିଥିଲା) ସେତେବେଳେ ଅର୍ଥର ଘୋର ଅଭାବ ଥିଲା । ଖର୍ଚ୍ଚ ବୃଦ୍ଧି ପାଇଥିଲା । ସେହି ସମୟରେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ କ୍ରମେ କେତେକ ଲୋକଙ୍କୁ ଆହ୍ୱାନ ଦିଆଗଲା । ଯେଉଁମାନଙ୍କୁ ଆହ୍ୱାନ ଦିଆଯାଇଥିଲା ସେମାନଙ୍କ ମଧ୍ୟରୁ ଡାକ୍ତର ଖଲିଫା ରଶୀଦୁଦ୍ଦୀନ୍ ସାହେବ ନାମକ ଜଣେ ବ୍ୟକ୍ତି ମଧ୍ୟ ଥିଲେ । ଇତ୍ୟବସରରେ ତାଙ୍କ ଘରେ ଯାହା କିଛି ଥିଲା ସେ ସବୁ ଏକାଠି କରି ପଠାଇ ଦେଲେ ଏବଂ ଲେଖିଦେଲେ ଯେ, ଆଗକୁ ମଧ୍ୟ ଯାହା ଆୟ ପ୍ରାପ୍ତ ହେବ ମୁଁ ପଠାଉଥିବି । ତଦନୁସାରେ ଦରମା ଏବଂ ପ୍ରାକ୍ଟିସ୍‌ରୁ ଯାହା ମିଳୁଥିଲା ତାହା ସେ ଆପଣ ଅ .ସଙ୍କ ସେବାରେ ପଠାଇ ଦେଉଥିଲେ । "ଜଣେ ବନ୍ଧୁ, ଯିଏ ସେହି ଦିନମାନଙ୍କରେ ତାଙ୍କ ଅତିଥି ଥିଲେ ସେ ଶୁଣାଇଲେ ଯେ, ମୁଁ କହିଲି: ମାଲିର୍ ମହୋଦୟ (ଅର୍ଥାତ୍ ଡାକ୍ତର ଖଲିଫା ରଶିଦୁଦ୍ଦୀନ୍ ସାହେବ) 'ସବୁ କିଛି ସେଠାକୁ (ହ. ମସିହ୍ ମଉଦ୍ ଅ.ସଙ୍କ ପାଖକୁ) ପଠାଇ ଦେଉଛନ୍ତି । ନିଜ ପାଇଁ କାହିଁକି କିଛି ରଖୁ ନାହାଁନ୍ତି ?' ପ୍ରତ୍ୟୁତ୍ତରରେ ସେ କହିଲେ, 'ହଁ, ବର୍ତ୍ତମାନ ସମୟ ହିଁ ଏହିପରି ହିଁ ରହିଛି ।" ଡାକ୍ତର ସାହେବ ର.ଅ କହିଲେ ଯେ ଏହି ସମୟ ହିଁ ଏପରି ଅଟେ ଯେ, ମସିହ୍ ମଉଦ୍ ଅ.ସଙ୍କ ସେବା କରାଯାଉ। ତେଣୁ ସେହି ସମୟରେ ହ. ମସିହ୍ ମଉଦ୍ ଅ.ସ ତାଙ୍କୁ ଗୋଟିଏ ଚିଠି ଲେଖିଲେ । ହ. ମୁସ୍‌ଲେହ ମଉଦ୍ ର.ଅ କୁହନ୍ତି ଯେ, ମୁଁ ସେହି ଚିଠି ନିଜେ ପାଠ କରିଛି । "ସେଥିରେ ଆପଣ ଅ.ସ ଉଲ୍ଲେଖ କରିଥିଲେ ଯେ, ଡାକ୍ତର ସାହେବ ! 'ଆପଣ ତ୍ୟାଗର ସୀମା ଅତିକ୍ରମ କରି ସାରିଛନ୍ତି । "ଡାକ୍ତର ଖଲିଫା ରଶୀଦୁଦ୍ଦୀନ୍ ର.ଅଙ୍କୁ ହ. ମସିହ୍ ମଉଦ୍ ଅ.ସ ଲେଖୁଛନ୍ତି ଯେ, ସେ ତ୍ୟାଗର ସୀମା ଅତିକ୍ରମ କରି ସାରିଛନ୍ତି । ବର୍ତ୍ତମାନ ଆପଣଙ୍କୁ ଆଉ ଚାନ୍ଦା (ଦାନ) ଦେବାର ଆବଶ୍ୟକତା ନାହିଁ ।" ଆପଣ ଏତେ ଅଧିକ ତ୍ୟାଗ କରୁଛନ୍ତି !" ଆପଣ କୁହନ୍ତି," ଯଦିଓ ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥାନରେ କୁହନ୍ତି ଓ ଆପଣ ଅ.ସ ଏହି ଉପଦେଶ ଦେଉଥିଲେ ଯେ, ନିୟମିତ ଚାନ୍ଦା ଦିଅ । ଆପଣ ଅ.ସ କୁହନ୍ତି ଯେ, "ଯିଏ ତିନି ମାସ ଚାନ୍ଦା ନଦିଏ, ସେ ଜମାଅତ୍ (ସଂପ୍ରଦାୟ)ରେ ରହିପାରିବ ନାହିଁ ।" ହ. ମୁସ୍‌ଲେହ ମଉଦ୍ ର.ଅ କହନ୍ତି, " ହୋଇପାରେ ଏହି ଚିଠିଟି ଏବେ ବି ସ୍ୱର୍ଗତ ଖଲିଫା ସାହେବ ର.ଅଙ୍କ ଘରେ ଥିବ । ସେ ଏହା ପରେ ମଧ୍ୟ ଚାନ୍ଦା ଦେଉଥିଲେ ଏବଂ ତାଙ୍କୁ ଚାନ୍ଦା ଦେବା ମଧ୍ୟ ଉଚିତ୍ ଥିଲା ।" ଏପରି ନୁହେଁ ଯେ, ଗୋଟିଏ ଚିଠି ଲେଖିବା ପରେ ସେ ଚାନ୍ଦା ଦେବା ବନ୍ଦ କରିଦେଲେ । ସେ ପରେ ମଧ୍ୟ ଚାନ୍ଦା ଦେଉଥିଲେ । ହ. ମୁସ୍‌ଲେହ ମଉଦ୍ ର.ଅ କୁହନ୍ତି, ଯେ ତାଙ୍କର ଚାନ୍ଦା ଦେବା ଉଚିତ୍ ଥିଲା, "କାରଣ ପୂର୍ବରୁ ସେ କର୍ତ୍ତବ୍ୟ (ଫରଜ୍) ନିର୍ବାହ କରୁଥିଲେ ଏବଂ ପରେ ମଧ୍ୟ କୃତଜ୍ଞତା ସ୍ୱରୂପ ଚାନ୍ଦା ଦେଉଥିଲେ । ହ. ମସିହ୍ ମଉଦ୍ ଅ.ସ ଅଲ୍ଲାଃତାଲାଙ୍କ ୱହୀ (ଐଶୀବାଣୀ) ଅନୁଯାୟୀ ଯେଉଁ ପୁସ୍ତକ ଲେଖିଲେ, ସେଥିରେ ଆମକୁ 'ୱସିୟତ'ରୁ ମୁକ୍ତ (ବ୍ୟତିକ୍ରମ) କରିଛନ୍ତି ।" ହ. ମୁସ୍‌ଲେହ ମଉଦ୍ ର.ଅ କୁହନ୍ତି ଯେ 'ରିସାଲା ଅଲ୍-ୱସିୟତ୍' ଯାହା ଲେଖାଗଲା, ସେଥିରେ ଆମକୁ ଅର୍ଥାତ୍ ନିଜ ସନ୍ତାନମାନଙ୍କୁ ବ୍ୟତିକ୍ରମ ରୂପେ ଘୋଷଣା କଲେ । ଅର୍ଥାତ୍ ବାଦ୍ ଦେଇଛନ୍ତି। ହ. ମୁସ୍‌ଲେହ ମଉଦ୍ ର.ଅ କୁହନ୍ତି ଯେ, "ମୋ ମନରେ ସର୍ବଦା ଗୋଟିଏ ଦୁଃଖ ତଥା ଅବଶେଷ ରହୁଥିଲା ଯେ, ଆମକୁ ତ୍ୟାଗର ଗୋଟିଏ ସୁଯୋଗରୁ ବଞ୍ଚିତ କରି ଦିଆଗଲା । କିନ୍ତୁ ପରେ ଏହା ମନେହେଲା ଯେ, ରସୁଲ କରୀମ୍ ସ.ଅ ଏତେ ଉପାସନା କରୁଥିଲେ ଯେ, ହ. ଆୟେଶା ର.ଅ କୁହନ୍ତି, ଆପଣ ସ.ଅଙ୍କ ପବିତ୍ର ପାଦ ଫୁଲି ଯାଉଥିଲା । ଏହା ଦେଖି ହ. ଆୟେଶା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! 'ଯେତେବେଳେ ଅଲ୍ଲାଃତାଲା ଆପଣ ସ.ଅଙ୍କର ସମସ୍ତ ଦୋଷ ଏବଂ ପାପକୁ କ୍ଷମା କରିଦେଇଛନ୍ତି, ଆପଣ ସ.ଅ ଏତେ କଷ୍ଟ କାହିଁକି ସହୁଛନ୍ତି ? ପ୍ରତ୍ୟୁତ୍ତରରେ ଆଁହଜରତ୍ ସ.ଅ କହିଲେ: 'اَفَلَا اَکُوْنُ عَبْدًا شَکُوْرًا' (ଅର୍ଥାତ୍ କ'ଣ ମୁଁ ଜଣେ କୃତଜ୍ଞ ଭକ୍ତ ହେବି ନାହିଁ?)। ଏପରି ସ୍ଥାନରେ ପହଞ୍ଚି," ହ. ମୁସ୍‌ଲେହ ମଉଦ୍ ର.ଅ କୁହନ୍ତି, "ଏପରି ସ୍ଥାନରେ ପହଞ୍ଚି ବାଧ୍ୟତାମୂଳକ ନହେଲେ ମଧ୍ୟ କୃତଜ୍ଞତା ସ୍ୱରୂପ କାର୍ଯ୍ୟ ହେବା ଉଚିତ୍।" ଯଦି ଫରଜ୍ ନହୁଏ, ତଥାପି ଧନ୍ୟବାଦ ସ୍ୱରୂପ କାମ ହେବା ଉଚିତ୍ । "ଏହି କଥା ମୋ ମନକୁ ଆସିଲା ଯେ, ଯଦିଓ ଆମକୁ ୱସିୟତ୍ ଚାନ୍ଦାରୁ ମୁକ୍ତ କରାଯାଇଛି, କିନ୍ତୁ କୃତଜ୍ଞତା ତ' ଜଣାଇବା ଉଚିତ୍ । ତଦନୁସାରେ ଏହା ପରେ ମୁଁ ଏପରି ମାର୍ଗ ଆପଣାଇଲି ଯେ, ମୋର ଚାନ୍ଦା ମୁସୀ (ୱସିୟତ୍ କରୁଥିବା ଲୋକ)ମାନଙ୍କ ଚାନ୍ଦା ଠାରୁ ଅଧିକ ହିଁ ହେଉ। ପୁଣି ମୋର ମନେପଡ଼ିଲା, ମୋର ଗୋଟିଏ ଇଲ୍‌ହାମ୍ (ଐଶୀବାଣୀ) ମଧ୍ୟ ଅଛି। ହ. ମସିହ୍ ମଉଦ୍ ଅ.ସଙ୍କ ଦେହାନ୍ତର କିଛିଦିନ ପରେ ମୋତେ ଇଲ୍‌ହାମ୍ (ଐଶବାଣୀ) ହେଲା: 'اِعْمَلُوْا اٰلَ دَاوٗدَ شُکْرًا' (ଅର୍ଥାତ୍ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ ଦାଉଦ୍ ଆଖ୍ୟା ଦେଇଛନ୍ତି । یَا دَاوٗدُ عَامِلْ بِالنَّاسِ رِفْقًا وَّ حُسْنًا (ଅର୍ଥାତ୍ ହେ ଦାଉଦ୍ ! ଲୋକଙ୍କ ସହିତ କୋମଳତା ଓ ସଦ୍‌ବ୍ୟବହାର ପ୍ରଦର୍ଶନ କର) । ଅର୍ଥାତ୍ ଅଲ୍ଲାଃତାଲା କେତେକ ଲୋକଙ୍କ ଠାରୁ କଠିନ ପରିଶ୍ରମ ହଟାଇ ଦିଅନ୍ତି । କିନ୍ତୁ ସେମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନ କୃତଜ୍ଞତା ସ୍ୱରୂପ କର୍ମ ସମ୍ପାଦନ କରନ୍ତୁ । ସମ୍ଭବତଃ ଏହି ଇଲ୍‌ହାମ୍ (ଐଶୀବାଣୀ) ମୋର ସେହି ସନ୍ଦେହକୁ ଦୂର କରିବା ପାଇଁ ଥିଲା।" **(ଖୁତ୍‌ବାତେ ମହ୍‌ମୁଦ୍, ଗ୍ରନ୍ଥଖଣ୍ଡ-1, ପୃ-220-221, ବି.ଦ୍ର ପୃ ସଂଖ୍ୟା-224-225) (ତଜ୍‌କିରାହ୍, ପୃ-109 ଓ 120, ସଂସ୍କରଣ ବର୍ଷ -1956 ମସିହା) (ତଜ୍‌କିରାହ୍, ପୃ-91 ଓ 255, ସଂସ୍କରଣ ବର୍ଷ -2023 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସୁତରାଂ ହ. ମୁସ୍‌ଲେହ ମଉଦ୍ ର.ଅ କୁହନ୍ତି, ଯେ ପରେ ମୁଁ ବହୁତ ଚାନ୍ଦା ଦେଲି । ତେଣୁ ଏଠାରେ ଏହା ମଧ୍ୟ ମୁଁ କହି ଦେବାକୁ ଚାହୁଁଛି ଯେ, ମୋ ପାଖକୁ ମଧ୍ୟ ଗୋଟିଏ ପ୍ରଶ୍ନ ଆସିଛି । କେତେକ ଲୋକ ଏହି ପ୍ରଶ୍ନ ଉତ୍ଥାପିତ କରନ୍ତି ଯେ, ହୁଏତ ହ. ମସିହ୍ ମଉଦ୍ ଅ.ସଙ୍କ ପରିବାରର ସମସ୍ତ ସଦସ୍ୟ କିମ୍ବା ଖଲିଫାମାନଙ୍କ ଉପରେ ଚାନ୍ଦା ଲାଗୁ ହେଉ ନାହିଁ ଏବଂ ସେମାନେ ଚାନ୍ଦା ଦେବାରୁ ମୁକ୍ତ ଅଟନ୍ତି । ତେଣୁ ଏହା ସ୍ପଷ୍ଟ ହେବା ଉଚିତ୍ ଯେ, ଏହି ଛାଡ଼ (ରିହାତି) କେବଳ ଆପଣ ଅ.ସଙ୍କର ପାଞ୍ଚଜଣ ସନ୍ତାନଙ୍କ ପାଇଁ ଥିଲା । ପୁଅମାନଙ୍କ ସ୍ତ୍ରୀମାନଙ୍କ ପାଇଁ ନୁହେଁ କିମ୍ବା ଝିଅମାନଙ୍କ ସ୍ୱାମୀମାନଙ୍କ ପାଇଁ ନୁହେଁ, କିମ୍ବା ସେମାନଙ୍କ ସନ୍ତାନମାନଙ୍କ ପାଇଁ ନୁହେଁ। ଯିଏ ବି ୱସିୟତ୍ କରିବ, ସେ ପଛେ ଯିଏ ହେଉ ନା କାହିଁକି ତାକୁ ୱସିୟତ୍‌ର ଚାନ୍ଦା ଦେବାକୁ ପଡ଼ିବ ଏବଂ ନିଜ ସମ୍ପତ୍ତିର ଅଂଶ ମଧ୍ୟ ଦେବାକୁ ପଡ଼ିବ । ସେହିପରି ଚାନ୍ଦା ତାକୁ ଦେବାକୁ ମଧ୍ୟ ପଡ଼ିବ ଯେପରି ଅନ୍ୟ ମୁସିମାନେ (ଓସିୟତ୍‌କାରୀମାନେ ଚାନ୍ଦା) ଦିଅନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହାହେଉ, ଏହା ମଧ୍ୟ ମୁଁ ସ୍ପଷ୍ଟ କରିଦେବାକୁ ଚାହୁଁଛି ଯେ ହ. ମସିହ୍ ମଉଦ୍ ଅ.ସ କାଦିୟାନ୍‌ର 'ବହିସ୍ତି ମକ୍‌ବରା' (ସ୍ୱର୍ଗୀୟ କବରସ୍ଥାନ) ପାଇଁ ଜମି ମଧ୍ୟ ଦାନ କରିଥିଲେ । ହୁଏତ ଏହା ମଧ୍ୟ ଗୋଟିଏ କାରଣ ଥିଲା । ଅନ୍ୟାନ୍ୟ ଅନେକ କାରଣ ମଧ୍ୟ ରହିଥିଲା, ଯାହା ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଥିବ । ସେହି କାରଣ ଯୋଗୁଁ ଅଲ୍ଲାଃତାଲା ଆପଣ ଅ.ସଙ୍କର ପାଞ୍ଚଜଣ ସନ୍ତାନଙ୍କୁ ଚାନ୍ଦାରୁ, ୱସିୟତ୍ ଚାନ୍ଦାରୁ ମୁକ୍ତି (ବାଦ୍) ଦେଲେ ଏବଂ ବହିସ୍ତି ମକ୍‌ବରା ଠାରେ କବର ଦେବାର ଅନୁମତି ଦେଲେ । କିନ୍ତୁ ସେହି ଲୋକମାନେ ବହୁତ ବଡ଼ ତ୍ୟାଗ କରିଛନ୍ତି । ହ. ଅମ୍ମା ଜାନ୍ ର.ଅ ମଧ୍ୟ ଏବଂ ଆପଣ ଅ.ସଙ୍କ ସନ୍ତାନମାନେ ମଧ୍ୟ ପ୍ରତ୍ୟେକ ସମୟରେ ବହୁତ ବଳିଦାନ ଓ ତ୍ୟାଗ କରିଛନ୍ତି । ଯେପରିକି ହ. ମୁସ୍‌ଲେହ ମଉଦ୍ ର.ଅ କୁହନ୍ତି, ଆପଣ ର.ଅ ଜମାଅତ୍‌ର ଉଦ୍ଦେଶ୍ୟ ସକାଶେ ଜଣେ ମୁସି ଠାରୁ ଅଧିକ ଆର୍ଥିକ ତ୍ୟାଗ ତଥା ବଳିଦାନର ଆଶା

କରିଛନ୍ତି । ସେହିପରି ହ. ମସିହ୍ ମଉଦ୍ ଅ.ସଙ୍କ ଅନ୍ୟ ସନ୍ତାନମାନେ ମଧ୍ୟ ଆର୍ଥିକ ବଳିଦାନ ଓ ତ୍ୟାଗ କରିଛନ୍ତି । ଏହା ମଧ୍ୟ ସ୍ପଷ୍ଟ ହେବା ଉଚିତ୍ ଯେ ହ. ମୁସଲେହ ମଉଦ୍ ର.ଅଙ୍କ ପରେ କୌଣସି ଖଲିଫା ଏଥିରୁ ମୁକ୍ତ ନୁହଁନ୍ତି । ବରଂ ସମସ୍ତେ ଓସିୟତ୍ କରିଛନ୍ତି ଏବଂ ନିଜର ଓସିୟତ୍ ଚାନ୍ଦା ପ୍ରଦାନ କରନ୍ତି । ସେହିପରି ଅନ୍ୟାନ୍ୟ ଆହ୍ୱାନ (ତେହରିକ୍) ଯାହା ଖଲିଫାମାନେ କରନ୍ତି, ସେଥିରେ ସମସ୍ତେ ଅଂଶ ଗ୍ରହଣ କରିଛନ୍ତି ଏବଂ ନିଜ ସାମର୍ଥ୍ୟ ଅନୁସାରେ ଆଗେଇ ଆସି ଅଂଶଗ୍ରହଣ କରିଛନ୍ତି । କୌଣସି ଖଲିଫା କିମ୍ବା ପରିବାରର କୌଣସି ସଦସ୍ୟଙ୍କ ପାଇଁ କୌଣସି ଛାଡ଼ ନାହିଁ । ଏହା କେବଳ ସେହି ପାଞ୍ଚଜଣ ସନ୍ତାନଙ୍କ ପାଇଁ ଛାଡ଼ ଥିଲା । ଏହି ସ୍ପଷ୍ଟୀକରଣ ମୁଁ ଏଇଥିପାଇଁ ଦେଉଛି ଯେ, କେତେକ ସ୍ଥାନରୁ ମୋ ପାଖକୁ ଏହି ପ୍ରଶ୍ନଟି ଆସିଥିଲା ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଔଜଲ୍ୱୀ ନିବାସୀ ମୁନ୍ସୀ ଅବଦୁଲ୍ ଅଜୀଜ୍ ସାହେବ ର.ଅ ଲେଖା ମାଧ୍ୟମରେ ମୋ ଆଗରେ ବର୍ଣ୍ଣନା କଲେ ଯେ, ଯେତେବେଳେ ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲ୍ୱୀ ହ. ମସିହ୍ ମଉଦ୍ ଅ.ସଙ୍କ ବିରୁଦ୍ଧରେ ଗୁର୍ଦାସପୁର ଠାରେ ଫୌଜଦାରୀ ମକଦ୍ଦମା କରିଥିଲା ଏବଂ ହଜୁର ଅ.ସ ମସଜିଦେ ହଜାମାଁ ସଂଲଗ୍ନ ପେନ୍‌ସନର ଖାନ୍ ସାହେବ ଅଲୀ ମୁହମ୍ମଦ୍ ସାହେବଙ୍କ ଘରେ ଅବସ୍ଥାନ କରିଥିଲେ । ବିନୀତ (ମୁଁ ଅର୍ଥାତ୍ ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ଏବଂ ମିଆଁ ଜମାଲୁଦ୍ଦୀନ୍, ଇମାମୁଦ୍ଦୀନ୍ ଓ ଖୈରୁଦ୍ଦୀନ୍ ସେଖୱାଁ ନିବାସୀ ହଜୁର ଅ.ସଙ୍କ ସାଙ୍ଗରେ ଥିଲୁ । ଅନ୍ୟ ବନ୍ଧୁମାନେ ଅନ୍ୟ ସ୍ଥାନରେ ଅବସ୍ଥାନ (ରହିଥିଲେ) କରିଥିଲେ । ଦିନେ ହଜୁର ଅ.ସଙ୍କର ପେଟ ଖରାପ ହେଲା । ସାଧାରଣତଃ ଆପଣଙ୍କର ପେଟର କଷ୍ଟ ରହୁଥିଲା । ତେଣୁ ଆପଣ ଅ.ସ ବାରମ୍ବାର ଶୌଚ ପାଇଁ ଯାଉଥିଲେ । ହଜୁର ଅ.ସ ଆମକୁ ଶୋଇ ରହିବା ପାଇଁ କହିଲେ ଯେ, "ମୁଁ ଉଠୁଛି, ତୁମେମାନେ ଉଠ ନାହିଁ ।" ଯେତେବେଳେ ହୁଜୁର୍ ଅ.ସ ଶୌଚ ପାଇଁ ଉଠୁଥିଲେ ସେତେବେଳେ ମୁଁ ସେହି ସମୟରେ ଉଠି ପାଣି ଲୋଟା ନେଇ ହୁଜୁର ଅ.ସଙ୍କ ସାଙ୍ଗରେ ଯାଉଥିଲି । ସାରା ରାତି ଏପରି ଚାଲିଲା । ପ୍ରତ୍ୟେକ ଥର ହଜୁର ଅ.ସ ଏହା ହିଁ କହୁଥିଲେ ଯେ, "ତୁମେ ଶୋଇଥାଅ ।" ସକାଳେ ହଜୁର ଅ.ସ ସଭାରେ ବସି ଚର୍ଚ୍ଚା କଲେ ଯେ, "ହ. ମସିହ୍ (ଯୀଶୁ ଖ୍ରୀଷ୍ଟ) ଅ.ସଙ୍କ ସାଥୀ (ହୱାରୀ) ଏବଂ ଆମ ବନ୍ଧୁମାନଙ୍କ ମଧ୍ୟରେ ଗୋଟିଏ ଅନନ୍ୟ ପାର୍ଥକ୍ୟ ରହିଛି । ଏକ ସମୟରେ ଯେତେବେଳେ ମସିହ୍ ଅ.ସ (ଯୀଶୁ) ଙ୍କ ଉପରେ କଷ୍ଟ ସମୟ ଆସିଲା ସେତେବେଳେ ସେ ନିଜର ସାଥୀମାନଙ୍କୁ ଜାଗ୍ରତ କଲେ ଏବଂ କହିଲେ ଯେ, ହେ ହୱାରୀମାନେ (ଶିଷ୍ୟଗଣ) ! ଜାଗ୍ରତ ରୁହ ଏବଂ ଦୁଆ କର । କିନ୍ତୁ ସେମାନେ ଶୋଇପଡୁଥିଲେ । ଯୀଶୁଖ୍ରୀଷ୍ଟ ସେମାନଙ୍କୁ ବାରମ୍ବାର ଉଠାନ୍ତି ଅର୍ଥାତ୍ ଜାଗ୍ରତ କରନ୍ତି କିନ୍ତୁ ସେମାନେ ପୁଣି ଶୋଇପଡୁଥିଲେ । କିନ୍ତୁ ମସିହେ ମୁହମ୍ମଦୀ ସ.ଅଙ୍କ ସାଥୀମାନଙ୍କର ଅବସ୍ଥା ଏପରି ଅଟେ ଯେ, ମୁଁ ମୋ ବନ୍ଧୁମାନଙ୍କୁ ବାରମ୍ବାର ତାଗିଦ୍ କରୁଛୁ ଯେ, ହେ ବନ୍ଧୁମାନେ ! ତୁମେମାନେ ଶୋଇଥାଅ । କିନ୍ତୁ ସେମାନେ ତଥାପି ଜାଗ୍ରତ ରହୁଛନ୍ତି ।" ଅତଏବ୍ ହୁଜୁର୍ ଅ.ସ ମୋର ନାମ ନେଇ କହିଲେ ଯେ, "ମୁଁ ଜାଣେ ନାହିଁ ଯେ, ମିଆଁ ଅବଦୁଲ ଅଜୀଜ୍ ସାହେବ ରାତି ସାରା ଶୋଇଛନ୍ତି କି ନାହିଁ। ମୋର ଉଠିବା ମାତ୍ରେ ତୁରନ୍ତ ସଜାଗ ହୋଇ ଉଠି ପଡୁଥିଲେ ଏବଂ ମୋର ବାରମ୍ବାର ତାଗିଦ୍ କରିବା ସତ୍ତ୍ୱେ ଯେ ଶୋଇଥା ସେମାନେ ଉଠି ପଡୁଥିଲେ ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ଏହା ଉପରେ ମନ୍ତବ୍ୟ ଦେଇଛନ୍ତି ଯେ, ହ. ମସିହ୍ ନାସରୀ ଅ.ସଙ୍କର ଏହି କଥା ସତ୍ୟ ଏବଂ ନିଶ୍ଚିତ ଭାବେ ସତ୍ୟ ଅଟେ ଯେ, ଗଛ ତାହାର ଫଳରୁ ହିଁ ଚିହ୍ନାଯାଏ । ତେଣୁ ପ୍ରତ୍ୟେକ ନିରପେକ୍ଷ ବ୍ୟକ୍ତିଙ୍କୁ ମାନିବାକୁ ପଡ଼ିବ ଯେ, ଯେଉଁ ମିଠା ଫଳ ହ. ମସିହ୍ ମଉଦ୍ ଅ.ସଙ୍କ ସଙ୍ଗତ (ସାହଚର୍ଯ୍ୟତ୍ୱ) ସୃଷ୍ଟି କରିଛି ତାହା ହ. ମସିହ୍ ନାସରୀ ଅ.ସଙ୍କ ସଙ୍ଗତ (ସାହଚର୍ଯ୍ୟତ୍ୱ) କଦାପି ସୃଷ୍ଟି କରିପାରି ନଥିଲା । ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର ଆତ୍ମା ହଜାର ହଜାର, ଲକ୍ଷ ଲକ୍ଷ ଲୋକଙ୍କର ଏପରି ଏକ ସମ୍ପ୍ରଦାୟ ସୃଷ୍ଟି କଲା, ଯେଉଁମାନେ ଆପଣ ଅ.ସଙ୍କ ପାଇଁ ନିଜ ଜୀବନର ବଳିଦାନ ଦେବାକୁ ସବୁ ଗର୍ବଠାରୁ ବଡ଼ ଗର୍ବ ବୋଲି ମନେକରୁଥିଲେ । କେବଳ ସେତିକି ନୁହେଁ ବରଂ ଏବେ ବି ପ୍ରାଣ ଉତ୍ସର୍ଗ କରିବାକୁ ଗର୍ବ ବୋଲି ମନେକରେ । ଆପଣଙ୍କର ସାମାନ୍ୟ କଷ୍ଟରେ ନିଜର ସମସ୍ତ ଆରାମ ଓ ଶାନ୍ତିକୁ ବଳିଦାନ ଦେବାକୁ ପ୍ରସ୍ତୁତ ଥିଲେ ଏବଂ ଅଛନ୍ତି । କିନ୍ତୁ ହ. ମସିହ୍ ନାସରୀ ଅ.ସ ବାରଜଣ (ହୱାରୀମାନଙ୍କର)ଲୋକଙ୍କର ଛୋଟ ଦଳକୁ ମଧ୍ୟ ସମ୍ଭାଳି ପାରିଲେ ନାହିଁ ଏବଂ ସେମାନଙ୍କ ମଧ୍ୟରୁ ଜଣେ ତିରିଶ ଟଙ୍କା ନେଇ ଆପଣଙ୍କୁ ଧରାଇଦେଲା ଓ ସରକାରଙ୍କୁ ଖବର ଦେଇଦେଲା । **(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ବର୍ଣ୍ଣନା ସଂଖ୍ୟା-701, ପୃ-639-640ରୁ ଉଦ୍ଧୃତ)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଇନାୟତୁଲ୍ଲା ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ଯେତେବେଳେ ମୁଁ ପ୍ରଥମ ଥର କରି କାଦିଆନ୍ ଆସିଲି ସେତେବେଳେ ମୁଁ ଗୋଟିଏ ଅତର ଶିଶି (ଛୋଟ ବୋତଲ୍) ନିଜ ସାଙ୍ଗରେ ଆଣିଥିଲି । ଚାଲି ଚାଲି ଯାତ୍ରା କଲି । ରାତିରେ ବଟାଲାରେ ରହିଲି ।" ସେ କୁହନ୍ତି, "ଯେତେବେଳେ ଶିଶି ଦେଖିଲି, ଗୋଟିଏ ବୁନ୍ଦା ଛାଡ଼ି ବାକି ସବୁ ନଷ୍ଟ ହୋଇଯାଇଥିଲା । ମୁଁ ବହୁତ ଦୁଃଖିତ ହେଲି । ସନ୍ଧ୍ୟା ନମାଜ୍ ସମୟରେ ଯେତେବେଳେ ହଜୁର ଅ.ସ ମସଜିଦେ ମୁବାରକ୍ ଛାତ ଉପରକୁ ଆସିଲେ ଏବଂ କରମର୍ଦ୍ଦନ (ହାତ ମିଳାଇବା) କଲେ ସେତେବେଳେ ମୁଁ ହଜୁର ଅ.ସଙ୍କ ପାଦ ଚିପିବା ଆରମ୍ଭ କଲି । ମୁଁ କହିଲି ଯେ, ହୁଜୁର୍ ! ମୁଁ ଅତରର ଗୋଟିଏ ଶିଶି ଆଣିଥିଲି। ତାହା ବାଟରେ ନଷ୍ଟ ହୋଇଗଲା। ମୁଁ ଶିଶିଟି ହଜୁରଙ୍କ ସେବାରେ ଉପସ୍ଥାପନ କରିଦେଲି।" ସେହିପରି ଗୋଟିଏ ବୁନ୍ଦା ସହ । ଅର୍ଥାତ୍ ଶିଶିରେ ଗୋଟିଏ ବୁନ୍ଦା ଅତର ଥିଲା । ହୁଜୁର୍ ଅ.ସ କହିଲେ: 'ବସ୍ ତୁମକୁ ପୂରା ଶିଶିର ପୁଣ୍ୟ ମିଳିଗଲା ।' ହୁଜୁର୍ ଅ.ସ ଯଜାକଲ୍ଲାହ କହିଲେ ।" **(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-1, ପୃ-131)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ମୋତେ ପ୍ରାୟ କୋଡ଼ିଏ ବର୍ଷ ହୋଇଥିଲା ଯେତେବେଳେ ଗୁର୍ଦାସପୁର ଠାରେ କରମ୍ ଦୀନ୍ ଜେହଲ୍‌ମୀଙ୍କ" (ବାସ୍ତବରେ ଝେଲମ ଜିଲ୍ଲାର ଭାଁ ଅନ୍ତର୍ଗତ ଠାରେ ଅବସ୍ଥିତ ଥିଲା । ଆଜିକାଲି ତାହା ଚକ୍‌ୱାଲ୍ ଜିଲ୍ଲାରେ ଅବସ୍ଥିତ ଅଛି) "ମକଦ୍ଦମାର ରାୟ ଶୁଣାଯିବାର ଥିଲା । ମୁଁ ଦିନକ ପୂର୍ବରୁ ନିଜ ଗାଁରୁ ସେଠାରେ ପହଞ୍ଚିଗଲି । ସେଠାରେ ଗୋଟିଏ କୋଠିରେ ହଜୁର ଅ.ସ ମଧ୍ୟ ରହିଥିଲେ । ଖରା ଦିନ ଥିଲା । ହ. ମସିହ୍ ମଉଦ୍ ଅ.ସ ସେପାଖର ଗୋଟିଏ କୋଠରୀରେ ବସିଥିଲେ । ସେଠାରେ ମୋର ପିତା ମିଆଁ ଜମାଲୁଦ୍ଦୀନ୍ ସାହେବ, ମିଆଁ ଇମାମୁଦ୍ଦୀନ୍ ସାହେବ ସେଖ୍‌ୱାନୀ ଏବଂ ଚୌଧୁରୀ ଅବଦୁଲ୍ ଅଜୀଜ୍ ସାହେବ ମଧ୍ୟ ଉପସ୍ଥିତ ଥିଲେ । ମୁଁ ଯାଇ ହଜୁର ଅ.ସଙ୍କୁ ବିଞ୍ଚଣାରେ (ହାତ୍ ପଙ୍ଖାରେ) ବିଞ୍ଚିବା ଆରମ୍ଭ କଲି । ହଜୁର ଅ.ସ ମୋ ଆଡ଼କୁ ଦେଖିଲେ ଏବଂ ମୋ ପିତା ମିଆଁ ଜମାଲୁଦ୍ଦୀନ ସାହେବଙ୍କ ଆଡ଼କୁ ଇଙ୍ଗିତ କରି ହସି ହସି କହିଲେ, 'ମିଆଁ ଇସମାଇଲ୍ ମଧ୍ୟ ଆସି ପୁଣ୍ୟରୁ ଅଂଶ ନେଇଗଲା ।' ସେ କୁହନ୍ତି, ହଜୁର ଅ.ସଙ୍କର ସାଧାରଣ ଓ ଛୋଟ ସେବାରେ ପ୍ରସନ୍ନ ହୋଇଯିବା ଏବେ ବି ମୋର ମନେପଡ଼ିଲେ ମନରେ ଭାରି ଆନନ୍ଦ ସୃଷ୍ଟି ହୁଏ ।"

**(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-2, ପୃ-139)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମିଆଁ ସଦରୁଦ୍ଦୀନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ଆପଣ ଅ.ସଙ୍କ ଶରୀରରେ ଗୋଟିଏ ପଶମ ଚାଦର ରହୁଥିଲା ଯାହାକୁ କାନ୍ଧରେ ପକାଇ ହଜୁର ଅ.ସ ବାହାରକୁ ଆସୁଥିଲେ । ଥରେ ଚୌଧୁରୀ ଭୋଲେ ସାହେବ ମୋତେ କହିଲେ, "ଥରେ ମୁଁ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସହ ବଟାଲା ଗଲି। ଆପଣ ଅ.ସଙ୍କ ପାଖରେ ଗୋଟିଏ ଘୋଡ଼ା ଥିଲା । କିଛି ସମୟ ଆପଣ ଉପରେ ବସି ରହିଲେ। ପୁନଶ୍ଚ ମୋତେ ବସାଇଦେଲେ ।" ଅର୍ଥାତ୍ ପ୍ରଥମେ ନିଜେ ଆରୋହଣ ହେଲେ ଓ ପୁଣି ତାଙ୍କୁ ବସାଇଦେଲେ । କିଛି ସମୟ ଖାଲି ଘୋଡ଼ାକୁ ନେଲେ ଯେପରିକି ସେ ମଧ୍ୟ ଟିକେ ଆରାମ୍ ପାଇପାରିବ । ସେହିପରି ମାଦ୍ରାସା ଅହମଦିୟାର ପିଅନ ଚିରାଗଙ୍କ ପିତା ମୋତେ କହିଥିଲେ ଯେ, ଥରେ ହଜୁର ଅ.ସ ଫଜ୍ଲେ କାଶ୍ମୀରୀଙ୍କ କୂଅ ପାଖକୁ ନେଇଗଲେ ଯେପରିକି ଆପଣ ଅ.ସ ସେଠାରେ ଗାଧୋଇବେ । ବାଟରେ ମୋତେ ପଇସାଟିଏ ଦେଇ ଆପଣ ଅ.ସ କହିଲେ ଯେ, ମିଆଁ ସଦରୁଦ୍ଦୀନ୍ ସାହେବ ! 'ରେଓଡ଼ି' (ଗୁଡ଼ଯୁକ୍ତ ତିଳ ମିଠା) ନେଇ ଆସ ।" ପ୍ରଥମେ ତ' ସେ ନିଜ ଘଟଣାର କାହାଣୀ ଶୁଣାଉଛନ୍ତି, କିନ୍ତୁ ପ୍ରକୃତ କୃତଜ୍ଞତାର ଘଟଣା ଏଠାରୁ ଆରମ୍ଭ ହେଉଛି । ସେ କୁହନ୍ତି, ଆପଣ ଅ.ସ ମୋତେ ପଇସା ଦେଲେ ଯେ, ରେଓଡ଼ି ନେଇଆସ ।" ଯେତେବେଳେ ମୁଁ ରେଓଡ଼ି ଆଣିଲି ସେତେବେଳେ ଆପଣ ଅ.ସ ତାହାର ଦୁଇ ଭାଗ କଲେ ଏବଂ ଗୋଟିଏ ଭାଗ ମୋତେ ଦେବାକୁ ଲାଗିଲେ । ମୁଁ ନେବାକୁ ମନା କଲି । ହ. ମସିହ୍ ମଉଦ୍ ଅ.ସ କହିଲେ ଯେ, ମିଆଁ ସଦରୁଦ୍ଦୀନ୍ ସାହେବ ! ମୁଁ ଏକାକୀ କିପରି ଖାଇବି ? ପଇସା ମୋର' (ମୁଁ ମଗେଇଛି) 'ଏବଂ ପରିଶ୍ରମ ତୁମର' (ତୁମେ ନେଇକି ଆସିଲ ଓ ତୁମେ ପରିଶ୍ରମ କଲ । ତେଣୁ ଅଧା ରେଓଡ଼ି ଆପଣ ଅ.ସ ମୋତେ ଦେଲେ ଓ ଅଧା ଆପଣ ନିଜେ ରଖିଲେ ।"

**(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ-93)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏହା ମଧ୍ୟ ଅନ୍ୟର କାମ ପ୍ରତି କୃତଜ୍ଞତା ଭାବ ପ୍ରକାଶ କରିବାର ଗୋଟିଏ ଶୈଳୀ ଅଟେ । ପ୍ରତ୍ୟେକ ଛୋଟ ବଡ଼ ଯିଏ ଆପଣ ଅ.ସଙ୍କର ଯେକୌଣସି ବି ରୂପରେ କାମ କରୁଥିଲା ଆପଣ ଅ.ସ ତାହାର କୃତଜ୍ଞତା ଜ୍ଞାପନ କରୁଥିଲେ । ଏହାର ଅନେକ ଉଦାହରଣ ମୁଁ ଦେଇଛି । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଶେର୍ ମୁହମ୍ମଦ୍ ସାହେବ ର.ଅ ମଧ୍ୟ ବର୍ଣ୍ଣନା କରନ୍ତି ଯେ, "କରମ୍ ଦୀନ୍ ମକଦ୍ଦମାରେ ଯେତେବେଳେ ହୁଜୁର୍ ଅ.ସ ଜେହଲମର (ଝେଲମ) ଶୁଣାଣି ତାରିଖ ପାଇଁ ଗଲେ ସେତେବେଳେ ବଟାଲାରେ ମୋ ବନ୍ଧୁମାନେ ଚା'ର ବ୍ୟବସ୍ଥା କରିଥିଲେ ଏବଂ ଆମକୁ ଡାକିଥିଲେ । ସମସ୍ତ ବନ୍ଧୁ ହ. ମସିହ୍ ମଉଦ୍ ଅ.ସଙ୍କ ସହ (ହ. ମୌଲବୀ ଅବଦୁଲ ଲତୀଫ୍ ସାହେବ ଶହୀଦ୍ ର.ଅ ମଧ୍ୟ) ସାଙ୍ଗରେ ଥିଲେ । ତେବେ ହ. ମସିହ୍ ମଉଦ୍ ଅ.ସ କହିଲେ, ଏ 'ଚା' ପିଆଉଥିବା ବ୍ୟକ୍ତି ଜଣକ କିଏ ?" ଚା' ପାଇଁ ତାଙ୍କ ବନ୍ଧୁମାନେ ତାଙ୍କୁ ଡାକିଥିଲେ । ସେ କୁହନ୍ତି, "ତେଣୁ ବିନୀତ କହିଲା ଯେ, ହଜୁର! ଆପଣ ଅ.ସଙ୍କ ସେବକ ଅଟନ୍ତି ଏବଂ ସେହି ଲୋକମାନେ ଯେଉଁମାନେ ଥିଲେ, "ସେହି ଲେଡିମାନଙ୍କର ଯେଉଁମାନେ ଇଂରେଜ ମହିଳାମାନେ ଥିଲେ, ଅଫିସରଙ୍କ ସ୍ତ୍ରୀମାନେ ଥିଲେ ଘରର ଖାନସାମା (ରୋଷେୟା) ଥିଲେ । ଖାଇବା ରାନ୍ଧୁଥିବା ଲୋକ ଥିଲେ । ଏମାନେ ସେହି ଖାନସାମା ଅଟନ୍ତି ଯେଉଁମାନେ ମସିହ୍ (ଯୀଶୁ)ଙ୍କ ସମ୍ବନ୍ଧରେ ଈଶ୍ୱର ଏବଂ ତାହାଙ୍କ ପୁତ୍ର ବୋଲି ପ୍ରଚାର କରି ବୁଲୁଛନ୍ତି ।" ଏହି ସେବା କରୁଥିବା ଲୋକ ଯେଉଁମାନେ ଏଠାରେ ଅଛନ୍ତି ସେମାନେ ସେହି ଲୋକଙ୍କ ସେବକ କିମ୍ବା କର୍ମଚାରୀ ଅଟନ୍ତି ଯେଉଁମାନେ ମସିହ୍ ନାସ୍ରୀଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି କହନ୍ତି । ତେଣୁ ଏମାନେ ସେହି ଲୋକ ହିଁ ଅଟନ୍ତି । ସେ ଯାହା ହେଉ, ହ. ମସିହ୍ ମଉଦ୍ ଅ.ସ ଏହି କଥା ଶୁଣିଲେ ଏବଂ ଏହା ଉପରେ ହ. ସାହେବ ଅ.ସ ଖୁସି ପ୍ରକାଶ କଲେ ।" ପୁନଶ୍ଚ ସେମାନଙ୍କୁ ଆପଣ ଅ.ସ କୃତଜ୍ଞତା ମଧ୍ୟ ଜଣାଇଲେ । ସେହି ଲୋକମାନଙ୍କୁ ଯେଉଁମାନେ ଚା'ର ବ୍ୟବସ୍ଥା କରିଥିଲେ, ସେମାନେ ଖ୍ରୀଷ୍ଟିଆନ୍ ଥିଲେ କିମ୍ବା ଅଣମୁସଲିମ୍ ଥିଲେ କିମ୍ବା ଯେଉଁ ବନ୍ଧୁମାନେ ଥିଲେ । ହୁଜୁର୍ ଅ.ସ କେବଳ ସେଠାରେ କୃତଜ୍ଞତା ଜଣାଇଲେ ନାହିଁ ବରଂ ମହୋଦୟ ଉଲ୍ଲେଖ କରନ୍ତି ଯେ, "ଏବଂ ସେମାନଙ୍କ କୃତଜ୍ଞତାର ଘୋଷଣା ସମ୍ବାଦପତ୍ରରେ ମଧ୍ୟ କଲେ ।" ହୁଜୁର୍

ଅ.ସ କହିଲେ, ଏହି ଲୋକମାନେ ମୋର ସେଠାରେ ସେବା କଲେ । ଅତଏବ୍ ଏହି ମହତ୍ତ୍ୱ ଆପଣ ଅ.ସ ସେମାନଙ୍କୁ ଦେଲେ ଯେ, ଆପଣ ଅ.ସ ସେମାନଙ୍କୁ କେବଳ କୃତଜ୍ଞତା ଜଣାଇଲେ ନାହିଁ ବରଂ ଆପଣ ଅ.ସ ଘୋଷଣା ମଧ୍ୟ କରିଦେଲେ ।

**(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-2, ପୃ-376)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ କୃତଜ୍ଞତାର ଉଚ୍ଚ ସ୍ତର ଅବଲମ୍ବନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ☆☆☆

## ପୃ-01ରେ ବର୍ଣ୍ଣିତ ତଫସିର୍ କବିରର ଅବଶିଷ୍ଟାଂଶ...."

ମିଳିଯାଏ। ଯେପରିକି ସାଧାରଣ ଲୋକ କଥାରେ ଯେତେବେଳେ କୌଣସି ବ୍ୟକ୍ତିକୁ ଗଭୀର ଆଘାତ ଲାଗେ ସେତେବେଳେ ସେ ନିଜର ଯନ୍ତ୍ରଣା ଏବଂ କଷ୍ଟର ପରିପ୍ରକାଶ କରି କହେ 'ହାଏ ମୁଁ ମରିଗଲି ଲୋ' । ଏହାର ଅର୍ଥ ଏହା ହିଁ ହୋଇଥାଏ ଯେ, ମୁଁ ମୃତକମାନଙ୍କ ଭଳି ହୋଇଯାଇଛି । ତେଣୁ ଆୟତ୍‌ର ଏହି ଅର୍ଥ ମଧ୍ୟ ହୋଇପାରେ ଯେ, ଯେଉଁମାନେ ମୃତକମାନଙ୍କ ପରି ଅଟନ୍ତି ଅଲ୍ଲାଃତାଲା ସେମାନଙ୍କୁ ଜୀବିତ କରି ଦିଅନ୍ତି । ଅର୍ଥାତ୍ ଯାହାଙ୍କ ବଞ୍ଚିବାର କୌଣସି ଆଶା ବାକି ରହେ ନାହିଁ ଏବଂ ପାର୍ଥିବ ବିଜ୍ଞାନ ତଥା ସାଂସାରିକ ଜ୍ଞାନ ସେମାନଙ୍କର ବିନାଶର (ମୃତ୍ୟୁର) ଧର୍ମାଦେଶ ଦେଇ ଦେଇଥାଏ । ଅଲ୍ଲାଃତାଲା ସେମାନଙ୍କୁ ନିଜ କୃପାରୁ ରକ୍ଷା କରି ନିଅନ୍ତି ।"

**(ତଫ୍‌ସୀରେ କବୀର୍, ପୃଷ୍ଠା-188, ଅନ୍ ଲାଇନ୍ ସଂସ୍କରଣ)**

☆☆☆

## ଗତ ସଂଖ୍ୟା-39, ପୃ-14ରେ ବର୍ଣ୍ଣିତ ହୁଜୁର୍ ଅନୱର୍ ଅ.ବଙ୍କ ଗସ୍ତର ଅବଶିଷ୍ଟାଂଶ.....

ଇନ୍‌ଶାଅଲ୍ଲାଃହୁ ତାଆଲା ଗୋଟିଏ ପିଢ଼ୀରୁ ଅନ୍ୟ ପିଢ଼ୀ ପର୍ଯ୍ୟନ୍ତ ଏହି କାମ କରିବାର ଭାବନା, ଜରୁରୀକାଳୀନ ଏବଂ ଉତ୍ସାହର ସହିତ କାମ କରିବାର ଭାବନା, ଜମାଅତ୍ ନିମନ୍ତେ କାମ କରିବାର ମନୋଭାବ ଆଗାମୀ ପିଢ଼ୀମାନଙ୍କ ମଧ୍ୟରେ ମଧ୍ୟ ସୃଷ୍ଟି ହୋଇ ଚାଲିବ । ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । କାରଣ ଯାହାର ଯେଉଁ ଡ୍ୟୁଟି ବି ଅଛି ସେ ପଛେ ପାର୍କିଂର ହେଉ, ତାଲିମ୍‌ର ହେଉ କିମ୍ବା ବିଭିନ୍ନ ବିଭାଗର ହେଉ, ପ୍ରତ୍ୟେକ ସ୍ଥାନରେ ନିଜର ସକଳ ସାମର୍ଥ୍ୟ ସହିତ ଡ୍ୟୁଟି କରନ୍ତୁ ଏବଂ ସର୍ବଦା ମନେରଖନ୍ତୁ ଯେ ଆମମାନଙ୍କୁ ହସହସ ଚେହେରା ସହିତ ଅତିଥିମାନଙ୍କର ସେବା କରିବାକୁ ହେବ । ଅଲ୍ଲାଃତାଆଲା ଆପଣମାନଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମୀନ୍** । ଆସନ୍ତୁ ସମସ୍ତେ ଦୁଆ କରି ନିଅନ୍ତୁ ।

ଉଦ୍‌ବୋଧନ ପରେ ହୁଜୁର ଅନ୍‌ୱର୍ ଅ.ବ ଦୁଆ କରାଇଲେ । ତତ୍‌ପଶ୍ଚାତ୍ ନଅଟା ବାଜି କୋଡ଼ିଏ ମିନିଟ୍ ସମୟରେ ହୁଜୁର ଅନ୍‌ୱର୍ ଅ.ବ ତାଆଲା ବିନସ୍ରିହିଲ୍ ଅଜିଜ୍ ମଗ୍‌ରିବ୍ ଏବଂ ଇଶା ନମାଜ୍ ଏକାଠି କରି ପାଠ କରାଇଲେ । ନମାଜ୍ ପରେ ହୁଜୁର୍ ଅନ୍‌ୱର୍ ଅ.ବ ନିଜ ରହଣୀ ସ୍ଥଳ ଆଡ଼କୁ ଯିବା ସମୟରେ ଗୋଟିଏ ସ୍ଥାନରେ ଛିଡ଼ା ହୋଇ ଉପର ମହଲାରୁ ହ୍ୟୁମାନିଟି ଫାର୍ଷ୍ଟ (Humanity First) ପ୍ରଦର୍ଶନୀର ଦୃଶ୍ୟ ଦେଖିଲେ । ହୁଜୁର ଅନ୍‌ୱର୍ ଅ.ବ ଜର୍ମାନୀର ଅମୀର୍ ସାହେବଙ୍କୁ ହ୍ୟୁମାନିଟି ଫାର୍ଷ୍ଟର କାର୍ଯ୍ୟଗୁଡ଼ିକରେ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦେଲେ । ହୁଜୁର ଅନ୍‌ୱର କହିଲେ ଯେ, ହ୍ୟୁମାନିଟି ଫାର୍ଷ୍ଟ ହେଉଛି ହ. ଖଲିଫତୁଲ ମସିହ୍‌ଙ୍କ ନିର୍ଦ୍ଦେଶରେ ସ୍ଥାପିତ ଏକ ସଂଗଠନ ଏବଂ ସମୟର ଖଲିଫାଙ୍କ ନିର୍ଦ୍ଦେଶ ଓ ଉପଦେଶ ଅନୁଯାୟୀ ଏମାନେ ଏଠାରେ କାମ କରୁଛନ୍ତି ।

ଇନ୍‌ଚାର୍ଜ ହ୍ୟୁମାନିଟି ଫର୍ଷ୍ଟ ଜର୍ମାନୀ, ହୁଜୁର ଅନ୍‌ୱର୍‌ଙ୍କ ସେବାରେ ଉପସ୍ଥିତି ହୋଇ କହିଲେ, ହୁଜୁର୍ ! ଆମେ ଯେତେ ବି ମର୍ଚ୍ଚାଣ୍ଡାଇଜ୍ (Merchandise) ତିଆରି କରିଛୁ ନିଜେ ପ୍ରସ୍ତୁତ କରିଛୁ । ନିଜର ମେସିନ୍ ନେଇଛୁ । ଲେଜର୍ ମେସିନ୍ ମଧ୍ୟ ନେଇଛୁ। ପ୍ରତ୍ୟୁତ୍ତରରେ ହୁଜୁର ଅନ୍‌ୱର୍ କହିଲେ, ଆପଣମାନେ କମାଲ୍ କରି ଦେଇଛନ୍ତି । ବହୁତ ଭଲ କଥା ଅଟେ ଯେ, ଆପଣମାନେ ନିଜେ ପ୍ରସ୍ତୁତ କରିଛନ୍ତି । ହୁଜୁର ଅନ୍‌ୱର୍ ଅ.ବ ଇନ୍‌ଚାର୍ଜ ସାହେବଙ୍କୁ ନିର୍ଦ୍ଦେଶ ଦେଲେ ଯେ 'ୱାଟର ଫର୍ ଲାଇଫ୍' (Water for Life) ଅଧୀନରେ ଗୋଟିଏ ଦୂଷିତ ପାଣିର ବାଲ୍ଟି ନିଜ ପ୍ରଦର୍ଶନୀରେ ରଖାନ୍ତୁ, ଯଦ୍ଦ୍ୱାରାକି ଲୋକମାନଙ୍କୁ ଜଣାପଡ଼ିବ ଯେ, ଆଫ୍ରିକାର କିଛି ଅଞ୍ଚଳର ଲୋକେ ଏହି ପ୍ରକାରର ଦୂଷିତ ପାଣି ପିଅନ୍ତି । ଏହା ଦ୍ୱାରା ଗୋଟିଏ ପଟେ କୃତଜ୍ଞତା ସୃଷ୍ଟି ହେବ ଏବଂ ଅନ୍ୟପଟେ ଲୋକଙ୍କ ମଧ୍ୟରେ ସେମାନଙ୍କ ସେବା କରିବାର ଉତ୍ସାହ ଜାଗ୍ରତ ହେବ । ତତ୍‌ପଶ୍ଚାତ୍ ହୁଜୁର୍ ଅନ୍‌ୱର୍ ଅ.ବ ନିଜ ଆବାସକୁ (ରହଣୀ ସ୍ଥଳକୁ) ବିଜେ କଲେ । ଜଲ୍‌ସା ସାଲାନା (ବାର୍ଷିକ ସମ୍ମିଳନୀ) ଦିନଗୁଡ଼ିକରେ ହୁଜୁର ଅନ୍‌ୱର୍ ଅ.ବଙ୍କ ରହିବା ବ୍ୟବସ୍ଥା ଜଲ୍‌ସାଗାହ୍ ଭିତରେ ଥିବା ଏକ ରହଣୀ ସ୍ଥାନ ଅଂଶରେ ହୋଇଛି । ☆☆☆

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

## ପୃ-02ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ଅ.ସ ଆମମାନଙ୍କୁ ଉପଦେଶ ଦେଇ କହିଲେ, "ଯେପର୍ଯ୍ୟନ୍ତ ମଣିଷ ନିଜର ମନ୍ଦ ଆଚରଣ ତଥା ମନ୍ଦ ପ୍ରବୃତ୍ତିକୁ ପରିତ୍ୟାଗ (ଛାଡ଼ି) କରି ନାହିଁ ସେପର୍ଯ୍ୟନ୍ତ ସେ ସେହି କୁଆଚରଣ ବିପରୀତରେ ଥିବା ଉତ୍ତମ ଆଚରଣକୁ କଦାପି ଗ୍ରହଣ କରିପାରିବ ନାହିଁ । କାରଣ ଦୁଇଟି ବିପରୀତ ଜିନିଷ ଗୋଟିଏ ହୃଦୟରେ କଦାପି ଏକତ୍ରିତ ହୋଇପାରିବ ନାହିଁ । ପ୍ରକୃତ କଥା ହେଉଛି ମଣିଷକୁ ଧର୍ମପରାୟଣତା ହାସଲ୍ କରିବା ପ୍ରତି ଚେଷ୍ଟା କରିବା ଉଚିତ୍ ।" ଆପଣ ଅ.ସ ନିଜ ଜମାଅତ୍‌କୁ ଉପଦେଶ ଦେଇ କୁହନ୍ତି ଯେ, "ଅଲ୍ଲାଃତାଲା ଧର୍ମପରାୟଣ ବ୍ୟକ୍ତିଙ୍କୁ ଓ ଧର୍ମପରାୟଣତାକୁ ଭଲପାଆନ୍ତି। ଅଲ୍ଲାଃତାଲାଙ୍କ ମହିମାକୁ ମନେ ପକାଇ ଅତ୍ୟନ୍ତ ଭୟଭୀତ ରୁହ । ମନେରଖ ଯେ, ସମସ୍ତେ ଅଲ୍ଲାଃଙ୍କ ଭକ୍ତ (ସେବକ ବା ଉପାସକ) ଅଟନ୍ତି । କାହା ଉପରେ ଅତ୍ୟାଚାର କର ନାହିଁ କିମ୍ବା କାହାକୁ ହୀନ ଦୃଷ୍ଟିରେ ଦେଖ ନାହିଁ। ଜମାଅତ୍‌ରେ ଯଦି ଜଣେ ବ୍ୟକ୍ତି ଖରାପ ହୁଏ ତେବେ ସେ ସମସ୍ତଙ୍କୁ ଖରାପ କରିଦେବ।" ଆପଣ ଅ.ସ କୁହନ୍ତି ଯେ: "ସର୍ବଦା ଏହା ଦେଖିବା ଉଚିତ୍ ଯେ, ଆମେମାନେ ଧର୍ମପରାୟଣତା ଏବଂ ପବିତ୍ରତାରେ କେତେଦୂର ପର୍ଯ୍ୟନ୍ତ ଉନ୍ନତି କରିଛେ । ଏହାର ମାପଦଣ୍ଡ ତଥା ସ୍ତର ହେଉଛି ପବିତ୍ର କୁରଆନ୍ କରୀମ୍ । ଅଲ୍ଲାଃତାଲା ଧର୍ମପରାୟଣଙ୍କ ଲକ୍ଷଣଗୁଡ଼ିକ ମଧ୍ୟରେ ଏକ ଲକ୍ଷଣ ଏହା ମଧ୍ୟ ରଖିଛନ୍ତି ଯେ, ଅଲ୍ଲାଃତାଲା ଧର୍ମପରାୟଣ ବ୍ୟକ୍ତିଙ୍କୁ ସଂସାରର ଅପ୍ରୀତିକର ପରିସ୍ଥିତିରୁ ମୁକ୍ତ କରି ସେମାନଙ୍କ କାର୍ଯ୍ୟର ଦାୟିତ୍ୱ ନିଜେ ନେଇଥାନ୍ତି । ଅର୍ଥାତ୍ ଅଲ୍ଲାଃତାଲା ନିଜେ ଦାୟିତ୍ୱ ବହନ କରିଥାଆନ୍ତି । ଯେପରିକି ଅଲ୍ଲାଃତାଲା କହିଲେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଭୟ କରେ ଅଲ୍ଲାଃତାଲା ପ୍ରତ୍ୟେକ ବିପଦ ଆପଦରୁ ତା' ପାଇଁ ମୁକ୍ତିର ବାଟ ବାହାର କରି ଦିଅନ୍ତି ଏବଂ ତା ପାଇଁ ଏପରି ଜୀବିକାର ବ୍ୟବସ୍ଥା କରି ଦିଅନ୍ତି ଯାହା ତା' କଳ୍ପନାରେ ମଧ୍ୟ ନଥାଏ ।"

ହୁଜୁର୍ ଅନ୍‌ୱର ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ତୁମେମାନେ ଏହା ଭାବ ନାହିଁ ଯେ, ଅଲ୍ଲାଃତାଲା ଦୁର୍ବଳ ଅଟନ୍ତି । ନା । ବରଂ ସେ ମହା ଶକ୍ତିଶାଳୀ ଅଟନ୍ତି । ଯେତେବେଳେ ତୁମେ କୌଣସି ବିଷୟରେ ତାହାଙ୍କ ଉପରେ ଭରସା କରିବ ସେତେବେଳେ ସେ ନିଶ୍ଚୟ ତୁମକୁ ସାହାଯ୍ୟ କରିବେ । ଯିଏ ଅଲ୍ଲାଃତାଲାଙ୍କ ଉପରେ ଭରସା କରେ ସେ ତା' ପାଇଁ ଯଥେଷ୍ଟ ହୋଇଯାଆନ୍ତି ।" ହୁଜୁର୍ ଅନୱର୍ ଅ.ବ କହିଲେ, ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ସମସ୍ତେ ଧ୍ୟାନ ଦେଇ ଶୁଣିବା ଉଚିତ୍, ପୂର୍ଣ୍ଣ ଗମ୍ଭୀରତା ଓ ଚିନ୍ତନ ସହ ଶୁଣ । କାରଣ ଏହା ବିଶ୍ୱାସର ପ୍ରସଙ୍ଗ ଅଟେ । ଏଥିରେ ଅବହେଳା, ଅସାବଧାନତା ଏବଂ ଅମନୋଯୋଗୀତା ଅତ୍ୟନ୍ତ ଖରାପ ପରିଣାମ ସୃଷ୍ଟି କରେ । ଯେଉଁ ଲୋକମାନେ ବିଶ୍ୱାସ ପ୍ରସଙ୍ଗରେ ଅବହେଳା କରନ୍ତି ଏବଂ ଯେତେବେଳେ ସେମାନଙ୍କୁ ସମ୍ବୋଧନ କରି କିଛି କୁହାଯାଏ ସେତେବେଳେ ସେମାନେ ତାହାକୁ ଗୋଚର (ଶୁଣନ୍ତି) କରନ୍ତି ନାହିଁ । ତେବେ ସେମାନଙ୍କୁ ବକ୍ତାଙ୍କ ବକ୍ତବ୍ୟରୁ ତାହା ଅର୍ଥାତ୍ ବକ୍ତବ୍ୟ ଯେତେ ଉଚ୍ଚକୋଟୀର, ଉପକାରୀ ଓ ପ୍ରଭାବଶାଳୀ ହୋଇଥାଉ ନା କାହିଁକି କିଛି ବି ଲାଭ ମିଳେ ନାହିଁ (ଦେଇ ନଥାଏ) ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେଣୁ ଆମକୁ ଜଲସା କରିବାର ଲାଭ ସେତେବେଳେ ହିଁ ମିଳିପାରିବ ଯେତେବେଳେ ଆମେମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ହାସଲ କରିବାକୁ ଏବଂ ନିଜ ବୈଅତର ପ୍ରତିଜ୍ଞାକୁ ଦୋହରାଇବାକୁ ଏଠାରେ ଉପସ୍ଥିତ ହେବା ଏବଂ ଏହି ପ୍ରତିଜ୍ଞା କରିବା ଯେ, ଏଠାରୁ ଆମେମାନେ ପୁଣ୍ୟ ଓ ଧର୍ମପରାୟଣ ଉପରେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ହୋଇ ବାହାରିବୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ହ. ମସିହ୍ ମଉଦ୍ ଅ.ସ କହିଲେ, "ଆମ ଜମାଅତ୍ ପାଇଁ ବିଶେଷ ରୂପେ ଧର୍ମପରାୟଣତାର ଆବଶ୍ୟକତା ରହିଛି । ବିଶେଷ କରି ଏହି ଭାବନା ତଥା ଧାରଣା ଯେ, ସେମାନେ (ଜମାଅତର ସଦସ୍ୟବୃନ୍ଦ) ଏପରି ଜଣେ ବ୍ୟକ୍ତିଙ୍କ ସହିତ ସମ୍ପର୍କିତ ତଥା ସଂଶ୍ଳିଷ୍ଟ ଏବଂ ତାହାଙ୍କ ବୈଅତ୍ ଶୃଙ୍ଖଳାରେ ଅଛନ୍ତି ଯାହାଙ୍କର ଦାବି ହେଉଛି ସେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ (ମାମୁର୍) ଅଟନ୍ତି । କାରଣ ସେହି ଲୋକମାନେ ଯେକୌଣସି ପ୍ରକାରର ଶତ୍ରୁତା, ଈର୍ଷା କିମ୍ବା ଶିର୍କ (ଅନେକଶ୍ୱରବାଦ)ରେ ଲିପ୍ତ ଥିଲେ କିମ୍ବା ସଂସାର ପ୍ରତି ଆସକ୍ତ ଥିଲେ, ସେହି ସମସ୍ତ ବିପଦରୁ ମୁକ୍ତି ପାଆନ୍ତୁ ।"

ପରି ଶେଷରେ ହୁଜୁରେ ଅନ୍‌ୱର୍ ଅ.ବ କହିଲେ, ଏହି ଦିନମାନଙ୍କରେ ଜିକ୍ରେ ଇଲାହୀ (ଅଲ୍ଲାଃଙ୍କ ଚର୍ଚ୍ଚା) ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦିଅନ୍ତୁ । ନିଜ ପାଇଁ, ଜମାଅତ୍ ପାଇଁ, ଏବଂ ମୁସଲିମ୍ ସମାଜ (ଇସଲାମ୍ ଜଗତ) ପାଇଁ ବହୁତ ପ୍ରାର୍ଥନା କରନ୍ତୁ । ସମଗ୍ର ଦୁନିଆ ପାଇଁ ମଧ୍ୟ ବହୁତ ପ୍ରାର୍ଥନା କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ନିଜର ପରିଚୟ ପ୍ରଦାନ କରନ୍ତୁ ଏବଂ ଆମମାନଙ୍କୁ ମଧ୍ୟ ଧର୍ମ ପ୍ରଚାରର ଉଦ୍ଦେଶ୍ୟ ପୂରଣ କରିବାକୁ ଏବଂ ଧର୍ମପରାୟଣ ମାର୍ଗ ଉପରେ ପରିଚାଳିତ ହୋଇ ସେମାନଙ୍କ ନିକଟରେ ସନ୍ଦେଶ ପହଞ୍ଚାଇବାକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ☆☆☆

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)



## (ଖୁତ୍‌ବା ଜୁମା)

### କୃତଜ୍ଞତା ସଂପର୍କରେ ହ. ମସିହ ମଉଦ୍ ଅ.ସଙ୍କ ପବିତ୍ର ଶିକ୍ଷା ଓ ବ୍ୟବହାରିକ ଆଦର୍ଶ ।

**ଖୁତ୍‌ବା ଜୁମା 28 AUG 2026 ମସିହା ଅନୁଯାୟୀ ୨୮ ଜହୁର୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

الرَّجِيۡمِ . بِسۡمِ اللّٰهِ الرَّحۡمٰنِ الرَّحِيۡمِ . اَلۡحَمۡدُ لِلّٰهِ رَبِّ الۡعٰلَمِيۡنَ . اَلرَّحۡمٰنِ الرَّحِيۡمِ . مٰلِكِ يَوۡمِ الدِّيۡنِ . اِيَّاكَ نَعۡبُدُ
وَاِيَّاكَ نَسۡتَعِيۡنُ . اِهۡدِنَا الصِّرَاطَ الۡمُسۡتَقِيۡمَ . صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ . غَيۡرِ الۡمَغۡضُوۡبِ عَلَيۡهِمۡ وَلَا الضَّآلِّيۡنَ .

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଧ୍ୱଜାକୁ ବିଶ୍ୱରେ ଉଡ଼ାଇବା ପାଇଁ ହ. ମସିହ୍ ମଉଦ୍ ଅ.ସ ଯେଉଁ ଚେଷ୍ଟା କରିଥିଲେ ତାହା ତ' ସ୍ପଷ୍ଟ ଅଟେ । କିନ୍ତୁ ଆପଣ ଅ.ସ ନିଜର ସେହି ସାହାଯ୍ୟକାରୀମାନଙ୍କ ପ୍ରତି ମଧ୍ୟ ଅତ୍ୟନ୍ତ କୃତଜ୍ଞ ହେଉଥିଲେ ଯେଉଁମାନେ ଆପଣ ଅ.ସଙ୍କ ଏହି ମିଶନ୍‌କୁ ପୂରଣ କରିବା ପାଇଁ ଯେକୌଣସି ଆକାରରେ ସାହାଯ୍ୟ କରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେଣୁ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ୍ 4 ଅକ୍ଟୋବର 1899 ମସିହାରେ ଏକ ବିଜ୍ଞପ୍ତିରେ ଏକ ଆହ୍ୱାନ ଦେଇଥିଲେ । ଯେଉଁଥିରେ ଆର୍ଥିକ ସାହାଯ୍ୟ କରୁଥିବା ଜମାଅତ୍‌ର ନିଷ୍ଠାପର ସଦସ୍ୟମାନଙ୍କ ବିଷୟରେ ଉଲ୍ଲେଖ କରାଯାଇଥିଲା । ଆପଣ ଅ.ସ କହିଥିଲେ: "ଏହା ଅଲ୍ଲାଃତାଲାଙ୍କ ନିୟମ (ସୁନ୍ନତ୍) ଅଟେ ଯେ, ପ୍ରତ୍ୟେକ ଅଲ୍ଲାଃଙ୍କ ଗୋଷ୍ଠୀକୁ ନିଜର ପ୍ରାରମ୍ଭିକ ଅବସ୍ଥାରେ ଚାନ୍ଦା (ଦାନ ଧର୍ମ କରିବାର)ର ଆବଶ୍ୟକତା ପଡ଼ିଥାଏ । ଆମର ପ୍ରିୟ ମହାବତାର ମୁହମ୍ମଦ ସ.ଅ ମଧ୍ୟ କେତେକ ସମୟରେ ସାହାବା ର.ଅଙ୍କ ଉପରେ ଚାନ୍ଦା ଧାର୍ଯ୍ୟ କରିଥିଲେ । ସେମାନଙ୍କ ମଧ୍ୟରେ ହଜରତ୍ ଅବୁ ବକ୍କର୍ ର.ଅ ସବୁଠାରୁ ଆଗରେ ଥିଲେ । ତେଣୁ ସାହସର ସହିତ ସାହାଯ୍ୟ ପାଇଁ ଅବିଳମ୍ବ ପଦକ୍ଷେପ ନେବା ଉଚିତ୍ ।" ସେତେବେଳେ ଲଙ୍ଗରଖାନା (ଅନ୍ନଛତ୍ର) ପାଇଁ ଆହ୍ୱାନ କରାଯାଇଥିଲା । କାରଣ ଏହା ମଧ୍ୟ ଏକ ଲକ୍ଷ୍ୟ ଥିଲା । ଅତିଥିମାନେ ଆସୁଥିଲେ ଯେପରିକି ସେମାନେ ଇସଲାମ୍ ଧର୍ମ ସଂପର୍କରେ ସୂଚନା ପାଇପାରିବେ ଓ ଆପଣ ଅ.ସଙ୍କ ଦାବିକୁ ଶୁଣିପାରିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କହିଥିଲେ ଯେ, "ଏତଦଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ସାମର୍ଥ୍ୟାନୁସାରେ ଏହି ଲଙ୍ଗରଖାନା ପାଇଁ ସାହାଯ୍ୟ କରନ୍ତୁ । ମୁଁ ଚାହୁଁଛି ଯେ, ଯଦି ସମ୍ଭବ ହୁଏ ତେବେ ଏପରି ଏକ ବ୍ୟବସ୍ଥା ହେଉ ଯେପରିକି ମୁଁ ଲଙ୍ଗରଖାନାର ଚିନ୍ତାରୁ ଚିନ୍ତାମୁକ୍ତ ହୋଇ ନିଜ କାର୍ଯ୍ୟରେ ମନୋନିବେଶ କରିପାରିବି ।" ଅର୍ଥାତ୍ ଆପଣ ଅ.ସଙ୍କର ଇସଲାମ୍ ଧର୍ମର ଯେଉଁ ପ୍ରଚାର କାର୍ଯ୍ୟ ଥିଲା, ଆଁହଜରତ୍ ସ.ଅଙ୍କ ବାର୍ତ୍ତାକୁ ବିଶ୍ୱରେ ପହଞ୍ଚାଇବାର ଯେଉଁ କାର୍ଯ୍ୟ ରହିଥିଲା ସେହି ଦିଗରେ ଆପଣ ଅ.ସ ଆହୁରି ଅଧିକ ଧ୍ୟାନ ଦେଇପାରିବେ । ଯେଉଁ ଅତିଥିମାନେ ଉକ୍ତ ଉଦ୍ଦେଶ୍ୟରେ ଆସୁଛନ୍ତି ସେମାନଙ୍କ ପାଇଁ ଏକ ଅଲଗା ବ୍ୟବସ୍ଥା ହେଉ ବୋଲି ଆପଣ ଅ.ସ ଚାହୁଁଥିଲେ । ସେ ଯାହାହେଉ ଆପଣ ଅ.ସ କୁହନ୍ତି ଯେ, ନିଶ୍ଚିନ୍ତ ଭାବରେ ମୁଁ ଉକ୍ତ ଅଭିପ୍ରାୟ ସକାଶେ ଲାଗି ରହିବି ଏବଂ ମୋ ସମୟର କୌଣସି କ୍ଷତି ତଥା ଅପଚୟ ଯେପରି ନହେଉ । ସେହିପରି ଯେଉଁମାନେ ମୋତେ ସାହାଯ୍ୟ କରୁଛନ୍ତି ଶେଷରେ ସେମାନେ ଅଲ୍ଲାଃଙ୍କ ସାହାଯ୍ୟ ଅବଶ୍ୟ ଦେଖିନେବେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆପଣ ଅ.ସ ଆଗକୁ କୁହନ୍ତି ଯେ "ମୁଁ ଏହି କଥାକୁ ନଲେଖି ରହିପାରୁ ନାହିଁ ଯେ, ଏହି ସାହାଯ୍ୟ ଏବଂ ପରିଶ୍ରମରେ ପ୍ରଥମ ସ୍ଥାନରେ ଆମର ଏକାନ୍ତ ନିଷ୍ଠାପର ପ୍ରିୟ ବନ୍ଧୁ (ହୁବ୍‌ବି ଫିଲ୍ଲାଃହି) ମୌଲବୀ ହକୀମ ନୁରୁଦ୍ଦୀନ୍ ସାହେବ ଅଛନ୍ତି । ସେ କେବଳ ଆର୍ଥିକ ସାହାଯ୍ୟ କରି ନାହାନ୍ତି ବରଂ ଦୁନିଆର ସମସ୍ତ ସମ୍ପର୍କକୁ ତ୍ୟାଗ (ଛିନ୍ନ) କରି ଫକୀରର ବସ୍ତ୍ର ପରିଧାନ କରି ଏବଂ ନିଜ ମାତୃଭୂମିରୁ ପ୍ରବାସ କରି କାଦିୟାନ୍‌ରେ ମୃତ୍ୟୁ ଦିନ ପର୍ଯ୍ୟନ୍ତ ଆସି ବାସ କରିଛନ୍ତି ଓ ସେ ପ୍ରତ୍ୟେକ ସମୟରେ ଉପସ୍ଥିତ ଅଛନ୍ତି । ଯଦି ମୁଁ ଚାହେଁ ତେବେ ମୁଁ ତାଙ୍କୁ ପୂର୍ବକୁ ପଠାଇଦେବି କିମ୍ବା ପଶ୍ଚିମକୁ ପଠାଇଦେବି ।" ଅର୍ଥାତ୍ ଇସଲାମ୍ ଧର୍ମର ବାର୍ତ୍ତା ପହଞ୍ଚାଇବା ପାଇଁ ତାଙ୍କୁ ପଠାଇ ଦେଇପାରିବି ।" ଆପଣ ଅ.ସ କୁହନ୍ତି ମୋ ମତରେ ଏମାନେ ସେହି ଲୋକ ଅଟନ୍ତି ଯାହାଙ୍କ ସମ୍ପର୍କରେ 'ବରାହିନେ ଅହମଦିୟା'ରେ ଏହି ଐଶୀବାଣୀ ଅଛି اَصۡحٰبُ الصُّفَّةِ وَمَاۤ اَدۡرٰكَ مَاۤ اَصۡحٰبُ الصُّفَّةِ । ଅର୍ଥାତ୍ ଏମାନେ 'ସୁଫ୍ଫା'ର ଅଧିବାସୀ, ଏବଂ ତୁମେ କ'ଣ ଜାଣ ଯେ ସୁଫ୍ଫାର ଅଧିବାସୀମାନେ କ'ଣ ଅଟନ୍ତି ?

ଆପଣ ଅ.ସ ପୁନଶ୍ଚ କୁହନ୍ତି ଯେ "ଏବଂ ପ୍ରଶଂସିତ ହଜରତ୍‌ଙ୍କ (ଖଲିଫା ଅୱଲ୍‌ଙ୍କ) ପରେ ଦ୍ୱିତୀୟ ସ୍ଥାନରେ ପ୍ରିୟବନ୍ଧୁ ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବ ସିଆଲ୍‌କୋଟୀ ଅଛନ୍ତି । ତାଙ୍କୁ ତ' ପ୍ରଥମରୁ ହିଁ ଅଲ୍ଲାଃତାଲା ଦୁନିଆର ପଦବୀ ଏବଂ ପ୍ରତିଷ୍ଠା ପ୍ରତି ଆକର୍ଷଣ ଦେଇ ନାହାନ୍ତି, କିନ୍ତୁ ଏବେ ସେ ସମ୍ପୂର୍ଣ୍ଣ ଭାବେ ସାଂସାରିକ ଚିନ୍ତାଧାରାରୁ ଇସ୍ତଫା ଦେଇ (ସାଂସାରିକ ମୋହମାୟାକୁ ତ୍ୟାଗ କରି) ଏହି ଦ୍ୱାରରେ ବସିଛନ୍ତି ଏବଂ ଦିନରାତି ନିଜ ସାମର୍ଥ୍ୟ ଠାରୁ ଅଧିକ କାମ ନେଇ ଧର୍ମ ସେବା କରୁଛନ୍ତି । ଶୁକ୍ରବାର ନମାଜ୍‌ରେ ଅନେକ ସତ୍ୟତା ପବିତ୍ର କୁରଆନ୍ କରୀମ୍‌ର ଗୁପ୍ତ ଅଧ୍ୟାତ୍ମ ଜ୍ଞାନ ଓ ସତ୍ୟତା ବ୍ୟାଖ୍ୟା କରନ୍ତି ଓ ମୁସଲମାନମାନଙ୍କୁ ସେ ଲାଭ ପ୍ରଦାନ କରନ୍ତି । ମୌଲବୀ ହକୀମ୍ ନୁରୁଦ୍ଦୀନ୍ ସାହେବଙ୍କ ସହରର ବାସିନ୍ଦା ହକୀମ୍ ଫଜଲ୍ ଦୀନ୍ ସାହେବ ଅଛନ୍ତି ଏବଂ ସେ ମଧ୍ୟ ପ୍ରାୟ ସେହି ସ୍ଥାନରେ ରହୁଛନ୍ତି ଓ ସେବାରେ ନିୟୋଜିତ ଅଛନ୍ତି । ଏବଂ ଆମର ଜଣେ ନିଷ୍ଠାପର ବନ୍ଧୁ ଡାକ୍ତର ବୁଢ଼େ ଖାନ୍ ସାହେବ ଏହି ଦୁନିଆରୁ ବିଦାୟ ନେଇଛନ୍ତି। କିନ୍ତୁ କୃତଜ୍ଞତାର ବିଷୟ ଏହିକି ଯେ, ଅନ୍ୟ ଚାରିଜଣ ନିଷ୍ଠାପର ବନ୍ଧୁ ଡାକ୍ତର ଖଲିଫା ରଶୀଦୁଦ୍ଦୀନ୍ ସାହେବ ଲାହୋରୀ, ଡାକ୍ତର ମିର୍ଜା ୟାକୁବ୍ ବେଗ୍ ସାହେବ କଲାନୁରୀ, ଡାକ୍ତର ମୁହମ୍ମଦ ଇସ୍‌ମାଇଲ୍ ସାହେବ ଏବଂ ଡାକ୍ତର ଅବ୍‌ଦୁଲ ହକୀମ୍ ଖାନ୍ ସାହେବ ଆମ ଜମାଅତ୍‌ରେ ଉପସ୍ଥିତ ଅଛନ୍ତି। ସେହିପରି ଅତ୍ୟନ୍ତ ନିଷ୍ଠାବାନ୍ ଅନ୍ୟ କେତେକ ସଦସ୍ୟମାନେ ଅଛନ୍ତି ଯେଉଁମାନେ ଏହି ସ୍ଥାନରେ ବାସ କରିବା ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ମିର୍ଜା ଖୁଦା ବଖ୍‌ଶ ସାହେବ ମଧ୍ୟ ଜଣେ (ଅନ୍ୟତମ ଅଟନ୍ତି) । ସାହେବଜାଦା ସିରାଜୁଲ ହକ୍ ସାହେବ ସରସାୱୀ ନିଜ ମାତୃଭୂମି ସରସାୱାରୁ ହିଜରତ୍ (ପ୍ରବାସ୍) କରି କାଦିୟାନ୍‌କୁ ଆସିଛନ୍ତି । ଆହୁରି ଅନେକ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଅଛନ୍ତି । ମୁଁ ପ୍ରାର୍ଥନା କରୁଛି ଯେ, ଏହି ସମସ୍ତ ବ୍ୟକ୍ତିଙ୍କ ପାଇଁ ଏହି ହିଜରତ୍ (ପ୍ରବାସ) ମଙ୍ଗଳମୟ ସାବ୍ୟସ୍ତ ହେଉ। ମୌଲବୀ ହକୀମ୍ ନୁରୁଦ୍ଦୀନ୍ ସାହେବ ତ' ଆମର ଏହି ସିଲ୍‌ସିଲା (ଶୃଙ୍ଖଳା)ର ଜଣେ ଜାଜ୍ୱଲ୍ୟମାନ (ଉଜ୍ଜ୍ୱଳ) ପ୍ରଦୀପ ଅଟନ୍ତି । ସେ ପ୍ରତ୍ୟେକ ଦିନ ପବିତ୍ର କୁରଆନ୍ ଶରୀଫ୍ ଏବଂ ହଦୀସ୍‌ର ଦରସ୍ (ହିତୋପଦେଶ) ଦିଅନ୍ତି। ସେ ଏତେ ପରିମାଣରେ ପବିତ୍ର କୁରଆନ୍‌ର ନିଗୂଢ଼ ସତ୍ୟାତ୍ମକ ରହସ୍ୟ ବ୍ୟାଖ୍ୟା କରନ୍ତି ଯେ, ଯଦି ଏହା ଅଲ୍ଲାଃଙ୍କ ସାହାଯ୍ୟ ନୁହେଁ ତେବେ ଆଉ କ'ଣ ? ହ. ମୌଲବୀ ସାହେବ ହୁବ୍‌ବି ଫିଲ୍ଲାଃହି ଏବଂ ପ୍ରିୟବନ୍ଧୁ ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବ ଦୁହେଁ ଅନ୍ତରର ସହିତ ଚାହାନ୍ତି ଯେ, କାଦିୟାନ୍‌ରେ ହିଁ ସେମାନଙ୍କର ଜୀବନ ବିତୁ ଓ କାଦିୟାନରେ ହିଁ ସେମାନଙ୍କର ମୃତ୍ୟୁ ହେଉ । ଆମ ଜମାଅତ୍‌ର ଯେଉଁ ନିଷ୍ଠାପର ଗୋଷ୍ଠୀ ବ୍ୟବସାୟ-ବାଣିଜ୍ୟରେ ନିୟୋଜିତ ଅଛନ୍ତି ସେମାନଙ୍କ ମଧ୍ୟରେ ମାନ୍ଦ୍ରାଜର ବ୍ୟବସାୟୀ ପ୍ରିୟବନ୍ଧୁ ସେଠ୍ ଅବ୍‌ଦୁର୍ ରହମାନ୍ ସାହେବ ପ୍ରଶଂସନୀୟ ଅଟନ୍ତି । ସେ ପୁଣ୍ୟ ଅର୍ଜନ କରିବାର ଅନେକ ସୁଯୋଗ ପ୍ରାପ୍ତ କରିଛନ୍ତି । ସେ ଏତେ ଉତ୍ସାହୀ ପ୍ରେମିକ ଅଟନ୍ତି ଯେ, ଏତେ ଦୂରରେ ରହି ମଧ୍ୟ ନିକଟତର ଅଟନ୍ତି ଏବଂ ଆମ ସିଲ୍‌ସିଲାର ଲଙ୍ଗରଖାନାକୁ ବହୁତ ସାହାଯ୍ୟ କରନ୍ତି । ତାଙ୍କର ଏହି ନିଷ୍ଠା ଏବଂ ନିରନ୍ତର ସେବା ଯାହା ପ୍ରେମ, ବିଶ୍ୱାସ ଓ ପ୍ରତ୍ୟୟରେ ପରିପୂର୍ଣ୍ଣ ଅଟଟେ ତାହା ସମଗ୍ର ଜମାଅତ୍‌ର ସାମର୍ଥ୍ୟବାନ୍ ଲୋକଙ୍କ ପାଇଁ ଏକ ଆଦର୍ଶ ଅଟେ । କାରଣ ଏପରି ଲୋକ ଖୁବ୍ କମ୍ ଅଛନ୍ତି । ସେ ଅବିରତ ଏବଂ ନିୟମିତ ମାସିକ 100 ଟଙ୍କା ପଠାନ୍ତି ଏବଂ ଆଜି ପର୍ଯ୍ୟନ୍ତ କେତେଥର କେବଳ ନିଜର ପ୍ରେମ ଓ ନିଷ୍ଠା ଯୋଗୁଁ ଏକା ଥରକେ 500 ଟଙ୍କା ପର୍ଯ୍ୟନ୍ତ ପଠାଇ ସାରିଛନ୍ତି । (ସେହି ସମୟରେ ଏହି ରାଶି ଧର୍ମର ପ୍ରଚାର ଏବଂ ଅତିଥିମାନଙ୍କ ଯତ୍ନ ନେବା ପାଇଁ ଏକ ବଡ଼ ରାଶି ଥିଲା ଯାହା ସେ ପଠାଉଥିଲେ) । ଯେଉଁ ମାସିକ 100 ଟଙ୍କା ସେ ଦିଅନ୍ତି ତାହା ଏହା ବ୍ୟତୀତ ଅଟେ ଅତିରିକ୍ତ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଲାହୋର୍‌ର ଜଣେ ବ୍ୟବସାୟୀ ପ୍ରିୟବନ୍ଧୁ ଶେଖ୍ ରହମତୁଲ୍ଲାଃ ସାହେବଙ୍କୁ ମୁଁ ଭଲଭାବେ ଜାଣେ ଯେ, ଶେଖ୍ ସାହେବ ହୃଦୟର ସହିତ ଆମକୁ ଭଲପାଆନ୍ତି । ମୋ ବିରୋଧରେ କରାଯାଇଥିବା ଫୌଜଦାରୀ ମକଦ୍ଦମାରେ ସେ ନିଜର ବହୁତ ଟଙ୍କା ଦେଇ ମୋତେ ସାହାଯ୍ୟ କରିଥିଲେ ଏବଂ ପ୍ରେମର ଉତ୍ସାହରେ ବ୍ୟାକୁଳ ହୋଇ ମୋ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିଲେ । ଏବେ ସେ ଆମ କାର୍ଯ୍ୟ ପାଇଁ ଶହ ଶହ ଟଙ୍କାର ଖର୍ଚ୍ଚ ବହନ କରି ଲଣ୍ଡନ୍‌ରେ ବସିଛନ୍ତି । ଅଲ୍ଲାଃତାଲା ତାଙ୍କୁ ଶୀଘ୍ର ସକୁଶଳେ ଫେରାଇ ଆଣନ୍ତୁ । ଏହା ସେତେବେଳର କଥା ଯେତେବେଳେ ସେ ଲଣ୍ଡନ୍ ଯାଇଥିଲେ । ଆପଣ ଅ.ସ କୁହନ୍ତି ଯେ: "ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ପ୍ରିୟବନ୍ଧୁ ସର୍ଦ୍ଦାର୍ ନୱାବ୍ ମୁହମ୍ମଦ ଅଲୀ ଖାନ୍ ସାହେବ ମଧ୍ୟ ପ୍ରେମ ଓ ନିଷ୍ଠାରେ ବେଶ୍ ଉନ୍ନତି କରିଛନ୍ତି । ସଠିକ୍ ବିଚାରଶକ୍ତି ସାକ୍ଷୀ ଦିଏ ଯେ, ସେ ଖୁବ୍ ଶୀଘ୍ର ଗର୍ବଯୋଗ୍ୟ ନିଷ୍ଠା ଓ ପ୍ରେମର ଶିଖର ପର୍ଯ୍ୟନ୍ତ ପହଞ୍ଚିବେ । ସେ ସର୍ବଦା ଯଥାସମ୍ଭବ ଆର୍ଥିକ ସାହାଯ୍ୟରେ ମଧ୍ୟ କାମରେ ଆସିଛନ୍ତି । ମୁଁ ଏହି ଆଶା କରୁଛି ଯେ, ସେ ଅଲ୍ଲାଃଙ୍କ ମାର୍ଗରେ ନିଜର ଧନସମ୍ପତ୍ତିକୁ ଏହାଠାରୁ ଅଧିକ ଉତ୍ସର୍ଗ କରିବେ । ଅଲ୍ଲାଃତାଲା ପ୍ରତ୍ୟେକଙ୍କ କାର୍ଯ୍ୟ ତଥା କୃତ୍ୟକୁ ଦେଖୁଛନ୍ତି ।"

ସେହିପରି ଆପଣ ଅ.ସ କୁହନ୍ତି ଯେ, "ମୋର କହିବା କିମ୍ବା ଲେଖିବାର ଆବଶ୍ୟକତା ନାହିଁ । ସେହିପରି ଆହୁରି ଅନେକ ନିଷ୍ଠାପର ସଦସ୍ୟବୃନ୍ଦ ଅଛନ୍ତି । କିନ୍ତୁ ଦୁଃଖର ବିଷୟ ଏହିକି ଯେ, ଯଦି ମୁଁ ସମସ୍ତଙ୍କ ନାମ ଲେଖିବି ତେବେ ଏହା ଏକ ବହୁତ ବଡ଼ ପ୍ରବନ୍ଧ ହୋଇଯିବ (ଏହା ଆପଣ ଦେଇଥିବା ବିଜ୍ଞପ୍ତି ଏକ ଥିଲା)। ମୁଁ ଏହି ସମସ୍ତଙ୍କ ପାଇଁ ପ୍ରାର୍ଥନା କରୁଛି ଯେ, ଅଲ୍ଲାଃତାଲା ସେମାନଙ୍କୁ ଉଭୟ ଜଗତର ଖୁସି ଏବଂ ପ୍ରସନ୍ନତା ପ୍ରଦାନ କରନ୍ତୁ । **ଆମିନ୍** । ଯାହା କିଛି ସେମାନେ ଅଲ୍ଲାଃଙ୍କ ପାଇଁ କରୁଛନ୍ତି କିମ୍ବା ଭବିଷ୍ୟତରେ କରିବେ ତାହା ସବୁ ଅଲ୍ଲାଃତାଲାଙ୍କ ନଜରରେ ଅଛି ।" **(ମଜ୍‌ମୁଆ ଇସ୍ତିହାରାତ୍, ଗ୍ରନ୍ଥଖଣ୍ଡ-2, ପୃ-542 ରୁ546, ସଂସ୍କରଣ ମସିହା-2019 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଥିଲା ଆଁହଜରତ୍ ସ.ଅଙ୍କ ପ୍ରକୃତ ସେବକ ହ. ମସିହ ମଉଦ୍ ଅ.ସଙ୍କର ନିଜ ସାହାଯ୍ୟକାରୀମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାର ଶୈଳୀ । ହ. ମସିହ୍ ମଉଦ୍ ଅ.ସ କାହାର ସାମାନ୍ୟ ସେବା ପାଇଁ ମଧ୍ୟ ଅଶେଷ କୃତଜ୍ଞତା ଜ୍ଞାପନ କରୁଥିଲେ । ତେଣୁ ହ. ମୁନସୀ ମହବୁବ୍ ଆଲମ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଆମ ମହଲ୍ଲାରେ (ସାହିରେ) ଜଣେ ଅଣଅହମଦୀ ବ୍ୟକ୍ତି ଥିଲେ । ସେ ଫାଲୁଦା

ତିଆରି କରୁଥିଲେ । ଯେତେବେଳେ ହଜରତ୍ ସାହେବ ଅ.ସ ଖ୍ୱାଜା କମାଲୁଦ୍ଦୀନ୍ ସାହେବଙ୍କ ଘରକୁ ଆସିଲେ ସେହି ଫାଲୁଦାବାଲା ମୋତେ କହିଲା ଯେ, ଯଦି ଆପଣ ମୋ ପାଇଁ ହୁଜୁର୍ ଅ.ସଙ୍କଠାରୁ ଅନୁମତି ଆଣି ଦିଅନ୍ତି ତେବେ ମୁଁ ହୁଜୁର୍ ଅ.ସଙ୍କୁ ଫାଲୁଦା ପାନ କରାଇବି । ତେଣୁ ମୁଁ ହଜରତ ଅ.ସଙ୍କ ସେବାରେ ଉପସ୍ଥିତି ହୋଇ କହିଲି ଯେ, ହୁଜୁର୍ ! ଅମକ ବ୍ୟକ୍ତି ଆପଣ ଅ.ସଙ୍କୁ ଫାଲୁଦା ପାନ କରାଇବାକୁ ଚାହୁଁଛି। ପ୍ରତ୍ୟୁତ୍ତରରେ ହୁଜୁର୍ ଅ.ସ ମୋର ନିବେଦନକୁ ସ୍ୱୀକାର କଲେ । ତେଣୁ ସେ ସମସ୍ତ ସାମଗ୍ରୀ ନେଇ ସେଠାକୁ ଆସିଲା । ହୁଜୁର୍ ଅ.ସ ଖ୍ୱାଜା କମାଲୁଦ୍ଦୀନ୍ ସାହେବଙ୍କ ଅଗଣାର ଖଟ ଉପରେ ବିରାଜମାନ ଥିଲେ । ମୁଁ ତାହା ଅର୍ଥାତ୍ ସେହି ଫାଲୁଦା ଉପସ୍ଥାପିତ କଲି । ହ. ମସିହ୍ ମଉଦ୍ ଅ.ସ ତାକୁ ଫାଲୁଦା ତିଆରି କରିବାକୁ କହିଲେ । ସେ ବାହାରେ ବସି ଗୋଟିଏ କପ୍ ଫାଲୁଦା ତିଆରି କରି ହୁଜୁର୍ ଅ.ସଙ୍କୁ ଉପସ୍ଥାପିତ କଲା । ହୁଜୁର୍ ଅ.ସ ତାହା ଗ୍ରହଣ (ପାନ) କଲେ ଏବଂ ପ୍ରଶଂସା କରି କହିଲେ ଯେ " ଆରେ ଏଇଟା ବହୁତ ଭଲ (ସ୍ୱାଦିଷ୍ଟ) ହୋଇଛି, ଭଲ ଲାଗୁଛି" । ତା'ପରେ ସେ ଦଶ ବାର କପ୍ ଭିତରକୁ ପଠାଇଲା ଏବଂ ସମସ୍ତଙ୍କୁ ପିଆଇଲା।  ଫଳତଃ ହ. ମସିହ୍ ମଉଦ୍ ଅ.ସ ଦୁଇ ଟଙ୍କା କାଢ଼ି ମୋତେ ଦେଲେ ଯେ, ତାକୁ ଦେଇଦିଅ । ସେହି ସମୟରେ ଏହାର ମୂଲ୍ୟ ବହୁତ ଅଧିକ ଥିଲା । ମୁଁ ସେହି ଦୁଇ ଟଙ୍କା ନେଇ ତା' ପାଖକୁ ଯେତେବେଳେ ନେଇକି ଗଲି ସେତେବେଳେ ନେବାକୁ ମନା କଲା ଏବଂ କହିଲା, ଯେ ମୋତେ ହୁଜୁର୍ ଅ.ସଙ୍କ ସମ୍ମୁଖକୁ ନେଇଚାଲ । ତେଣୁ ମୁଁ ତାକୁ ହୁଜୁର୍ ଅ.ସଙ୍କ ସେବାରେ ନେଇଗଲି । ସେ ହୁଜୁର୍ ଅ.ସଙ୍କ ସମ୍ମୁଖରେ ହାତ ଯୋଡ଼ି କହିଲା ଯେ, ହୁଜୁର୍ ! "ମୋତେ ଦୁଇ ଟଙ୍କା ଦରକାର ନାହିଁ । ମୁଁ ଉପହାର ସ୍ୱରୂପ ଫାଲୁଦା ପେଶ୍ କରିଥିଲି" । ତା'ର ଜିଦ୍ ଯୋଗୁଁ ହଜରତ୍ ସାହେବ ଅ.ସ ତାକୁ ସେହି ଟଙ୍କା ତ' ଦେଲେ ନାହିଁ, କିନ୍ତୁ ଦୁଆ କଲେ ଏବଂ "**ଯଜାକୁମୁଲ୍ଲାଃହୁ ଅହ୍‌ସନାଲ୍ ଯଜା**" (ଅଲ୍ଲାଃ ଆପଣଙ୍କୁ ସର୍ବୋତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ) କହିଲେ । ସେ କୁହନ୍ତି ଯେ, ଏହି ପ୍ରାର୍ଥନାର ବରକତ୍ (ଆଶୀର୍ବାଦ ବା କଲ୍ୟାଣ) ଏହା ହେଲା ଯେ, ସେହି ବାଳକର ସନ୍ତାନମାନେ ଆଜି ବହୁତ ଉଚ୍ଚ ପଦବୀରେ ଅଧିଷ୍ଠିତ ଅଛନ୍ତି । **(ରିୱାୟାତେ ଅସହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ-278-279ରୁ ଉଦ୍ଧୃତ)**

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମୌଲବୀ ଇବ୍ରାହିମ୍ ସାହେବ ବକାପୁରୀ ର.ଅ ବର୍ଣ୍ଣନା କରନ୍ତି ଯେ: "ଥରେ ସିଆଲକୋଟ୍‌ର ଜମାଅତ୍, ଯେଉଁଥିରେ ସ୍ୱର୍ଗତ ହ. ମୀର୍ ହାମିଦ୍ ଶାହ୍ ସାହେବ, ସ୍ୱର୍ଗତ ଚୌଧୁରୀ ନସ୍ରୁଲ୍ଲାଃ ଖାନ୍ ସାହେବ ଏବଂ ମୁଁ ସାମିଲ୍ ଥିଲି କିଛି ଟଙ୍କା ଉପହାର ସ୍ୱରୂପ ହୁଜୁର୍ ଅ.ସଙ୍କ ସେବାରେ ଆମେ ଉପସ୍ଥାପିତ କଲୁ। ଯେଉଁ ରୁମାଲ୍‌ରେ ଟଙ୍କା ବନ୍ଧା ହୋଇଥିଲା ତାହାକୁ ନେଇ ପ୍ରଥମେ ହୁଜୁର୍ ଅ.ସ '**ଅଲ୍‌ହମ୍‌ଦୁଲିଲ୍ଲାଃହ**' (ଅଲ୍ଲାଃଙ୍କ ପ୍ରଶଂସା) କଲେ, ତା'ପରେ '**ଯଜାକୁମୁଲ୍ଲାଃ**' କହିଲେ। ଏହାଦ୍ୱାରା ଆମ ବିଶ୍ୱାସରେ ଉନ୍ନତି ହେଲା ଯେ, ପ୍ରଥମେ ହୁଜୁର୍ ଅ.ସ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କଲେ, ତା'ପରେ ଆମ ପାଇଁ ଦୁଆ (ପ୍ରାର୍ଥନା) କଲେ ।"

**(ରିୱାୟାତେ ଅସହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ-56ରୁ ଉଦ୍ଧୃତ)**

ହୁଜୁର୍ ଅନୱର୍ ଅ.ବ କହିଲେ, ପୂର୍ବରୁ ମଧ୍ୟ ମୁଁ ଥରେ ବର୍ଣ୍ଣନା କରି ସାରିଛି ଯେ, ହୁଜୁର ଅ.ସ କହିଥିଲେ: "ପ୍ରଥମେ ଅଲ୍ଲାଃତାଲାଙ୍କ ଜ୍ଞାପନ କର ଓ ତା'ପରେ ଯାଇ ଭକ୍ତ ଅର୍ଥାତ ମଣିଷମାନଙ୍କର କୃତଜ୍ଞତା ଜ୍ଞାପନ କର ।"

**(ହୟାତେ କୁଦ୍‌ସୀ, ପୃ-134ରୁ ଉଦ୍ଧୃତ)**

ହୁଜୁର୍ ଅନୱର୍ ଅ.ବ କହିଲେ, ହଜରତ କୁଲ୍‌ଫିକାର୍ ଅଲୀ ଖାନ୍ ଗୋହର ସାହେବ ର.ଅ ନାମକ ଜଣେ ସାହାବି ଅଛନ୍ତି । ସେ ନିଜର ଏକ ଘଟଣା ବର୍ଣ୍ଣନା କରନ୍ତି ଯେ: "ଥରେ ହୁଜୁର୍ ଅ.ସ 'ବୈତୁଦ୍ ଦୁଆ' (ପ୍ରାର୍ଥନା ଗୃହ) ଯାହା ତଳ ମହଲାରେ ଅବସ୍ଥିତ ଥିଲା, ମେହେନ୍ଦି (ମଞ୍ଜୁଆତି) ଲଗାଇବା ହେତୁ ସକାଳ ପ୍ରାୟ 10 ଘଟିକା ସମୟରେ ବାହାରକୁ ଆସିଲେ । ବୈତୁଦ୍ ଦୁଆ ସଂଲଗ୍ନ ଏକ କୋଠରୀ ଥିଲା ଯାହାର ଗୋଟିଏ ଦ୍ୱାର ଦେଇ ଆପଣ ଅ.ସ ଆସିଲେ । ଦାଢ଼ି ଏବଂ ମୁଣ୍ଡ କେଶରେ ଆପଣ ଅ.ସ ରଙ୍ଗ (ମେହେନ୍ଦି) ଲଗାଇଥିଲେ । ସେହି ସମୟରେ ମେହେନ୍ଦି ଲଗାଯାଉଥିଲା ତେଣୁ ହ. ମସିହ୍ ମଉଦ୍ ଅ.ସ ତାହା ଲଗାଉଥିଲେ । ସେ କୁହନ୍ତି ଯେ, ଗୋଟିଏ ଦ୍ୱାର ଅଗଣାକୁ ଖୋଲୁଥିଲା ଏବଂ ଅନ୍ୟଟି ମୋ କୋଠରୀ ଆଡ଼କୁ ଥିଲା । ମୁଁ ପାଖରେ ରହୁଥିବାରୁ ସେହି କୋଠରୀରେ ମୁଁ ହଜୁରଙ୍କ ଆଗମନକୁ ଅପେକ୍ଷା କରୁଥିଲି । ହୁଜୁର୍ ଅ.ସ ବୈତୁଦ୍ ଦୁଆରୁ ବାହାରକୁ ଆସି ଖଟ ଉପରେ ବସିଗଲେ । ମୋତେ କହିଲେ ଯେ, "ମୌଲବୀ ସୈୟଦ୍ ସରୱର ଶାହ୍ ସାହେବଙ୍କୁ କୁହନ୍ତୁ ଯେ, ସେ ମୋ ପାଇଁ କିଛି ଖାଦ୍ୟ ଏଠାକୁ ନେଇ ଆସିବେ" । ସେହି ସମୟରେ ଅତିଥିମାନେ ଆସିଥିଲେ, ତେଣୁ ଏକାଠି ରୋଷେଇ ହେଉଥିଲା । ସରୱର ଶାହ୍ ସାହେବ ର.ଅଙ୍କ ଉପରେ ଏହାର ଦାୟିତ୍ୱ ନ୍ୟସ୍ତ ହୋଇଥିଲା । ସେ କୁହନ୍ତି, ମୁଁ ଯାଇ ତାଙ୍କୁ କହିଦେଲି । ସେହି ସମୟରେ ହିଁ ଆମେ ସମସ୍ତେ ଖାଇ ସାରିଥିଲୁ । କଷ୍ଟରେ 10 ମିନିଟ୍ ବିତିଥିବ । କିନ୍ତୁ କିଛି ବି ଖାଦ୍ୟ ବାକି ନଥିଲା । 10 ମିନିଟ୍‌ରେ ହିଁ ଖାଦ୍ୟ ଶେଷ ହୋଇଯାଇଥିଲା । ଲୋକମାନେ ଖାଇ ସାରିଥିଲେ । ସେ କୁହନ୍ତି, ଯେତେବେଳେ ମୁଁ ସନ୍ଦେଶ ଦେଲି ଯେ, ମୌଲବୀ ସରୱର ଶାହ୍ ସାହେବଙ୍କ ମୁହଁ ଫିକା ପଡ଼ିଗଲା । ସେ ଯାହା ହେଉ ସେ ଗୋଟିଏ ଛୋଟ ବାସନରେ କ୍ଷୀର ଏବଂ ଥାଳିରେ ତିନୋଟି 'ଟୋଷ୍ଟ' (ପାଉଁରୁଟି) ସହିତ ଚିନି ନେଇ ଆସିଲେ । ତାଙ୍କ ମୁହଁ ଶୁଖିଯାଇଥିଲା, ସେ ବହୁତ ଦୁଃଖୀ ଥିଲେ ଯେ ହ. ମସିହ୍ ମଉଦ୍ ଅ.ସ ଖାଦ୍ୟ ମାଗିଛନ୍ତି ଏବଂ ଖାଦ୍ୟ ନାହିଁ । ସେ କହିଲେ ଯେ, "ହଜୁର ! ଏହି ସମୟରେ ଆଉ କିଛି ନାହିଁ" । କୁଲ୍‌ଫିକାର ଅଲୀ ଖାନ୍ ସାହେବ ର.ଅ କୁହନ୍ତି, ମୁଁ ବହୁତ ଆଶ୍ଚର୍ଯ୍ୟ ହେଲି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ପାଇଁ ଖାଦ୍ୟ ରଖାଯାଇ ନାହିଁ । ଏହା କି ପ୍ରକାର ବ୍ୟବସ୍ଥା ? ହୁଜୁର୍ ଅନୱର୍ ଅ.ବ କହିଲେ, ହୁଜୁର୍ ଅ.ସ ଅତ୍ୟନ୍ତ କୃତଜ୍ଞତାର ସହିତ କହିଲେ, "ହଉ କିଛି କଥା ନାହିଁ" ଏହା ଆପଣ ଅ.ସଙ୍କ ମୁହଁରୁ ସ୍ପଷ୍ଟ ଜଣାପଡୁଥିଲାଏହା ନୁହେଁ । ଯେ କେବଳ ଦେଖାଇବା ପାଇଁ ଥିଲା ବରଂ ପ୍ରକୃତ କୃତଜ୍ଞତା ଥିଲା । ଆପଣ ଅ.ସ ସେହି ଦୁଇଟି ଟୋଷ୍ଟ କାଢ଼ି ଚିନିରେ ଲଗାଇ ଖାଇନେଲେ ଏବଂ ତା' ଉପରେ ପାଣି ପିଇନେଲେ । ସେ କୁହନ୍ତି ସେତେବେଳେ ମୋ ମନକୁ ଆସିଲା ଯେ, ଅଲ୍ଲାଃତାଲା ଏହି ଭୁଲ୍ ଏଇଥିପାଇଁ କରାଇଥିଲେ ଯେପରି ହୁଜୁର୍ ଅ.ସଙ୍କ ଧୈର୍ଯ୍ୟ, କୃତଜ୍ଞତା ଏବଂ ଆଧ୍ୟାତ୍ମିକ ସ୍ତର ଦୁନିଆ ସମ୍ମୁଖରେ ପ୍ରକାଶ ପାଇବ ।

**(ରିୱାୟାତେ ଅସହାବେ ଅହମଦ, ଗ୍ରନ୍ଥଖଣ୍ଡ-3, ପୃ-54ରୁ ଉଦ୍ଧୃତ)**

ହୁଜୁର୍ ଅନୱର୍ ଅ.ବ କହିଲେ, ସାହାବା ର.ଅ ମାନେ ଏହିପରି ଛୋଟ ଛୋଟ କଥାକୁ ଲିପିବଦ୍ଧ କରୁଥିଲେ । 7 ଅଗଷ୍ଟ 1900 ମସିହାରେ ହୁଜୁର୍ ଅ.ସ ହ. ନୱାବ୍ ମୁହମ୍ମଦ ଅଲୀ ଖାନ୍ ସାହେବ ର.ଅଙ୍କୁ କୃତଜ୍ଞତା ପତ୍ର ଲେଖି କହିଥିଲେ । ସେ କିଛି ଉତ୍ତମ ବସ୍ତ୍ର ଉପହାର ସ୍ୱରୂପ ପଠାଇଥିଲେ । "ମହୋଦୟ ! ଆପଣଙ୍କର ଉତ୍ତମ ଓ ସୁନ୍ଦର ବସ୍ତ୍ରର ଉପହାର, ଯାହା ଆପଣ ଅତ୍ୟନ୍ତ ପ୍ରେମ ଓ ନିଷ୍ଠାର ସହିତ ପ୍ରଦାନ କରିଛନ୍ତି, ମୋତେ ମିଳିଯାଇଛି । ଏଥିପାଇଁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି (କୃତଜ୍ଞତା ଜ୍ଞାପନ କରୁଛି)। ପ୍ରତ୍ୟେକ ବସ୍ତ୍ରକୁ ଦେଖି ଜଣାପଡୁଛି ଯେ, ଆପଣ ବହୁତ ପରିଶ୍ରମ ଓ ନିଷ୍ଠାର ସହିତ ଏହାକୁ ତିଆରି କରାଇଛନ୍ତି । ଅଲ୍ଲାଃତାଲା ଏହା ବଦଳରେ ଆପଣଙ୍କ ଉପରେ ନିଜର ଅସୀମ କୃପା ଅବତୀର୍ଣ୍ଣ କରନ୍ତୁ ଏବଂ 'ଲିବାସୁତ୍ ତକ୍‌ୱା' (ଧର୍ମନିଷ୍ଠତାର ବସ୍ତ୍ର) ଦ୍ୱାରା ସମ୍ପୂର୍ଣ୍ଣ ଭାବେ ସାଧୁସନ୍ଥଙ୍କ ରଙ୍ଗରେ ଭୂଷିତ କରନ୍ତୁ ।"

**(ଅସ୍‌ହାବେ ଅହମଦ, ଭାଗ-2, ପୃ- 686-687)**

ହୁଜୁର୍ ଅନୱର୍ ଅ.ବ କହିଲେ, ବର୍ତ୍ତମାନ ଏହି ବାହ୍ୟ ବସ୍ତ୍ର ଆପଣ ଅ.ସଙ୍କୁ ଦିଆଗଲା, ତେବେ ଆପଣ ଅ.ସ ତାହାର କୃତଜ୍ଞତା ଜ୍ଞାପନ କରିବା ସହିତ ପ୍ରତ୍ୟୁତ୍ତରରେ କହିଲେ ଯେ, ଅଲ୍ଲାଃତାଲା ଆପଣଙ୍କୁ ଆଧ୍ୟାତ୍ମିକ ପବିତ୍ରତାର ବସ୍ତ୍ର (ଲିବାସୁତ୍ ତକ୍‌ୱା ବା ଧର୍ମନିଷ୍ଠତାର ବସ୍ତ୍ର) ପ୍ରଦାନ କରନ୍ତୁ । ଆମିନ୍ । ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ହ. ମୁନ୍‌ସୀ ଅହମଦ ଜାନ୍ ସାହେବ ର.ଅଙ୍କୁ ନିଜ ପତ୍ରରେ ଉଲ୍ଲେଖ କରନ୍ତି: "ସମ୍ମାନିତ ଭାଇ ମୁନ୍‌ସୀ ଅହମଦ ଜାନ୍ ସାହେବ ! **ଅସ୍‌ସଲାମୁ ଅଲୈକୁମ୍ ଓ ରହମତୁଲ୍ଲାହି ଓ ବରକାତୁହୁ** । ଆପଣଙ୍କ ପତ୍ର ପହଞ୍ଚିଲା (ମିଳିଲା) । ଅଲ୍ଲାଃତାଲାଙ୍କ ଅନୁଗ୍ରହ ଓ ତାହାଙ୍କ ଉପକାରର କୃତଜ୍ଞତା ଜ୍ଞାପନ କରାଯାଇପାରିବ ନାହିଁ । କାରଣ ସେ ଏହି ନଗଣ୍ୟ ବ୍ୟକ୍ତି ପାଇଁ ଏପରି ଅନ୍ତରଙ୍ଗ ବନ୍ଧୁମାନଙ୍କୁ ପ୍ରଦାନ କରିଛନ୍ତି ଯାହାଙ୍କର ଉପସ୍ଥିତି ମୋ ପାଇଁ ଗୌରବର ବିଷୟ  ଅଟେ । ଅଲ୍ଲାଃତାଲା ଆପଣଙ୍କୁ ଖୁସିରେ (ସୁଖୀ) ରଖନ୍ତୁ ଏବଂ ଏହି ଶୁଭେଚ୍ଛାର ପ୍ରତିଫଳ ପ୍ରଦାନ କରନ୍ତୁ ।" ହୁଜୁର୍ ଅନୱର୍ ଅ.ବ କହିଲେ, ଆପଣ ଅ.ସ ଅତ୍ୟନ୍ତ ନମ୍ରତାର ସହିତ କହୁଛନ୍ତି ଯେ, "ଏହି ବିନୀତ ଅତ୍ୟନ୍ତ ଅଯୋଗ୍ୟ ଏବଂ ତୁଚ୍ଛ ଅଟେ । ଏହା ଅଲ୍ଲାଃଙ୍କର ସମ୍ପୂର୍ଣ୍ଣ ଦୟା ଯେ, ସେ ବିନା କୌଣସି ଯୋଗ୍ୟତାରେ ମୋ ଉପରେ ପ୍ରଚୁର କୃପା ବୃଷ୍ଟି ଅବତୀର୍ଣ୍ଣ କରୁଛନ୍ତି । ସେ ମୋର ଭୁଲ୍ ଉପରେ ଭୁଲ୍ ଦେଖୁଛନ୍ତି ଏବଂ ଦୟା ଉପରେ ଦୟା କରୁଛନ୍ତି... ପ୍ରକୃତରେ ସେ ଅତ୍ୟନ୍ତ ଦୟାଳୁ ଅଟନ୍ତି। ମୁଁ କେଉଁଠୁ ଏପରି ଭାଷା ଆଣିବି ଯଦ୍ଦ୍ୱାରାକି ତାହାଙ୍କର କୃତଜ୍ଞତା କରିପାରିବି ? ଏହି ଅଧମ ଓ ବିନୀତ ବ୍ୟକ୍ତି ନିଃସ୍ୱ ଥିଲା, ସେ ମୋତେ ଧୂଳିରୁ ଉଠାଇଲେ ଏବଂ ଅଯୋଗ୍ୟ ଦେଖି ମୋର ଦୋଷ ଢାଙ୍କିଲେ । ମୋର ଦୁର୍ବଳତା ଦେଖି ମୋତେ ଶକ୍ତି ଦେଲେ ଏବଂ ମୋର ଅଜ୍ଞାନତା ଦେଖି ମୋତେ ଜ୍ଞାନ ପ୍ରଦାନ କଲେ । ମୋ ପ୍ରତି ଏପରି ଅପାର କୃପା କଲେ ଯାହାକୁ ମୁଁ ଗଣିପାରିବି ନାହିଁ । ତାହାଙ୍କ କୃପାର ଏକ ପ୍ରକାଶ ହେଉଛି ଯେ, ଆପଣଙ୍କ ପରି ମହାନ ଭାଇମାନଙ୍କ ହୃଦୟରେ ମୋ ପାଇଁ ପ୍ରେମ ଭରିଦେଲେ ।" ହୁଜୁର୍ ଅନୱର୍ ଅ.ବ କହିଲେ, ସାହାଯ୍ୟକାରୀମାନଙ୍କ ପ୍ରତି ଆପଣ ଅ.ସଙ୍କ କୃତଜ୍ଞତାର ଏହା କି ପ୍ରକାରର ପରିପ୍ରକାଶ ? "ତେଣୁ ତାହା(ଅଲ୍ଲାଃତାଲା)ଙ୍କ କୃପା ଉପରେ ଭରସା ରହିଛି ଯେ, ସେ ଏହି ପ୍ରେମକୁ ବୃଦ୍ଧି କରିବେ ଏବଂ ସେହି ସମସ୍ତଙ୍କ ଉପରେ କୃପା ଅବତୀର୍ଣ୍ଣ କରିବେ ଯେଉଁମାନେ ଏହି ସୂତ୍ରରେ ବନ୍ଧା ତଥା ସଂଶ୍ଳିଷ୍ଟ ହୋଇଛନ୍ତି । ଉକ୍ତ ପତ୍ରଟି

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଲେଖିବା ପରେ ଆପଣ ଅ.ସ କୌଣସି ଜଣେ ସାଧୁଙ୍କର ଏକ କବିତା ଐଶୀବାଣୀ ହେଲା ।" ଅତଏବ୍ ଆପଣ ଅ.ସ ଉଲ୍ଲେଖ କରନ୍ତି ଯେ,

ہرگز نمیرد آنکہ دلش زندہ شد بعشق
ثبت است بر جریدۂ عالم دوام ما

(ହରଗିଜ୍ ନମୀରଦ୍ ଆନ୍‌କେ ଦିଲଶ୍ ଜିନ୍ଦା ଶୁଦ୍ ବେ-ଇଶ୍କ
ସବ୍‌ତ୍ ଅସ୍‌ତ୍ ବର୍ ଜରୀଦା ଏ ଆଲମ୍ ଦୱାମେ ମା)

**ଅନୁବାଦ:** ଅର୍ଥାତ୍ ଯାହାର ହୃଦୟ ପ୍ରେମରେ ଜୀବନ୍ତ ହୋଇଯାଇଛି ସେ କେବେ ହେଲେ ମୃତ୍ୟୁବରଣ କରେ ନାହିଁ । ଜଗତର ଇତିହାସ ପୃଷ୍ଠାରେ ଆମର ଅମରତ୍ୱତା ଲିପିବଦ୍ଧ ହୋଇସାରିଛି । **(ମକ୍‌ତୁବାତେ ଅହମଦ, ଗ୍ରନ୍ଥଖଣ୍ଡ-3, ପୃ- 25-26)**

ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ନିଜର ଏକ ପତ୍ରରେ ହ. କାଜୀ ଜହୁରୁଦ୍ଦୀନ୍ ଅକ୍‌ମଲ୍ ସାହେବ ର.ଅଙ୍କୁ ଆପଣ ଅ.ସ ଉଲ୍ଲେଖ କରିଛନ୍ତି ଯେ, ସେ ଆପଣ ଅ.ସଙ୍କୁ କିଛି ପୁସ୍ତକ ପଠାଇଥିଲେ, ହୁଜୁର୍ ଅ.ସ କହିଲେ, କାଜି ସାହେବ !"ଆପଣଙ୍କର ତିନୋଟିଯାକ ପୁସ୍ତକ ଉପହାର ସ୍ୱରୂପ ମୋତେ ମିଳିଲା । **ଯଜାକୁମୁଲ୍ଲାଃହୁ ଖୈରନ୍ ।** ମୁଁ ତିନୋଟିଯାକ ପୁସ୍ତକକୁ ଟିକିଏ ଟିକିଏ ଦେଖିଛି । ଅତ୍ୟନ୍ତ ଉତ୍ତମ ଓ ଯୁକ୍ତିଯୁକ୍ତ ବ୍ୟାଖ୍ୟା ହୋଇଛି । ଅଲ୍ଲାଃତାଲା ଆପଣଙ୍କୁ ଉତ୍ତମ ପ୍ରତିଫଳ ଦିଅନ୍ତୁ । **ଆମିନ୍ ।** ଆପଣଙ୍କୁ ଉପଯୁକ୍ତ ସୁଯୋଗ ଦେଖି ଏହାର ପ୍ରଚାର ତଥା ପ୍ରକାଶନ କରିବା ଉଚିତ୍ । କାରଣ ଏହା ଦ୍ୱାରା ଦ୍ୱିଗୁଣିତ ପୁଣ୍ୟ ମିଳିବ ।" **(ମକ୍‌ତୁବାତେ ଅହମଦ, ଗ୍ରନ୍ଥଖଣ୍ଡ-5, ପୃ- 25-26)**

ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ହ. ମସିହ୍ ମଉଦ୍ ଅ.ସ ଡାକ୍ତର ଖଲିଫା ରଶୀଦୁଦ୍ଦୀନ ସାହେବ ର.ଅଙ୍କୁ ମଧ୍ୟ ଏକ ପତ୍ର ଲେଖିଥିଲେ । ଡାକ୍ତର ଖଲିଫା ରଶିଦୁଦ୍ଦୀନ୍ ସାହେବ ହଜରତ୍ ଖଲିଫିତୁଲ ମସିହ୍ ସାନିଙ୍କ ଶ୍ୱଶୁର ଥିଲେ । "ମୋର ପ୍ରିୟ ଭାଇ ଡାକ୍ତର ଖଲିଫା ରଶୀଦୁଦ୍ଦୀନ୍ ସାହେବ, **ଅସ୍ସଲାମୁ ଅଲୈକୁମ୍** ... ଆପଣ ପଠାଇଥିବା 50 ଟଙ୍କା ମୋତେ ମିଳିଗଲା । ଏପରି କଠିନ ଓ ଆବଶ୍ୟକ ସମୟରେ, ଯେତେବେଳେ ଦୁଷ୍ଟ ଈର୍ଷାଳୁମାନେ ମୋ ବିରୋଧରେ ଆଦାଲତ୍‌ରେ ମକଦ୍ଦମା କରିଛନ୍ତି, ଆପଣଙ୍କର ନିରନ୍ତର ଆର୍ଥିକ ସାହାଯ୍ୟ ଅତ୍ୟନ୍ତ କୃତଜ୍ଞତା ଯୋଗ୍ୟ ଅଟେ ଏବଂ ମୁଁ ଏହି କୃତଜ୍ଞତା ଜ୍ଞାପନ କରି ରିହିପାରିବି ନାହିଁ । **ଯଜାକୁମୁଲ୍ଲାଃହୁ ଖୈରଲ୍ ଯଜା ।** ବର୍ତ୍ତମାନ ମକଦ୍ଦମାର ତାରିଖ 24 ଫେବୃଆରୀ 1899 ମସିହା ଅଟେ । ସମ୍ଭବତଃ ରବିବାର ଦିନ ଈଦ୍ ହେବ। ଏହି ପରିସ୍ଥିତିରେ ପରଦିନ ସୋମବାର ପଠାନକୋଟ୍ ଯିବାକୁ ପଡ଼ିବ । ଅଲ୍ଲାଃ ହିଁ ଅନ୍ତର୍ଯାମୀ ଅଟନ୍ତି । ମୁଁ ଏବେ ସଂକଳ୍ପ କରି ନେଇଛି ଯେ, କିଛି ସମୟ ପର୍ଯ୍ୟନ୍ତ ଆପଣଙ୍କ ପାଇଁ ମୁଁ ପ୍ରାର୍ଥନା କରିବି ।" ଆପଣ ଅ.ସ କୃତଜ୍ଞତା ସ୍ୱରୂପ କହିଲେ, ମୁଁ ଆପଣଙ୍କ ପାଇଁ ପ୍ରାର୍ଥନା କରିବି । "ଅଲ୍ଲାଃତାଲା ଏହି ଦୂରତା ଓ ବିଚ୍ଛେଦରୁ ସକୁଶଳତାର ସହିତ ମୁକ୍ତି ପ୍ରଦାନ କରନ୍ତୁ । **ଆମିନ୍ ସୁମ୍ମା ଆମିନ୍ ।**" (କାରଣ ତାଙ୍କର ପୋଷ୍ଟିଂ ଏକ ଦୂରବର୍ତ୍ତୀ ଅଞ୍ଚଳରେ ହୋଇଥିଲା । ସେ ସେଠାରୁ ଫେରିବାକୁ ଚାହୁଁଥିଲେ ।

**(ମକ୍‌ତୁବାତେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ- 214)**

ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ହ. ସାହେବଜାଦା ସିରାଜୁଲ ହକ୍ ସାହେବ ର.ଅଙ୍କୁ ଏକ ପତ୍ରରେ ଆପଣ ଅ.ସ କୁହନ୍ତି: "ମୋର ଆଦରଣୀୟ ଭାଇ ସାହେବଜାଦା ସିରାଜୁଲ ହକ୍ ସାହେବ ! **ଅସ୍ସଲାମୁ ଅଲୈକୁମ୍ ।** ଆପଣଙ୍କ ପତ୍ର ପହଞ୍ଚିଲା । ଆପଣ ଉପହାର ସ୍ୱରୂପ ଯେଉଁ ପଗଡ଼ି ଏବଂ ଅତର ମୋତେ ପ୍ରଦାନ କରିଛନ୍ତି ସେହି ବନ୍ଧୁତ୍ୱପୂର୍ଣ୍ଣ ଉପହାର ପାଇଁ ମୁଁ ଆପଣଙ୍କ ନିକଟରେ କୃତଜ୍ଞ । **ଯଜାକୁମୁଲ୍ଲାଃହୁ ଖୈରଲ୍ ଯଜା ଓ ଅହସନା ଇଲୈକୁମ୍ ଫିଦ୍ ଦୁନିୟା ୱଲ୍ ଉକ୍‌ବା ।** ଅଲ୍ଲାଃତାଲା ଆପଣଙ୍କୁ ବହୁତ ସୁଖୀ ରଖନ୍ତୁ ଏବଂ ଦୁନିଆ ଓ ଧର୍ମର ସମସ୍ତ ବିପଦ ଆପଦରୁ ରକ୍ଷା କରନ୍ତୁ । **ଆମିନ୍ ।**"

**(ମକ୍‌ତୁବାତେ ଅହମଦ, ଗ୍ରନ୍ଥଖଣ୍ଡ-3, ପୃ- 110)**

ହୁଜୁର୍ ଅନୱର୍ ଅ.ବ କହିଲେ, କୃତଜ୍ଞତା ସହିତ ଆପଣ ଅ.ସ ତାଙ୍କ ପାଇଁ ଏବଂ ଧାର୍ମିକ ଉନ୍ନତି ପାଇଁ ମଧ୍ୟ ପ୍ରାର୍ଥନା କରୁଥିଲେ । ସୟେଦ ମହମୁଦ୍ ଆଲମ୍ ସାହେବ ବର୍ଣ୍ଣନା କରନ୍ତି ଯେ, "ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅ କହୁଥିଲେ ଯେ, ଯେତେବେଳେ ହ. ମସିହ୍ ମଉଦ୍ ଅ.ସ ଆରବୀ ଭାଷାରେ 'ଈଦୁଲ୍ ଆଜ୍‌ହା'ର ଖୁତ୍‌ବା (ଉଦ୍‌ବୋଧନ) ପାଠ କରିଥିଲେ... ଏବଂ ପରେ ଯେତେବେଳେ ଏହାର ଅନୁଭୂତି ସଂପର୍କରେ ପଚରାଗଲା ସେତେବେଳେ ହୁଜୁର୍ ଅ.ସ କହିଲେ, 'ଦେବଦୂତମାନେ ମୋ ସମ୍ମୁଖରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥିବା ଫଳକ ଆଣୁଥିଲେ । ଯାହାକୁ ଦେଖି ମୁଁ ପଢ଼ି ଚାଲିଥିଲି । ଗୋଟିଏ ଫଳକ ଶେଷ ହେଲେ ଅନ୍ୟଟି ଆସୁଥିଲା ଏବଂ ପ୍ରଥମଟି ଚାଲି ଯାଉଥିଲା । ଏହିପରି ଫଳକଗୁଡ଼ିକର କ୍ରମ ଚାଲିଥିଲା । ଯେତେବେଳେ ଲେଖୁଥିବା ବ୍ୟକ୍ତି ପୁଣି ପଚାରୁଥିଲେ (କାରଣ ଦୁଇଜଣ ବ୍ୟକ୍ତିଙ୍କୁ ଲେଖିବା ପାଇଁ ବସା ଯାଇଥିଲା) ସେତେବେଳେ ଚାଲିଯାଇଥିବା ଫଳକଟି ପୁଣି ଫେରି ଆସୁଥିଲା । ତାହାକୁ ଦେଖି ମୁଁ ପୁଣି କହି ଦେଉଥିଲି । ଯେତେବେଳେ ଏହି ଭାଷଣଟି ଶେଷ ହେଲା ସେତେବେଳେ ଆପଣ ଅ.ସ କୃତଜ୍ଞତା ସ୍ୱରୂପ ସଜ୍‌ଦା (ସଜ୍‌ଦାଏ ଶୁକ୍ର) କଲେ । ଆପଣ ଅ.ସଙ୍କ ସହିତ ଉପସ୍ଥିତ ସମସ୍ତ ଲୋକମାନେ ମଧ୍ୟ ସଜ୍‌ଦା କଲେ । ସଜ୍‌ଦାରୁ ମୁଣ୍ଡ ଉଠାଇ ହୁଜୁର୍ ଅ.ସ କୁହନ୍ତି ଯେ, 'ଏବେ ମୁଁ ଲାଲ୍ ଅକ୍ଷରରେ ଲେଖା ହୋଇଥିବା ଦେଖିଛି ଯେ, ମୁବାରକ୍ (ଶୁଭ) । ଅର୍ଥାତ୍ ଏହା ଗ୍ରହଣୀୟତା ଓ ସ୍ୱୀକୃତିର ଏକ ନିଦର୍ଶନ (ସଙ୍କେତ) ଅଟେ ।"

**(ତଜ୍‌କିରା, ପୃ- 334-335, ସଂସ୍କରଣ ବର୍ଷ- 2023 ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମିଆଁ ଫିରୋଜ ଦୀନ୍ ସାହେବ ବର୍ଣ୍ଣନା କରନ୍ତି ଯେ: "ହୁଜୁର୍ ଅ.ସ 'ଲେକ୍‌ଚର୍ ସିଆଲକୋଟ୍' ମୀର୍ ହୁସ୍ସାମୁଦ୍ଦୀନ୍ ସାହେବଙ୍କ ଘରର ଛାତ ଉପରେ ଲେଖିଥିଲେ । ଛାତର ଚାରି କାନ୍ଥ ଉପରେ ତିନି ଚାରୋଟି କାଳି ପାତ୍ର ରଖାଯାଇଥିଲା ଏବଂ ଆପଣ ଅ.ସ ବୁଲି ବୁଲି ଲେଖୁଥିଲେ । ପ୍ରାୟ ଅସର୍ ନମାଜ୍ ସମୟ ଥିଲା, ହୁଜୁର୍ ଅ.ସ ବୁଲି ବୁଲି ଲେଖୁଥିଲେ ଏବଂ କେତେବେଳେ କେତେବେଳେ ସଜ୍‌ଦାରେ ପଡ଼ିଯାଉଥିଲେ (ଅର୍ଥାତ୍ ସେହି ସମୟରେ କୌଣସି ବିଶେଷ ବିଷୟ ଅଲ୍ଲାଃ ବୁଝାଉଥିବେ, ତେଣୁ ଆପଣ ଅ.ସ କୃତଜ୍ଞତାମୂଳକ ସଜ୍‌ଦା କରୁଥିଲେ) । ଲେଖୁ ଲେଖୁ ହୁଜୁର୍ ଅ.ସ ଅଟକି ଯାଇ ସଜ୍‌ଦାକୁ ଚାଲିଯାଉଥିଲେ । ଏହି ସମସ୍ତ ଦୃଶ୍ୟ ଆମେ ଆମ ଘର ଛାତ ଉପରେ ଛିଡ଼ା ହୋଇ ଦେଖୁଥିଲୁ । ଆମ ଘର ସେହି ଘର ନିକଟରେ ଏବଂ ଉଚ୍ଚରେ ଥିଲା, ଯେଉଁଥିପାଇଁ ସମସ୍ତ ଦୃଶ୍ୟ ଦେଖାଯାଉଥିଲା ଯେ, କିପରି ଆପଣ ଅ.ସ ପୁସ୍ତକ ଲେଖୁଛନ୍ତି ଏବଂ ସାଙ୍ଗେ ସାଙ୍ଗେ ଅଲ୍ଲାଃଙ୍କୁ କୃତଜ୍ଞତା ମଧ୍ୟ ଜଣାଉଛନ୍ତି ।"

**(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4, ପୃ-375)**

ହୁଜୁର୍ ଅନୱର୍ ଅ.ବ କହିଲେ, ଆପଣ ଅ.ସଙ୍କ କୃତଜ୍ଞତା ଗୁଣର ବର୍ଣ୍ଣନା କରି ଜଣେ ସାହାବି ହ. ଖୈରୁଦ୍ଦୀନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ: "ଥରେ ଆମ ଗ୍ରାମ କାଦିରାବାଦ୍‌କୁ ହ. ମସିହ୍ ମଉଦ୍ ଅ.ସ ଆସିଥିଲେ । ମୋ ମାଆ ତାଜ୍ ବିବି ସାହେବା ଗୋଟିଏ ଥାଳି ଭର୍ତ୍ତି ଚିନି (ଶର୍କରା) ଦେଲେ । ହୁଜୁର୍ ଅ.ସ ସେହି ଚିନି ଆମ ଆଇଙ୍କ କୋଳରେ ଢାଳିଦେଲେ (ସେତେବେଳେ ଆଇ ବସିଥିଲେ) ଏବଂ '**ଯଜାକୁମୁଲ୍ଲାଃ**' କହି ଆମ ପାଇଁ ଦୁଆ କଲେ ।" **(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-3, ପୃ-89)**

ଅବଶିଷ୍ଟାଂଶ .......ପରବର୍ତ୍ତୀ ସଂଖ୍ୟା

**ପାଠକବୃନ୍ଦ ଦୟାକରି ଧ୍ୟାନ ଦିଅନ୍ତୁ**
**ସାପ୍ତାହିକ ବଦରର ସହାୟତା**

ସାପ୍ତାହିକ ବଦରକୁ ଏହି ଗୌରବ ହାସଲ ହୋଇଛି ଯେ, ଏହି ସମ୍ବାଦପତ୍ର ସମ୍ପୂର୍ଣ୍ଣ ରୂପେ ହଜରତ୍ ମୁହମ୍ମଦସ.ଅଙ୍କ ପ୍ରକୃତ ସେବକ ଯୁଗାବତାର ପୁଣ୍ୟଶ୍ଲୋକ ହଜରତ୍ ମସିହ ମଉଦ୍ ଅ.ସଙ୍କ ପବିତ୍ର ଛାତ୍ର ଛାୟା ତଳେ ଗଢ଼ି ଉଠିଛି । ଆରମ୍ଭରୁ ଆଜି ପର୍ଯ୍ୟନ୍ତ ପ୍ରଥମେ ନବୁଓ୍ୱତ୍ (ଅବତାରତ୍ୱ) ଏବଂ ପରେ ଖିଲାଫତ୍ ଅଲା ମିନ୍‌ହାଜେ ନବୁଓ୍ୱତ୍ (ଅବତାରତ୍ୱ ପନ୍ଥାନୁଯାୟୀ ସ୍ଥାପିତ ଖିଲାଫତ୍)ଙ୍କ ନେତୃତ୍ୱରେ ଏହି ସମ୍ବାଦପତ୍ର ପ୍ରଚାରିକ, ସାଂସ୍କାରିକ ଓ ଶିକ୍ଷାଦାନର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ନିଷ୍ଠାର ସହକାରେ ସମ୍ପାଦନ କରି ଆସୁଛି । ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଅନେକ ପବିତ୍ରାତ୍ମାମାନେ ଅହମଦିୟା ସମ୍ପ୍ରଦାୟରେ ସାମିଲ୍ ହୋଇଛନ୍ତି । ଉକ୍ତ ସମ୍ବାଦପତ୍ର ଜରିଆରେ ଖିଲାଫତେ ଅହମଦିୟାଙ୍କ ନିର୍ଦ୍ଦେଶକ୍ରମେ ଅହମଦି ପରିବାରଗୁଡ଼ିକର ଆଧାତ୍ମିକ ସଂସ୍କାର ହେଉଅଛି ଏବଂ ଆଗକୁ ମଧ୍ୟ **ଇନ୍‌ଶାଆଲ୍ଲାହ୍** (ଈଶ୍ୱର ଚାହିଁଲେ) ସଂସ୍କାର ହେଉଥିବ ।

ସମ୍ବାଦପତ୍ରର ପ୍ରସ୍ତୁତି, ପ୍ରକାଶନ, ପ୍ୟାକିଂ ଏବଂ ପଠାଇବାରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥାଏ । କେବଳ ସାଧାରଣ ଗ୍ରାହକ ଶୁଳ୍କରୁ ଏହି ସବୁ ଖର୍ଚ୍ଚ ଭରଣା ଓ ପୂରଣ କରିବା ସମ୍ଭବପର ନୁହେଁ । ତେଣୁ ଏଥିପାଇଁ ବିଶେଷ ସାହାଯ୍ୟ ଓ ସହଯୋଗୀମାନଙ୍କର ଯଥେଷ୍ଟ ଆବଶ୍ୟକତା ରହିଛି । ଅତଏବ୍ ଯେଉଁମାନେ ଯୁଗାବତାର ହ. ମସିହ୍ ମଉଦ୍ ଅ.ସଙ୍କର ଏହି ସମ୍ବାଦପତ୍ରର ଖର୍ଚ୍ଚ ବହନ କରିବାକୁ ଆଗେଇ ଆସିବେ । ଏହି ସମ୍ବାଦପତ୍ରକୁ ସହାୟତା କରୁଥିବା ଲୋକମାନଙ୍କୁ ଈଶ୍ୱର କେବେ ହେଲେ ନିରାଶ କରିବେ ନାହିଁ । କାରଣ ଈଶ୍ୱରଙ୍କ ପ୍ରତିଶ୍ରୁତି ରହିଛି ଯେ, "انی معین من اراد اعانتك" (ଅର୍ଥାତ୍: "ଯିଏ ତୁମକୁ ସାହାଯ୍ୟ କରିବାକୁ ଚାହିଁବ, ମୁଁ ତାକୁ ସାହାଯ୍ୟ କରିବି")। ସାହାଯ୍ୟକାରୀଙ୍କର ସମସ୍ତ ବିଷୟର ରକ୍ଷାକର୍ତ୍ତା ଈଶ୍ୱର ନିଜେ ହେବେ ଏବଂ ନିଜ ପ୍ରତିଶ୍ରୁତି ଅନୁଯାୟୀ ସେମାନଙ୍କର ବାଣିଜ୍ୟ ବ୍ୟବସାୟ, ଚାକିରି, ବଗିଚା, ଫସଲ ଏବଂ ସମ୍ପତ୍ତିରେ ବହୁ ଗୁଣା ବୃଦ୍ଧି କରିବେ ଓ ଅଜସ୍ର କଲ୍ୟାଣ ପ୍ରଦାନ କରିବେ । **ଇନ୍‌ଶାଆଲ୍ଲାଃ ।** ଯେକୌଣସି ପ୍ରକାରର ମାର୍ଗଦର୍ଶନ ପାଇଁ ସାପ୍ତାହିକ ବଦରର ମ୍ୟାନେଜର କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ । ଯୋଗାଯୋଗ ନମ୍ବର: **9815639670**

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No. GDP- 40/2026-2028 Vol. 11 Thursday- 01 Oct 2026 Issue No. 40
ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

## ଗତ ସଂଖ୍ୟାର ପ୍ରକାଶିତ ସିରତ୍ ଖାତମୁନ୍ ନବୀୟୀନ୍ସ.ଅ.ର ଅବିଶିଷ୍ଟାଂଶ

ଅବଶିଷ୍ଟ ରହିଲା ଏହି କଥା ଯେ ପବିତ୍ର କୁରାନ କରୀମରେ ହ. ମସିହ୍ ନାସ୍ରୀ (ଯୀଶୁଖ୍ରୀଷ୍ଟ)ଙ୍କ ପ୍ରଶଂସା କରାଯାଇଛି । ଅତଏବ୍ ତହିଁରୁ ଉପରୋକ୍ତ ଆପତ୍ତିର ସମର୍ଥନରେ କୌଣସି ପ୍ରମାଣ ସିଦ୍ଧ ହୁଏ ନାହିଁ । କାରଣ ପ୍ରଥମତଃ, ହ. ମସିହ୍ ନାସ୍ରୀଙ୍କର ଯେଉଁ ପ୍ରଶଂସା କରାଯାଇଛି ତାହା ଜଣେ ନବୀ (ଈଶ୍ୱରଙ୍କ ଦୂତ) ଭାବରେ କରାଯାଇଛି। ଅର୍ଥାତ୍ 'ଈଶ୍ୱରଙ୍କ ପୁତ୍ର' କିମ୍ବା ସ୍ୱୟଂ 'ଈଶ୍ୱର' ଭାବରେ ନୁହେଁ ଯାହା ଖ୍ରୀଷ୍ଟଧର୍ମର ଦାବି ଅଟେ । ଦ୍ୱିତୀୟତଃ ଏହି ପ୍ରଶଂସା କେବଳ ହ. ମସିହ୍ ନାସ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଓ ବିଶେଷିତ ନୁହେଁ । କାରଣ ପବିତ୍ର କୁରାନ ଶରୀଫ୍ ଅତୀତର ସମସ୍ତ ଅବତାରମାନଙ୍କର ପ୍ରଶଂସା କରିଛି ଏବଂ ସେମାନଙ୍କୁ ଅତ୍ୟନ୍ତ ମହାନ୍ ଓ ସମ୍ମାନସ୍ପଦ ବ୍ୟକ୍ତିତ୍ୱର ଅଧିକାରୀ ଭାବରେ ବିବେଚିତ କରିଛି । କେବଳ ସେତିକି ନୁହେଁ ବରଂ ପବିତ୍ର କୁରାନ ଶରୀଫ୍ ଅତ୍ୟନ୍ତ ଦୃଢ଼ତାର ସହିତ ଏହି ନିୟମକୁ ଉପସ୍ଥାପିତ କରିଛି ଯେ, ବିଶ୍ୱର ସମସ୍ତ ଜାତି ମଧ୍ୟରେ (ପାଖକୁ) ଈଶ୍ୱରଙ୍କ ବାର୍ତ୍ତାବହମାନେ ଆସିଛନ୍ତି । **(ସୁରାଃ ଫାତିର 24)** । ଏହିପରି ଭାବରେ ସେ ମୁସଲମାନମାନଙ୍କ ହୃଦୟରେ ବିଶ୍ୱର ସମସ୍ତ ସମ୍ପ୍ରଦାୟର ମହାପୁରୁଷମାନଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧା ସ୍ଥାପନ କରି ଦେଇଛନ୍ତି । ମାତ୍ର ଏହା ଏକ ସ୍ୱଷ୍ଟ ସତ୍ୟ ରହିଛି ଯେ, ହ. ମସିହ୍‌ଙ୍କର ଈଶ୍ୱରତ୍ୱ ଏବଂ ଖ୍ରୀଷ୍ଟଧର୍ମର ଅନ୍ୟାନ୍ୟ ମୌଳିକ ବିଶ୍ୱାସକୁ ଇସ୍‌ଲାମ୍ ଧର୍ମ ଅତ୍ୟନ୍ତ କଠୋର(ଦୃଢତା)ତାର ସହିତ ପ୍ରତ୍ୟାଖ୍ୟାନ କରିଛି । ଇସ୍‌ଲାମ୍ ଧର୍ମ ଏହା କହିଛି ଯେ, ହ. ମସିହ୍ ଅ.ସ ଜଣେ ମାନବ, ଜଣେ ରସୁଲ (ଅବତାର) ବ୍ୟତୀତ ଅନ୍ୟ କୌଣସି ମର୍ଯ୍ୟାଦା ତାଙ୍କୁ ପ୍ରାପ୍ତ ହୋଇ ନାହିଁ । କାରଣ ହ. ଇସା ଅ.ସ ନିଜ ଜୀବନର ଦିନଗୁଡ଼ିକ ବିତାଇ ଅନ୍ୟ ବାର୍ତ୍ତାବହମାନଙ୍କ ପରି ଇହକାଳ ତ୍ୟାଗ କରିଛନ୍ତି । ଅତଏବ୍ ଖ୍ରୀଷ୍ଟ ଧର୍ମରୁ ପ୍ରଭାବିତ ହୋଇଥିବାର ଆପତ୍ତି ସମ୍ପୂର୍ଣ୍ଣ ଭୁଲ୍ ଏବଂ ଅସତ୍ୟ ଅଟେ ।

ଯଦି ଏହା କୁହାଯାଏ ଯେ, ଖ୍ରୀଷ୍ଟଧର୍ମର କେତେକ ଧାର୍ମିକ ଓ ନୈତିକ ଶିକ୍ଷା ଇସ୍‌ଲାମ୍ ଧର୍ମରେ ମଧ୍ୟ ଦେଖିବାକୁ ମିଳିଥାଏ । ଏହି ଧାର୍ମିକ ତଥା ନୈତିକ ଶିକ୍ଷା ଦ୍ୱାରା ମନରେ ଏହି ଧାରଣା ସୃଷ୍ଟି ହୋଇପାରେ ଯେ, ଇସ୍‌ଲାମ୍ ଧର୍ମ ଏହି ଶିକ୍ଷାଗୁଡ଼ିକୁ ଖ୍ରୀଷ୍ଟଧର୍ମରୁ ଗ୍ରହଣ କରିଛି । ତେବେ ଏହା ମଧ୍ୟ ଏକ ନିରର୍ଥକ ଆପତ୍ତି ହେବ । କାରଣ ପ୍ରଥମତଃ, ଯେତେବେଳେ ଇସଲାମ୍ ଧର୍ମ ଏବଂ ବର୍ତ୍ତମାନର ଖ୍ରୀଷ୍ଟ ଧର୍ମର ଅନେକ ମୌଳିକ ଶିକ୍ଷା ପରସ୍ପର ଠାରୁ ସମ୍ପୂର୍ଣ୍ଣ ଓ ଭିନ୍ନ ଅଟେ ସେତେବେଳେ କୌଣସି ଗୌଣ କିମ୍ବା ଆଂଶିକ ଭାଗରେ ଏହି ଦୁଇ ଶିକ୍ଷାର ସମାନତାକୁ କଦାପି ଏହାର ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ଯେ, ଗୋଟିଏ ଶିକ୍ଷା ଅନ୍ୟ ଧର୍ମ ଠାରୁ ନିଆଯାଇଛି । ଦ୍ୱିତୀୟତଃ ଯେତେବେଳେ, ଇସ୍‌ଲାମ୍ ଧର୍ମ ହ. ମସିହ୍ ଅ.ସଙ୍କୁ ଈଶ୍ୱରଙ୍କର ଜଣେ ମନୋନୀତ ବାର୍ତ୍ତାବହ ବୋଲି ସ୍ୱୀକାର କରେ ଏବଂ ଯୁଗାବତା ସ୍ୱୟଂ ମଧ୍ୟ ଈଶ୍ୱରଙ୍କ ତରଫରୁ ଆସିଥିବାର ଦାବି କରେ । ତେବେ ଏକା ଉତ୍ସରୁ ବାହାରିଥିବା କାରଣରୁ ଇସ୍‌ଲାମ୍ ଧର୍ମ ଓ ଖ୍ରୀଷ୍ଟଧର୍ମର କେତେକ ଶିକ୍ଷା ପରସ୍ପର ସହ ସମାନ ହେବା ସ୍ୱାଭାବିକ ଥିଲା । କାରଣ ସେ ଯାହା ହେଉନା କାହିଁକି ମାର୍ଗଦର୍ଶନର ନିୟମ ପ୍ରତ୍ୟେକ ଯୁଗ ଓ ପ୍ରତ୍ୟେକ ଜାତି ପାଇଁ ସମାନ ଅଟେ । ତୃତୀୟତଃ ପବିତ୍ର କୁରଆନ୍ କରୀମ୍ ସ୍ୱୟଂ ଉକ୍ତ କଥାର ଦାବି କରେ ଯେ, ଇସ୍‌ଲାମ୍ ଧର୍ମ ନିଜ ଭିତରେ ଅତୀତର ସମସ୍ତ ଶିକ୍ଷାର ଶାଶ୍ୱତ ସତ୍ୟଗୁଡ଼ିକୁ ଏକତ୍ରିତ କରିଛି । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: فِيْهَا كُتُبٌ قَيِّمَةٌ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ମଧ୍ୟରେ ଅତୀତର ସମସ୍ତ ଧର୍ମ ଗ୍ରନ୍ଥର ଦୃଢ଼ ଓ ସ୍ଥାୟୀ ବିଷୟବସ୍ତୁଗୁଡ଼ିକୁ ଏକତ୍ରିତ କରାଯାଇଛି । ତେଣୁ ଏହି ଦୃଷ୍ଟିକୋଣରୁ ମଧ୍ୟ ଖ୍ରୀଷ୍ଟଧର୍ମର କୌଣସି ସ୍ୱତନ୍ତ୍ର୍ୟତା ଓ ବୈଶିଷ୍ଟ୍ୟତା ପ୍ରମାଣିତ ହୁଏ ନାହିଁ ।

ଏଠାରେ ଏହା ମଧ୍ୟ ଉଲ୍ଲେଖ କରିଦେବା ଆବଶ୍ୟକ ଯେ, ପବିତ୍ର କୁରଆନ୍ କରୀମ୍ ନିଜର ଏହି ବୈଶିଷ୍ଟ୍ୟତାକୁ ଏହିପରି ପ୍ରତିପାଦିତ କରିଛି ଯେ, ଏଥିରେ ଅର୍ଥାତ୍ ଉକ୍ତ ଗ୍ରନ୍ଥରେ ଅତୀତର ଶିକ୍ଷାଗୁଡ଼ିକର ସମସ୍ତ ଶାଶ୍ୱତ ତଥା ସାର୍ବକାଳୀନ ସତ୍ୟ ଏବଂ ଦୃଢ଼ ଓ ସ୍ଥାୟୀ ପ୍ରସଙ୍ଗଗୁଡ଼ିକୁ ସାମିଲ୍ କରାଯାଇଛି । ସେହି ପ୍ରସଙ୍ଗଗୁଡ଼ିକୁ ଅତ୍ୟନ୍ତ ଚମତ୍କୃତ ଶୈଳୀରେ ଉପସ୍ଥାପନ କରାଯାଇଛି । ଅତଏବ୍ ସେହି ଦୃଷ୍ଟିକୋଣରୁ ଏହାକୁ ଯେପରି ଏକ ମହୁମାଛି ସହିତ ତୁଳନା କରାଯାଇଛି । ଯାହା ପ୍ରତ୍ୟେକ ପ୍ରକାରର ଫଳ ଓ ପୁଷ୍ପ (ଫୁଲ)ରୁ ତାହାର ନିର୍ଯାସ (ରସ ସଂଗ୍ରହ) ନେଇ ସୂକ୍ଷ୍ମାତିସୂକ୍ଷ୍ମ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ଏକ ଅତ୍ୟନ୍ତ ସ୍ୱାଦିଷ୍ଟ ଓ ନିର୍ମଳ ଜିନିଷ (ମହୁ) ପ୍ରସ୍ତୁତ କରିଥାଏ । ଏହି ମଧୁ ବା ମହୁ ନାନା ଫଳ ଓ ଫୁଲର ନିର୍ଯାସ ହୋଇଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ଭାବେ ଏକ ନୂତନ ଜିନିଷ ହୋଇଥାଏ । ଏହାକୁ କୌଣସି ନିର୍ଦ୍ଦିଷ୍ଟ ଫଳ କିମ୍ବା ନିର୍ଦ୍ଦିଷ୍ଟ ଫୁଲ ସହିତ ଯୋଡ଼ାଯାଇ ପାରିବ ନାହିଁ । ଏହା ବ୍ୟତୀତ ପବିତ୍ର କୁରଆନ୍ ଶରୀଫ୍ କେବଳ ଅତୀତର ଗ୍ରନ୍ଥଗୁଡ଼ିକରୁ ସେଗୁଡ଼ିକର ଦୃଢ଼ ଶିକ୍ଷାକୁ ଗ୍ରହଣ କରି ନାହିଁ ବରଂ ଯେହେତୁ ତାହା ଏକ ଶାଶ୍ୱତ ଶରିୟତ୍ (ଧର୍ମବିଧାନ)ର ଧାରକ ଅଟେ ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

## ସିରତୁଲ୍ ମେହ୍‌ଦୀ
### (ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

ତଦନୁସାରେ ବିନୀତ ସ୍ୱୟଂ ମଧ୍ୟ ପିଲାଦିନେ ଅନେକ ଥର ଖଗଡ଼ା ଦ୍ୱାରା ନିଜ ହାତକୁ ଆହତ କରିଥିବାର ଅଭିଜ୍ଞତା ରହିଛି (ହାତ କାଟି ଦେଇଛି) । ପୁନଶ୍ଚ ଏକ ଚଢ଼େଇ ଭଳି ଜୀବର ଚମଡ଼ା ତ' ଏତେ କୋମଳ ହୋଇଥାଏ ଯେ ଟିକିଏ ଆଘାତରେ ତାହା କଟିଯାଏ।

ଦ୍ୱିତୀୟ କଥା ଯାହା ଏହି ବର୍ଣ୍ଣନା (ରିୱାୟତ୍)ରେ ଉଲ୍ଲେଖନୀୟ ଅଟେ ତାହା 'ସିନ୍ଧୀ' ଶବ୍ଦ ସହ ଜଡ଼ିତ ଅଟେ । ଅର୍ଥାତ୍ ଉକ୍ତ ଶବ୍ଦରୁ କ'ଣ ଅଭିପ୍ରାୟ ଅଟେ ଏବଂ ସେହି ସ୍ତ୍ରୀଲୋକମାନେ କିଏ ଥିଲେ ଯେଉଁମାନେ ମାତାଶ୍ରୀଙ୍କ ସମ୍ମୁଖରେ ହ. ମସିହ୍ ମଉଦ୍ ଅ.ସଙ୍କ ସମ୍ବନ୍ଧରେ ଏହି ଶବ୍ଦ ପ୍ରୟୋଗ କରିଥିଲେ । ତେବେ ବର୍ଣ୍ଣନା କରୁଥିବା ସ୍ତ୍ରୀଲୋକମାନଙ୍କ ବିଷୟରେ ମୁଁ ମାତାଶ୍ରୀଙ୍କୁ ପଚାରିଥିଲି । ସେ କୁହନ୍ତି ଯେ, ମୋତେ ଜଣା ନାହିଁ ଯେ, ସେମାନେ କେଉଁ ସ୍ତ୍ରୀଲୋକ ଥିଲେ ? ମୋତେ କେବଳ ଏତିକି ଜଣାଅଛି ଯେ, ସେମାନେ ବାହାରୁ କାଦିୟାନ୍ ଆସିଥିଲେ । 'ଆଏମା' (Aima) ଜିଲ୍ଲା ହୋଶିଆର୍‌ପୁରରୁ ଆସିଥିବା କଥା କହୁଥିଲେ । ଏହା ବ୍ୟତୀତ ମୋତେ ସେମାନଙ୍କ ବିଷୟରେ କିଛି ଅଧିକ ଜଣା ନାହିଁ । 'ସିନ୍ଧୀ' ଶବ୍ଦ ବିଷୟରେ ବିନୀତ କହୁଛି ଯେ, ମୁଁ ଏହି ଶବ୍ଦ ବିଷୟରେ ଅଧିକ ଗବେଷଣା କରିଛି । ଉକ୍ତ ଶବ୍ଦଟି ମୂଳତଃ ହିନ୍ଦୀ ଅଟେ। ଏହାର ଅର୍ଥ 'ଉପଯୁକ୍ତ ସମୟ' କିମ୍ବା 'ସନ୍ଧି କିମ୍ବା 'ଯୋଡ଼ା ମେଳକ' ଅଟେ । ତେଣୁ ଯଦି ଏହି ବର୍ଣ୍ଣନା ସତ୍ୟ ହୋଇଥାଏ ତେବେ ଶୈଶବରେ ହ. ମସିହ୍ ମଉଦ୍ ଅ.ସଙ୍କ ସଂପର୍କରେ ଏହି ଶବ୍ଦ କେବେ କେବେ ବ୍ୟବହାର ହେବାରେ ଈଶ୍ୱରଙ୍କ ତରଫରୁ ଏହି ସଙ୍କେତ ବୋଲି ଜଣାପଡ଼େ । ଅର୍ଥାତ୍ ଏ ହେଉଛି ସେହି ବ୍ୟକ୍ତି ଯିଏ ଠିକ୍ ସମୟରେ ଆସିବାର ଥିଲେ, କିମ୍ବା ଏ ହେଉଛି ସେହି ବ୍ୟକ୍ତି ଯିଏ ଈଶ୍ୱରଙ୍କ ତରଫରୁ ଶାନ୍ତି ଓ ସନ୍ଧିର ସନ୍ଦେଶ ବହନ କରି ଆସିବେ (ହଦିସ୍ 'ୟଜଉଲ୍ ହର୍ବ' ଦେଖନ୍ତୁ) କିମ୍ବା ଏହା ଯେ, ଏହି ବ୍ୟକ୍ତି ଲୋକମାନଙ୍କୁ ଈଶ୍ୱରଙ୍କ ସହିତ ଯୋଡ଼ିବା ବା ମିଳାଇବା ବ୍ୟକ୍ତି ହେବ । ଅବା ଏହି ବ୍ୟକ୍ତି ସ୍ୱୟଂ ନିଜ ଜନ୍ମରେ ଯୁଗ୍ମଜ (ଯାଆଁଳା/Twin) ହୋଇ ଜନ୍ମ ହେବେ । ଅତଃ ମସିହ୍ ମଉଦ୍‌ଙ୍କ ସଂପର୍କରେ ଏହି ଭବିଷ୍ୟବାଣୀ ମଧ୍ୟ ଥିଲା ଯେ, ସେ ଯୋଡ଼ା ହୋଇ ଜନ୍ମ ହେବେ)। ତେଣୁ ଯଦି ଏହି ବର୍ଣ୍ଣନା ସତ୍ୟ ତେବେ ମୁଁ ଭାବୁଛି ଯେ, ତାହା ଏହିସବୁ ଇଙ୍ଗିତର ଉଦ୍ଦେଶ୍ୟରେ ହିଁ ଅଛି । ୱାଲ୍ଲାଃହୁ ଆଲମ୍ (ଈଶ୍ୱର ହିଁ ସର୍ବଜ୍ଞ ଓ ଅନ୍ତର୍ଯାମୀ)।

ଅବଶିଷ୍ଟ ରହିଲା କୌଣସି ଶତ୍ରୁଙ୍କର ଏହି ଉପହାସ କରିବା ଯେ, ଯେପରି ହ. ମସିହ୍ ମଉଦ୍ ଅ.ସଙ୍କ ନାମ ହିଁ 'ସିନ୍ଧୀ' ଥିଲା । ତେବେ ନୀତିଗତ ଭାବେ ଏହାର ଉତ୍ତର ହେଉଛି ଯେ, ଯେପର୍ଯ୍ୟନ୍ତ କୌଣସି ନାମରେ ଧର୍ମ ବିରୋଧୀ କିମ୍ବା ନୈତିକତା ବିରୋଧୀ କୌଣସି କଥା ନାହିଁ ସେପର୍ଯ୍ୟନ୍ତ କୌଣସି ସଜ୍ଜନ ବ୍ୟକ୍ତି ଏହା ଉପରେ ଆପତ୍ତି କରିପାରିବେ ନାହିଁ । ଅତୀତର ନବୀମାନଙ୍କର ଯେଉଁ ନାମସବୁ ରହିଛି ସେଗୁଡ଼ିକ ମଧ୍ୟ ଶେଷରେ କୌଣସି ନା କୌଣସି ଭାଷାର ଶବ୍ଦ ଅଟେ । ଅତି କମରେ କେତେକ ନାମ ବିଷୟରେ ଆମେମାନେ କହିପାରିବା ନାହିଁ ଯେ, ସେଗୁଡ଼ିକର ଅର୍ଥ କ'ଣ ଅଟେ? ପୁଣି ଯଦି ଧରିନିଆଯାଏ ଯେ, ହ. ମସିହ୍ ମଉଦ୍ ଅ.ସ କୌଣସି ମୂଳ ହିନ୍ଦୀ ନାମ ପାଇଗଲେ ତେବେ ସେଥିରେ ଅସୁବିଧା ବା କ୍ଷତି କ'ଣ ? କିନ୍ତୁ ବାସ୍ତବତା ହେଉଛି ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ସମ୍ପୂର୍ଣ୍ଣ ମିଥ୍ୟାରୋପ ଅଟେ ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ନାମ 'ସିନ୍ଧୀ' ଥିଲା । ଯଦି କୌଣସି ବିରୋଧୀ କିମ୍ବା ଶତ୍ରୁଙ୍କ ପାଖରେ ଏହାର କୌଣସି ପ୍ରମାଣ ଅଛି ତେବେ ସେମାନେ ସାହସୀ ହୋଇ ସାମ୍ନାକୁ ଆସନ୍ତୁ ଏବଂ ତାହା ଉପସ୍ଥାପନ କରନ୍ତୁ। ନଚେତ୍ ଈଶ୍ୱରଙ୍କ ସେହି ଚେତାବନୀକୁ ଡରନ୍ତୁ ଯାହା ମିଥ୍ୟାଚାରୀମାନଙ୍କ ପାଇଁ ଅଭିଶାପ ଆକାରରେ ନିର୍ଦ୍ଧାରିତ ଅଟେ । ବାସ୍ତବତା ଏହା ହିଁ ଯାହାକୁ ସମଗ୍ର ବିଶ୍ୱ ଜାଣେ ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ନାମ 'ମିର୍ଜା ଗୁଲାମ୍ ଅହମଦ୍' ଥିଲା । ଯଥା: (1) ଏହି ନାମ ଆପଣଙ୍କ ପିତାମାତା ରଖିଥିଲେ ଅର୍ଥାତ୍ ପିତୃ ଦତ୍ତ ଥିଲା (2) ଏହି ନାମରେ ଆପଣ ଅ.ସଙ୍କ ପିତା ଆପଣଙ୍କୁ ସଦାସର୍ବଦା ଡାକୁଥିଲେ, (3) ଏହି ନାମରେ ସମସ୍ତ ବନ୍ଧୁ ଓ ଶତ୍ରୁ ଆପଣଙ୍କୁ ମନେ ପକାଉଥିଲେ (ଡାକୁଥିଲେ) (4) ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ସିୟାଲକୋଟ୍ ଚାକିରି (1864 ରୁ 1868)ର କେତେକ ସରକାରୀ କାଗଜ ପତ୍ର ଦେଖିଛି । ଏପର୍ଯ୍ୟନ୍ତ ତାହା ସୁରକ୍ଷିତ ଅଛି । ସେଥିରେ ମଧ୍ୟ ଏହି ନାମ ଦରଜ୍ ରହିଛି। (5) ଏହି ନାମ ଆଧାରରେ ( ନାଁକୁ ଆୟୁକ୍ତ କରି) ଜେଜେବାପା (ଦଦା) ନିଜେ ବସାଇଥିବା ଗୋଟିଏ ଗ୍ରାମର ନାମ 'ଅହମଦାବାଦ୍' ରଖିଥିଲେ । (6) ଜେଜେ ବାପାଙ୍କ ଦେହାନ୍ତ ପରେ ସେହି ନାଁ ହଜରତ୍ ମସିହ ମଉଦ୍ ଅ.ସଙ୍କ ମସିହ୍ ଦାବିର 14 ବର୍ଷ ପୂର୍ବରୁ 1876 ମସିହାରେ ହୋଇଥିଲା। ଯେତେବେଳେ ରାଜସ୍ୱ କାଗଜପତ୍ର (ଜମିଜମା)ରେ ଆମ ବଡ଼ବାପା ଏବଂ ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନାମରେ ସମ୍ପତ୍ତିର ନାମାନ୍ତରଣ (Transfer) ଦରଜ୍ ହେଲା ସେତେବେଳେ ମଧ୍ୟ 'ଗୁଲାମ୍ ଅହମଦ' ନାମ ହିଁ ଦରଜ୍ ହୋଇଥିଲା ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan